୨୬ତମ ପ୍ରତିଷ୍ଠା ଦିବସ ସମାରୋହ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବର କାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK — ପର୍ଯ୍ୟବେକ୍ଷକ

Vol.26 . No.303 Bhubaneswar Thursday January 16 2025 | ୨୬ତମ ବର୍ଷ ସଂଖ୍ୟା-୩୦୩ ଭୁବନେଶ୍ୱର, ଗୁରୁବାର, ଜାନୁଆରୀ ୧୬, ୨୦୨୫ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹ 1.50 (Air Surcharge - 0.50P) Member-INS

## ୨ ଅଙ୍ଗନାବାଡି କେନ୍ଦ୍ରର ନାହିଁ ନିଜସ୍ୱ କୋଠା, ହୋଇପାରୁନି ପିଲାଙ୍କ ପାଠପଢା

ଭୁବନେଶ୍ୱର,୧୫।୧(ପି.ଏନ): ଶିଶୁ ମାନଙ୍କର ବିକାଶ ପାଇଁ ଅଙ୍ଗନବାଡି କେନ୍ଦ୍ର ଖୋଲାଯାଇଛି । ସରକାର ଏଥିପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି । ହେଲେ ବଲାଙ୍ଗୀର ଜିଲ୍ଲା ମୁରିବାହାଲ ବ୍ଲକ ବ୍ରାହ୍ମଣୀ ଗାଁରେ ଥିବା ୨ଟି ଅଙ୍ଗନବାଡି କେନ୍ଦ୍ରର ନିଜସ୍ୱ କୋଠା ନାହିଁ । ଫଳରେ କୁନି କୁନି ପିଲାମାନଙ୍କ ପାଠପଢାରେ ବ୍ୟାଘାତ ସୃଷ୍ଟି ହେଉଛି। ୧୪ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଅଙ୍ଗନବାଡି କୋଠା ନିର୍ମାଣ ଚାଲିଥିଲେ ବି ତାହା ୨ ବର୍ଷ ହେଲା ଅଧପନ୍ତରିଆ ଭାବେ ପଡିରହିଛି । ବଲାଙ୍ଗୀର ଜିଲ୍ଲା ମୁରିବାହାଲ ବ୍ଲକ ଲଖନା ପଂଚାୟତର ବ୍ରାହ୍ମଣୀ ଗାଁ । ଗାଁରେ କୋମଳ ମତି ଶିଶୁ ମାନଙ୍କର ବିକାଶ ପାଇଁ ୨ଟି ଅଙ୍ଗନବାଡି କେନ୍ଦ୍ର ରହିଛି । ହେଲେ ପରିତାପର ବିଷୟ ୨ଟି ଅଙ୍ଗନବାଡି କେନ୍ଦ୍ରର ନିଜସ୍ୱ କୋଠା ନାହିଁ । ସ୍ଥାନୀୟ ଲୋକେ ସ୍କୁଲକୁ ଅନୁରୋଧ କରିବାରୁ



ଏକ ଛୋଟିଆ ଶ୍ରେଣୀ ଗୃହ ମିଳିଛି । ହେଲେ ସେ କୋଠରୀରେ ମାଆ ମାନଙ୍କ ଟୀକାକରଣ ହେଉଛି । ଫଳରେ କୁନି କୁନି ପିଲାମାନଙ୍କ ପାଠପଢାରେ ବ୍ୟାଘାତ ସୃଷ୍ଟି ହେଉଛି । ଏନେଇ ଗ୍ରାମବାସୀ ବିଭାଗୀୟ ଅଧିକାରୀ ମାନଙ୍କୁ ଅଭିଯୋଗ କରିଥିଲେ ମଧ କେହି ଧ୍ୟାନ ଦେଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ଏପଟେ ୧୪ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ୨ଟି ଅଙ୍ଗନବାଡି କେନ୍ଦ୍ର କୋଠା ନିର୍ମାଣ ଚାଲିଛି । ଯାହାକି ଦୀର୍ଘ ୨ ବର୍ଷ ପରେ ମଧ୍ଯ ସଂପୂର୍ଣ୍ଣ ହୋଇପାରୁନାହିଁ । ଫଳରେ ଛୋଟ ପିଲାମାନେ ଅସୁରକ୍ଷିତ ଅବସ୍ଥାରେ ବସି ପାଠ ପଢୁଛନ୍ତି । ଏନେଇ ଗ୍ରାମବାସୀ ଅନେକ ଥର ବିଡିଓ , ବିଧାୟକଙ୍କୁ ଜଣାଇଥିଲେ ମଧ ସୁଫଳ ମିଳିପାରିନାହିଁ । ଏଠି ପ୍ରଶ୍ନ ଉଠୁଛି ଅଙ୍ଗନୱାଡି କୋଠା ସମ୍ପୂର୍ଣ୍ଣ ନହେବାର କାରଣ କଣ ? ବିଭାଗୀୟ ଅଧିକାରୀଙ୍କ ନଜରରେ ଅଛି ନା ନାହିଁ । ସେପଟେ ଅର୍ଦ୍ଧନିର୍ମିତ ଅଙ୍ଗନୱାଡି କେନ୍ଦ୍ରକୁ ଖୁବଶୀଘ୍ର ସମ୍ପୂର୍ଣ୍ଣ କରି ଦେବାକୁ ପ୍ରତିଶୃତି ଦେଇଛନ୍ତି ମୁରିବାହାଲ ସିଡିପିଓ । ତେବେ ଦେଖିବାକୁ ବାକି ରହିଲା ପ୍ରଶାସନ କେତେ ଶୀଘ୍ର ଏହି ଦାବି ପୂରଣ କରିବାକୁ ସମର୍ଥ ହେଉଛନ୍ତି ଏବଂ କୋମଳ ମତି ଶିଶୁ ମାନେ ଅଙ୍ଗନୱାଡି କେନ୍ଦ୍ରରେ ପାଠ ପଢୁଛନ୍ତି ।

## ସିବିଆଇ ତଦନ୍ତ ନେଇ ମୁହଁ ଖୋଲିଲେ ଦୀପାଳି, ମୋହନ ସରକାରଙ୍କୁ କଲେ ପ୍ରଶ୍ନ

ଭୁବନେଶ୍ୱର,୧୫।୧(ପି.ଏନ): ପୂର୍ବତନ ମନ୍ତ୍ରୀ ନବ ଦାସ ହତ୍ୟା ମାମଲାରେ ମୁହଁ ଖୋଲିଛନ୍ତି ଝିଅ ଦୀପାଳି ଦାସ। ଭାଜପା ନେତାମାନେ ବାରମ୍ବାର ଏହି ପ୍ରସଙ୍ଗ ଉଠାଉଥିବାରୁ ଅସନ୍ତୋଷ ପ୍ରକାଶ କରିଛନ୍ତି ଦୀପାଳି। ଏଥିସହିତ ସେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ପ୍ରଶ୍ନ ମଧ କରିଛନ୍ତି ।ଦୀପାଳି କହିଛନ୍ତି, "ଗତ ବିଧାନସଭାରେ ୨ ଜଣ ବିଧାୟକ ଏହି ପ୍ରସଙ୍ଗ ଉଠାଇଥିଲେ। ଏବେ ମୁଁ କାହିଁକି ଉଈଓ ତଦନ୍ତ ଦାବି କରୁନି ବୋଲି ଗଣମାଧ୍ୟମରେ କହୁଛନ୍ତି। ତେବେ ମୋହନ ସରକାରଙ୍କୁ ଅନୁରୋଧ ଉଈଓ ତଦନ୍ତ କରାଇବେ କି ?" ସେ ପ୍ରଶ୍ନ



କରିଛନ୍ତି ।ସେ ଆହୁରି କହିଛନ୍ତି, "ଆମ ପରିବାରକୁ ଆକ୍ଷେପ କରାଯାଉଛି, ସେମାନେ ଆମ ସହ ଠିଆ ହେବେକି। ମୋ ଭାଇକୁ ବିନା ୱାରେଣ୍ଟିରେ ଛତିଶଗଡ଼ରେ ଅଟକ ରଖିଲେ। ଏପଟେ ଆଜି ମୋ ବାପାଙ୍କ ହତ୍ୟାକାଣ୍ଡର ତଦନ୍ତ ପାଇଁ ଲେଖା ମାଗୁଛନ୍ତି। ତେଣୁ ମୁ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରୁଛି ଆମକୁ ଡାକି ଆଲୋଚନା କରି ଆଗକୁ ବଢ଼ନ୍ତୁ। "

## ଓଡ଼ିଶାରେ ଜାତୀୟ ଶିକ୍ଷା ନୀତି (ଏନଇପି)୨୦୨୦ ଲାଗୁ ପାଇଁ ବିଜ୍ଞପ୍ତି

ଭୁବନେଶ୍ୱର,୧୫।୧: ଭାରତ ସରକାର ଶିକ୍ଷା ମନ୍ତ୍ରଣାଳୟ ଦ୍ୱାରା ଜାରି କରାଯାଇଥିବା ଜାତୀୟ ଶିକ୍ଷା ନୀତି ୨୦୨୦ କୁ ରାଜ୍ୟରେ କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ଓଡିଶା ସରକାର। ଏନେଇ ଗଣଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ରାଜ୍ୟରେ ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ଏହି ନିଷ୍ପତ୍ତି ନିଆଯାଇଥିବା କୁହାଯାଇଛି। ତେବେ ଓଡିଶା ପାଇଁ କରିକୁଲମ୍ ? ପ୍ରସ୍ତୁତି ବେଳେ ଆଞ୍ଚଳିକ ବିଷୟବସ୍ତୁକୁ ବିଚାରକୁ ନିଆଯିବ ।ସରକାର କହିଛନ୍ତି ଯେ, ଏହା ୨୦୨୪-୨୫ ଶିକ୍ଷାବର୍ଷରୁ ଜାତୀୟ ଶିକ୍ଷା ନୀତି ୨୦୨୦ କାର୍ଯ୍ୟକାରୀ ହେବ। ଯାହାର ଲକ୍ଷ୍ୟ ହେଉଛି ରାଜ୍ୟର ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ଏବଂ



ଗବେଷଣା, ନବସୃଜନ ଏବଂ ବ୍ୟବହାରିକ ଶିକ୍ଷା ଉପରେ ବିଶେଷ ଗୁରୁତ୍ୱ ଦେବା ।ଘରଚ ୨୦୨୦ ଶିକ୍ଷ ଇଣ୍ଟର୍ଣ୍ଣସିପ୍ ମାଧ୍ୟମରେ ଦକ୍ଷତା ବିକାଶ ଉପରେ ମଧ ଧ୍ୟାନ ଦିଏ, ଯାହା ନିଶ୍ଚିତ କରେ ଯେ ଶିକ୍ଷାଗତ କାର୍ଯ୍ୟକ୍ରମଗୁଡ଼ିକ ନିଯୁକ୍ତି ସୁଯୋଗ ଏବଂ ଚାକିରି ବଜାରର ଚାହିଦା ସହିତ ସମନ୍ୱିତ ।ସୂତ୍ର ଅନୁସାରେ ଓଡ଼ିଶାରେ ଜାତୀୟ ଶିକ୍ଷା ନୀତି ୨୦୨୦ କାର୍ଯ୍ୟକାରୀ କରିବା ପାଇଁ ଏକ ବିସ୍ତୃତ ମାର୍ଗଦର୍ଶିକା ଖୁବଶୀଘ୍ର ଜାରି କରାଯିବ।

## ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ବାଘ ଶାବକର ମୃତ୍ୟୁ

ଭୁବନେଶ୍ୱର: ବୁଧବାର ଦିନ ଓଡ଼ିଶାର ରାଜଧାନୀ ଭୁବନେଶ୍ୱରର ନନ୍ଦନକାନନର ପ୍ରାଣୀ ଉଦ୍ୟାନରେ ଏକ ବାଘ ଛୁଆର ମୃତ୍ୟୁ ଘଟିଛି। ଶାବକଟି ଅସୁସ୍ଥ ଥିବାରୁ ୧୨ ଜାନୁଆରି ୨୦୨୫ରୁ ସେ ଚିକିତ୍ସିତ ହେଉଥିଲା। କିନ୍ତୁ ପରେ ମୃତ୍ୟୁ ଘଟିଥିଲା ।ଖବର ଅନୁଯାୟୀ, ୨ ନଭେମ୍ବର ୨୦୨୪ରେ ନନ୍ଦନକାନନରେ ବାଘୁଣୀ ରୁପା ଚାରିଟି ଛୁଆ ଜନ୍ମ ଦେଇଥିଲା। ବାଘ ଶାବକର ମୃତ୍ୟୁ ପରେ ଅନ୍ୟ ଶାବକମାନଙ୍କ ଉପରେ ସିସିଟିଭି କ୍ୟାମେରା ଦ୍ୱାରା କଡା ନଜର ରଖାଯାଇଛି।

## ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରୁ ୪କୋଟିର ଗଞ୍ଜେଇ ଜବତ

ଭୁବନେଶ୍ୱର,୧୫।୧(ପି.ଏନ): ଭୁବନେଶ୍ୱର କଷ୍ଟମ୍ସ ବିଭାଗ ପକ୍ଷରୁ ନିଶାଦ୍ରବ୍ୟ ଚୋରା ଚାଲାଣକୁ ରୋକିବାରେ ଉଦ୍ୟମ ଜାରି ରହିଛି। ଏହି ମର୍ମରେ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରୁ ୪କୋଟି ଟଙ୍କା ମୂଲ୍ୟର ଗଞ୍ଜେଇ ଜବତ କରାଯାଇଛି ।ଗୁପ୍ତ ସୂଚନା ଆଧାରରେ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରର କଷ୍ଟମ୍ସ ଅଧିକାରୀମାନେ ବ୍ୟାଙ୍କକରୁ ଆସୁଥିବା ଜଣେ ଯାତ୍ରୀଙ୍କୁ ଅଟକାଇଥିଲେ। ତାଙ୍କ ଲଗେଜ୍ ଯାଞ୍ଚ ସମୟରେ ସେଥିରୁ ୪ ପ୍ୟାକେଟ ଗଞ୍ଜେଇ ମିଳିଥିଲା। ଏହା ସହିତ ୮ ପ୍ୟାକେଟ ପଲିବ୍ୟାଗରେ ଏକ ପ୍ରକାର ସବୁଜ ଏବଂ ଲମ୍ବା ପଦାର୍ଥ ରହିଥିଲା। ଏହାର ପରୀକ୍ଷା କରାଯାଇଥିଲା।

## ଆହୁରି ବଢ଼ିବ ଶୀତ୨ରୁ ୩ ଡିଗ୍ରୀ ତଳକୁ ଖସିବ ପାରଦ, ସତର୍କ କଲା ପାଣିପାଗ ବିଭାଗ

ଭୁବନେଶ୍ୱର,୧୫।୧(ପି.ଏନ): ଶନିବାରଠାରୁ ରାଜ୍ୟରେ ଶୀତ ବଢ଼ିବ । ରାତି ତାପମାତ୍ରା ୨ରୁ ୩ ଡିଗ୍ରୀ ଖସିବ । ଅଧିକାଂଶ ସ୍ଥାନରେ ରାତି ତାପମାତ୍ରା ୧୩ରୁ ୧୫ ଡିଗ୍ରୀ ଭିତରେ ରହିବ ବୋଲି ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି ।ବୁଧବାର ରାଜ୍ୟର କିଛି ସ୍ଥାନରେ ଅଧିକ କୁହୁଡି ଦେଖାଯାଇଛି । ଆଜି କଳାହାଣ୍ଡି, କନ୍ଧମାଳ ଏବଂ ଭଦ୍ରକରେ ଘନ କୁହୁଡି ଦୃଶ୍ୟମାନ ହୋଇଛି ।ସେହିପରି ଝାରସୁଗୁଡା, କେନ୍ଦୁଝର, ସମ୍ବଲପୁର, କଟକ, ଖୋର୍ଦ୍ଧା, ପୁରୀ, ଗଞ୍ଜାମ ଓ ଗଜପତିରେ ସ୍ୱଳ୍ପରୁ ମଧ୍ୟମ ଧରଣର କୁହୁଡି ଦେଖାଯାଇଛି ।ଆସନ୍ତା କାଲି ଝାରସୁଗଡ଼ା, କେନ୍ଦୁଝର, ସମ୍ବଲପୁର, ସୁନ୍ଦରଗଡ, କଟକ, ଖୋର୍ଦ୍ଧା, ପୁରୀ ଗଞ୍ଜାମ ଓ ଗଜପତିରେ ଘନ କୁହୁଡି



ଦୃଶ୍ୟମାନ ହେବା ନେଇ ଆଞ୍ଚଳିକ ପାଣିପାଗ ବିଭାଗ ପକ୍ଷରୁ ଆକଳନ କରାଯାଇଛି ।ସୋମବାର ଦାରିଙ୍ଗବାଡିରେ ରାତି ତାପମାତ୍ରା ୯.୫ ଡିଗ୍ରୀ ସେଲସିୟସ୍ ଥିଲା । ଫୁଲବାଣୀରେ ୧୧.୫, ରାଉରକେଲାରେ ୧୧.୭. ଭଦ୍ରାକରେ ୧୨, ସୁନ୍ଦରଗଡରେ ୧୩.୨ ଏବଂ ଅନୁଗୁଳରେ ୧୩ ଡିଗ୍ରୀ ସେଲସିୟସ ଥିଲା ।

## ଟ୍ରଲରକୁ ଧକ୍କା ଦେଇ ବୁଡ଼ିଲା ବୋଟ୍, ୮ ଯାତ୍ରୀଙ୍କୁ ଉଦ୍ଧାର କଲେ ମତ୍ସ୍ୟଜୀବୀ

ଚାନ୍ଦବାଲି,୧୫।୧(ପି.ଏନ): ଭଦ୍ରକ ଜିଲା ଧାମରାଠାରେ ମାଛଧରା ଟ୍ରଲରକୁ ଧକ୍କା ଦେଇ ବୁଧବାର ଏକ ଯାତ୍ରୀବାହୀ ବୋଟ୍ ବୁଡ଼ିଯାଇଛି ।ଖବରରୁ ପ୍ରକାଶ ଏକ ଯାତ୍ରୀବାହୀ ବୋଟ୍ ୮ ଜଣ ଯାତ୍ରୀଙ୍କୁ ଧରି ଚାନ୍ଦବାଲିରୁ ଧାମରା ଆସିଥିଲା। ସମ୍ପୃକ୍ତ ଯାତ୍ରୀବାହୀ ବୋଟ୍ ଚାଳକ ଅସାବଧାନତା ବଶତଃ ନିଜର ବୋଟ କୁ ନେଇ ଏକ ମାଛ ଧରା ଟ୍ରଲରରେ ଧକ୍କା ଦେଇ ସେହି ସ୍ଥାନରେ ବୁଡ଼ିଯାଇଥିଲା। ମାଛଧରା ଟ୍ରଲରରେ ଥିବା ମତ୍ସ୍ୟଜୀବୀମାନେ ବୋଟ୍ ଯାତ୍ରୀଙ୍କୁ ପାଣିରୁ ଉଦ୍ଧାର କରି ସେମାନଙ୍କୁ ଧାମରା ମେଡିକାଲକୁ ନେଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ସମସ୍ତେ ସୁସ୍ଥ



ଥିବା ଜଣାଯାଇଛି। ଧାମରାରେ ମକର ମେଳା ଚାଲୁଥିବା ବେଳେ ଧାମରା ମେରାଇନ ଥାନା ପକ୍ଷରୁ ନଦୀପଥରେ କୌଣସି ସୁରକ୍ଷା ବ୍ୟବସ୍ଥା କରାଯାଇ ନ ଥିବାରୁ ଏହି ଅଘଟଣ ଘଟିଛି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି । ଭଦ୍ରକ ଏସ୍‌ପି ଏଥିପ୍ରତି ଧ୍ୟାନ ଦେବାକୁ ଅଞ୍ଚଳବାସୀ ଦାବି ଜଣାଇଛନ୍ତି।

## ଶ୍ରୀମନ୍ଦିରରେ ଟଳିପଡ଼ିଲେ ସୁଆର ବଡୁ ସେବାୟତ

ପୁରୀ,୧୫।୧(ପି.ଏନ): ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ସେବା କରିବା ସମୟରେ ଜଣେ ସୁଆରବଡୁ ସେବକଙ୍କ ମୃତ୍ୟୁ ଘଟିଛି। ମୃତ ସେବାୟତ ଜଣଙ୍କ ହେଉଛନ୍ତି ଜଗନ୍ନାଥ ସୁନାଥାଳି। ଶ୍ରୀମନ୍ଦିରରେ ଦ୍ୱିପ୍ରହର ଧୂପ ପାଇଁ ସିଂହାସନରେ ପାଣି ପକାଉଥିବା ସମୟରେ ଜଗନ୍ନାଥ ଛାତିରେ ଗଭୀର ଯନ୍ତ୍ରଣା ଅନୁଭବ କରି ଟଳି ପଡ଼ିଥିଲେ। ସେଠାରୁ ତାଙ୍କୁ ଉଦ୍ଧାର କରି ସଙ୍ଗେସଙ୍ଗେ ଚିକିତ୍ସା ନିମନ୍ତେ ସଦର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ଚିକିତ୍ସା କରି ମୃତ ଘୋଷଣା କରିଥିଲେ। ତେବେ ଯୁବ ସେବାୟତ ଜଗନ୍ନାଥ ସୁନାଥାଳିଙ୍କ ଆକସ୍ମିକ ମୃତ୍ୟୁରେ ସଦର ମୁଖ୍ୟ ଚିକିତ୍ସାଳୟରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ଏ ଖବର ପାଇ ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ତଥା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଏସ୍‌ପି ବିନୀତ ଅଗ୍ରୱାଲ ଶ୍ରୀମନ୍ଦିର ନୀତି ପ୍ରଶାସକ



ଜିତେନ୍ଦ୍ର ସାହୁଙ୍କ ସହ, ଶ୍ରୀମନ୍ଦିର ପ୍ରଶାସନିକ ଅଧିକାରୀ ଓ ସେବାୟତ ସଦସ୍ୟ ମାନେ ଉପସ୍ଥିତ ଥିଲେ। ଜଣେ ଯୁବ ସେବକ ଭାବେ ସ୍ୱର୍ଗତଃ ଜଗନ୍ନାଥ ସୁନାଥାଳି ଶାନ୍ତ ସ୍ୱଭାବର ଥିବାବେଳେ ମହାପ୍ରଭୁଙ୍କ ସେବାକୁ ଅତ୍ୟନ୍ତ ନିଷ୍ଠାର ସହ ସମ୍ପାଦିତ କରନ୍ତି। ଦୁଇବର୍ଷ ପୂର୍ବରୁ ଜଗନ୍ନାଥ ସୁନାଥାଳି ଛାତି ଜନିତ ରୋଗରେ ଚିକିତ୍ସିତ ହେଉଥିବା ବେଳେ ପରେ ସୁସ୍ଥ ହୋଇ ପୁର୍ନବାର ମହାପ୍ରଭୁଙ୍କ ସେବାରେ ନିୟୋଜିତ ହୋଇଥିଲେ। କିନ୍ତୁ ଆଜି ହଠାତ୍ ସେ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ସଦର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିବା ବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ ହୃଦଘାତ୍ ଯୋଗୁ ମୃତ୍ୟୁ ଘଟିଥିବା କୁହାଯାଉଛି।

## ପାଇପଲାଇନ ପାଇଁ ଏନଆରଏଲ ର ମାଟି ଖୋଳା କୁ ଅଭୟଚାନ୍ଦପୁର କମିଟି ର ବିରୋଧ

ପାରାଦୀପ,୧୫।୧(ପି.ଏନ): ଏନଆରଏଲ ପାଇପ ଲାଇନ ବିଛା କାର୍ଯ୍ୟକୁ ନେଇ ପୁଣିଥରେ ସ୍ୱର ଉଠାଇଲେ ଜମି ମାଲିକ । ଏଥିରେ ସାମିଲ ହୋଇଛନ୍ତି ଅଭୟଚାନ୍ଦପୁର ଡେଭଲପମେଣ୍ଟ କମିଟି ର ସମସ୍ତ ସଦସ୍ୟ । କମ୍ପାନୀ ତାର କାର୍ଯ୍ୟ କରୁ ଆମର ଏଥିରେ ଆପତ୍ତି ନାହିଁ, ସାଧାରଣ ଜନତା ଙ୍କ ଧନଜୀବନ କିଭଳି ସୁରକ୍ଷିତ ରହିବ, ଭବିଷ୍ୟତକୁ ଦୃଷ୍ଟିରେ ରଖି କାର୍ଯ୍ୟ କରିବାକୁ ଏନଆରଏଲ କର୍ତ୍ତୃପକ୍ଷଙ୍କୁ ଅବଗତ କରାଇଛନ୍ତି କମିଟି ର ସଦସ୍ୟ । କିଛିଦିନ ହେବ ପାରାଦୀପ ଉପକଣ୍ଠ କଂସାରୀପାଟିଆ, ଅଭୟଚାନ୍ଦପୁର ନିକଟରେ ଏନଆରଏଲ କମ୍ପାନୀ ର ପାଇପଲାଇନ ବିଛା କାର୍ଯ୍ୟ ଚାଲୁ ରହିଛି । ଯାହାକୁ ନେଇ ଅଭୟଚାନ୍ଦପୁର ଠାରେ ରହିଥିବା ବେସରକାରୀ ଜମି ମାଲିକ ମାନେ ପାଇପଲାଇନ କାର୍ଯ୍ୟକୁ ବିରୋଧ କରିବା ସହିତ କାର୍ଯ୍ୟ ବନ୍ଦ କରିଥିଲେ । ଯାହାକୁ ନେଇ କମ୍ପାନୀ କିଛି ଜମି ମାଲିକ ମାନଙ୍କୁ ଡକାଇ ଆଲୋଚନା କରାଯାଥିବା ନେଇ ଜମି ମାଲିକ ପ୍ରକାଶ କରିଛନ୍ତି । ସେମାନଙ୍କ ଅଭିଯୋଗ



ଅନୁଯାୟୀ ଏନଆରଏଲ କମ୍ପାନୀ ନେଉଥିବା ପାଇପ ଲାଇନ ଦ୍ୱାରା ଅଶୋଧିତ ତୈଳ ପରିବହନ କରାଯିବ । ଯାହା ଅତ୍ୟନ୍ତ ଜ୍ୱଳନଶିଳ ଏବଂ ଜନବସତି ପାଇଁ ଏହା ଅତ୍ୟନ୍ତ ବିପଦଜନକ । ଯାହାର ଅନେକ ପ୍ରମାଣ ମଧ୍ୟରୁ କିଛିଦିନ ତଳେ ଯେଉଁଭଳି ରିଫାଇନେରୀ ଟାଉନସିପ ସମ୍ମୁଖରେ ହୋଇଥିବା ଅଶୋଧିତ ତୈଳ ପାଇପଲାଇନ ରୁ ଲିକେଜ ଏହାର ଉଦାହରଣ ବୋଲି କହିଛନ୍ତି ଜମି ମାଲିକ । ଅଭୟଚାନ୍ଦପୁର ଠାରେ ପର୍ଯ୍ୟାପ୍ତ ସରକାରି ଜମି ରହିଥିବା ବେଳେ କେଉଁ ଉଦ୍ଦେଶ୍ୟରେ ଏବଂ କଣପାଇଁ ବେସରକାରୀ ଘରବାଡି ଜାଗାକୁ ଲଗାଇ ପାଇପଲାଇନ କାର୍ଯ୍ୟ କରାଯାଉଛି ତାହାକୁ ନେଇ ପ୍ରଶ୍ନ ଉଠିଛି । ଆମେ ଘର ନିର୍ମାଣ କାର୍ଯ୍ୟ ଆରମ୍ଭ କରିଛୁ ଆଗାମୀ ଦିନରେ ଆମେ ଏଠି ବସବାସ କରିବୁ, କମ୍ପାନୀ ତାର ପାଇପଲାଇନ କୁ ସରକାରୀ ଜାଗାରେ ନେଉ ଆମର ଆପତ୍ତି ନାହିଁ କ୍ଷ ଆମର ରାସ୍ତାଠାରୁ ତିରିଶ ଫୁଟ ଛାଡି ପାଇପଲାଇନ ବିଛାଇବାକୁ କହିଛନ୍ତି ଜମିମାଲିକ କ୍ଷ କମ୍ପାନୀ ଯଦି ଏଥିରେ ଅବହେଳା ପ୍ରଦର୍ଶନ କରେ କିମ୍ବା ଜମି ମାଲିକ ମାନଙ୍କୁ ଅବଗତ ନ କରି ତାର ପାଇପଲାଇନ କାର୍ଯ୍ୟ ଜାରିରଖେ ତେବେ ଅଭୟଚାନ୍ଦପୁର ଡେଭଲପମେଣ୍ଟ କମିଟି ର ସମସ୍ତ ଜମିମାଲିକ ଗଣତାନ୍ତ୍ରିକ ପଦ୍ଧତିରେ ଆଇନକୁ ସମ୍ମାନ ଜଣାଇ ଏନଆରଏଲ କମ୍ପାନୀ ର ପାଇପଲାଇନ କାର୍ଯ୍ୟ କୁ ବନ୍ଦ କରିବା ସହିତ ଧାରଣାରେ ବସିବାକୁ ଚେତାବନୀ ଦେଇଛନ୍ତି ।

## ୩ ଦିନ ହେଲା ଲିଙ୍ଗରାଜ ପ୍ରଭୁଙ୍କ ପେଟରେ ପଡିନି ଦାନା, ଭକ୍ତ ଅସନ୍ତୋଷ

ଭୁବନେଶ୍ୱର,୧୫।୧(ପି.ଏନ): ୩ ଦିନ ହେଲା ଉପାସରେ ଶ୍ରୀଲିଙ୍ଗରାଜ । ସୋମବାର ସନ୍ଧ୍ୟାରୁ ଏ ପର୍ଯ୍ୟନ୍ତ ହୋଇନି ନୀତିକାନ୍ତି । ଟ୍ରଷ୍ଟ ବୋର୍ଡ ବୈଠକ ଡାକି ସ୍ଥାୟୀ ସମାଧାନ ଡାକି କଲା ବ୍ରାହ୍ମଣ ନିଯୋଗ । ବ୍ରାହ୍ମଣ ନିଯୋଗ ପକ୍ଷରୁ ଆଇନମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡିଲେ ।ବଡୁ ସେବାୟତ ଓ ବ୍ରାହ୍ମଣ ନିଯୋଗ ବିବାଦରୁ ବନ୍ଦ ରହିଛି ନୀତିକାନ୍ତ ।ମନ୍ଦିରକୁ ଭକ୍ତଙ୍କ ସମାଗମ ଲାଗି ରହିଛି । ଭକ୍ତମାନେ ଠାକୁରଙ୍କୁ ଦର୍ଶନ କରୁଛନ୍ତି ହେଲେ



ବିନା ପ୍ରସାଦରେ ମନଦୁଃଖରେ ଫେରୁଛନ୍ତି ।ସେପଟେ ଲିଙ୍ଗରାଜ ପ୍ରଭୁ ଉପାସ ଥିବା କାରଣରୁ ଭକ୍ତଙ୍କ ମଧ୍ୟରେ ଅସନ୍ତୋଷ ଦେଖିବାକୁ ମିଳିଛି ।

## ୩ ବ୍ୟବସାୟୀଙ୍କୁ ଲହୁଲୁହାଣ କରି ୧୫ ଲକ୍ଷ ଟଙ୍କା ଲୁଟିନେଲେ ଦୁର୍ବୃତ୍ତ

ଉମରକୋଟ,୧୫।୧(ପି.ଏନ): ନବରଙ୍ଗପୁର ଜିଲାରେ ଥମୁନି ଲୁଟେରାଙ୍କ ଆତଙ୍କରାଜ। ସଂଘବଦ୍ଧ ଆକ୍ରମଣ କରି ୧୫ ଲକ୍ଷ ଟଙ୍କା ଲୁଟି ନେଇଛନ୍ତି ଲୁଟେରା। ଦୁଇ ଦିନ ତଳେ ନବରଙ୍ଗପୁର ସହରସ୍ଥିତ ଘରେ ପଶି ୨୦ ଲକ୍ଷ ଟଙ୍କା ଲୁଟ୍ ? ଘଟଣାର ପର୍ଦ୍ଦାଫାଶ ହୋଇ ନ ଥିବା ବେଳେ ପୁଣି ଆଜି ରାଇଘର ଥାନା ଛତାବେଢ଼ା ସାପ୍ତାହିକ ବଜାରରେ ବ୍ୟବସାୟୀଙ୍କୁ ସଂଘବଦ୍ଧ ଆକ୍ରମଣ କରି ୧୫ ଲକ୍ଷ ଟଙ୍କା ଲୁଟ୍ ? କରିଥିବା ଅଭିଯୋଗ ହୋଇଛି ।ନବରଙ୍ଗପୁର ଜିଲା ଅନ୍ତର୍ଗତ ରାଇଘର ବ୍ଲକରେ ରେଦିନ ଦ୍ୱିପ୍ରହର ମୁଖାପିନ୍ଧା ଦୁର୍ବୃତ୍ତ ଲୁଟି ନେଇଛନ୍ତି ୧୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା। ସଦରମହକୁମାରେ ଲୁଟ୍ ଘଟଣାକୁ ୪୮ ଘଣ୍ଟା ନପୂରୁଣୁ ଆଜି ରାଇଘର ବ୍ଲକରେ ମରଣାନ୍ତକ ଆକ୍ରମଣ କରି ୧୫ ଲକ୍ଷ ଲୁଟ୍ ଘଟଣା ପୋଲିସ ବିଭାଗ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିଛି ।ସୂଚନାନୁସାରେ, ରାଇଘର ବ୍ଲକର ପଠାଣ ସାହିରେ ରହୁଥିବା ବ୍ୟବସାୟୀ ଅବଦୁଲ ଆନସାରି ନିଜ ଦୁଇ ଜଣ କର୍ମଚାରୀ ଗୁଡ୍ଡୁ ଧୋବା ଓ ୟୁନୁସ୍ ଲାଠିଆଙ୍କ ସହ ପାରୁଆ ପଞ୍ଚାୟତର ଛତାବେଢ଼ାଠାରେ ସାପ୍ତାହିକ ହାଟକୁ ଯିବା ସମୟରେ ଗ୍ରାମ ନିକଟରେ ମୁଖା ପିନ୍ଧା ୬ ଜଣ ବ୍ୟକ୍ତି ଏମାନଙ୍କୁ ଅଟକାଇଥିଲେ।








# ଟି ଟାଇମ୍

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

# ପୁରାଣ କାହାଣୀ

## ବିଶ୍ୱ ନିର୍ମାଣର ସ୍ରଷ୍ଟା 'ବିଶ୍ୱକର୍ମା'

ଦେବ ଶିଳ୍ପୀ ବିଶ୍ୱକର୍ମା ଏ ବିଶ୍ୱର ସମସ୍ତ ନିର୍ମାଣ କାର୍ଯ୍ୟର ସ୍ରଷ୍ଟା । ସେ ବ୍ରହ୍ମାଙ୍କ ନାଭି ମଣ୍ଡଳରୁ ଜାତ ବୋଲି ଧର୍ମ ଶାସ୍ତ୍ରମାନଙ୍କରେ ଉଲ୍ଲେଖ ରହିଛି । ସେ କଡ଼୍ୟା ସଂକ୍ରାନ୍ତି ଦିନ ମର୍ତ୍ତ୍ୟ ଲୋକରେ ଆବିର୍ଭୁତ ହୋଇଥିବାରୁ ସେହିଦିନ ମର୍ତ୍ତ୍ୟଲୋକର ସମସ୍ତ ଶିଳ୍ପୀକୂଳ ତାଙ୍କରି ପୂଜା ଏବଂ ଆରାଧନା କରି ଥାଆନ୍ତି ।

ବିଶ୍ୱକର୍ମା ବିଶ୍ୱର ବିନ୍ଧାଣୀ । ସେ ବୈକୁଣ୍ଠବାସୀ ଓ ସର୍ବଗୁଣ ସମ୍ପନ୍ନ । ସର୍ବଶକ୍ତିମାନ, ସର୍ବନିୟନ୍ତା, ବାୟରୂପେ ସର୍ବବିଦ୍ୟମାନ, ବାସ୍ତୁବିଦ୍ୟାର ଦେବତା ଏବଂ ନିର୍ମାଣ କାର୍ଯ୍ୟର ଦଣ୍ଡଧାରୀ ଦେବତା ।



ବ୍ରହ୍ମବୈବର୍ତ୍ତ ପୁରାଣରେ ବ୍ରହ୍ମାଙ୍କ ନାଭିରୁ ଜାତ, ପୁରାଣରେ ସେ ଦେବ ଶିଳ୍ପୀ । ଏମିତି ଭିନ୍ନ ଭିନ୍ନ ନାମରେ ସେ ପରିଚିତ । ତାଙ୍କରି ହାତ ସ୍ପର୍ଶରେ କୁବେରଙ୍କର ଅଳକାପୁର, ଦ୍ୱାରକା ନଗର, ସ୍ୱର୍ଣ୍ଣଲଙ୍କା, କୃଷ୍ଣ ନିବାସ, ସେତୁ ବନ୍ଧ ନିର୍ମାଣ, ଇନ୍ଦ୍ରଭୁବନ, ଗୋଲକଧାମ, ସୁଦାମା ପୁରୀ, ମହାଲକ୍ଷ୍ମୀଙ୍କ ସମୁଦ୍ରକୁଳସ୍ଥ ମର୍ତ୍ତ୍ୟ ବୈକୁଣ୍ଠ, କଳାକାରଖାନା, ମଠ ମନ୍ଦିର, ମସଜିଦ, ଗାଡିମଟର, ଉଡାଜାହାଜ, ଛପାଖାନା, ରେଳ ଗାଡି, ଟିଭି, ରେଡିଓ, କମ୍ପ୍ୟୁଟର ଆଦି ।ଆମ ଚାରିପଟେ ଦେଖୁଥିବା ତିନିପୁରର ସମସ୍ତ ନିର୍ମାଣ ମଣିଷ କିଛି କରେ ନାହିଁ । ମଣିଷ ଦେହରେ ବିଜେ ହୋଇ ସେ ହିଁ ସବୁ କରି ଥାଆନ୍ତି । ଅନେକଙ୍କ ମତରେ କୃଷି ଓ ବୃଷ୍ଟିର ଦେବତା ହେଉଛନ୍ତି ବିଶ୍ୱକର୍ମା । ବିଶ୍ୱକର୍ମା ଉଭୟ ବୈଦିକ ଓ ପୌରାଣିକ ଦେବତା । ଆଧୁନିକ ରୂପରେ ସେ ରୂପରେ ଗୌର । ହସ୍ତରେ ବିଭିନ୍ନ ମାନଦଣ୍ଡ, ଚାରି ଭୂଜା ବାମ ଉପର ହସ୍ତରେ ବଟାଳି, ନିମ୍ନହସ୍ତରେ ମାର୍ତ୍ତୁଳ ବା ନିକିତି, ଦକ୍ଷିଣ ଉର ହସ୍ତରେ ଚକ୍ର ଧାରଣ କରି ପୂଜା ପାଉଛନ୍ତି । ଶ୍ୱେତ ବସ୍ତ୍ର ପରିଧାନ କରିବା ସହ କାନ୍ଧରେ ପଇତା ପକାଇ ଭକ୍ତଙ୍କୁ ଦର୍ଶନ ଦିଅନ୍ତି । ତେଣୁ ବିଭିନ୍ନ ଶିଳ୍ପ ସଂସ୍ଥାରେ ଏହି ବିଶ୍ୱକର୍ମାଙ୍କ ପୂଜା ଧୂମଧାମରେ ପାଳନ କରାଯାଏ ।

## ଭାଇଜାନ୍‌ଙ୍କ ଚମକ



୫୧ ବର୍ଷରେ ପାଦ ଦେଇଛନ୍ତି ଦବଙ୍ଗ ଷ୍ଟାର୍ ସଲମନ୍ ଖାଁ। କନ୍ତୁ ସଲ୍ଲୁଙ୍କ କ୍ରେଜ୍ ଏବେବି କମିନି। ବୟସ ୫୧ ଛୁଇଁଲେ ବି ତାଙ୍କର ପ୍ରତିଟି ନୂଆ ଫିଲ୍ମ ଦର୍ଶକଙ୍କୁ ଦେଇଛି ନୂଆ ଟେଷ୍ଟା ଆଉ ବକ୍ସ ଅଫିସରେ କରିଛି ନୂଆ ରେକର୍ଡ। ବୟସ ସହିତ ତାଳଦେଇ ବଢ଼ିଚାଲିଛି ଦବଙ୍ଗ୍ ଷ୍ଟାରଙ୍କ କ୍ରେଜ୍। 'ବିବି ହୋ ୱୈସି'ରୁ କ୍ୟାରିଅର୍ ଆରମ୍ଭ କରିଥିବା ସଲ୍ଲୀ ମିଆଁ ବଲିଉଡିରେ ୨୫ରୁ ଅଧିକ ବର୍ଷ ବିତାଇ ସାରିଲେଣି। ଫ୍ଲପ୍ ହିଟର ଏକ୍ସପେରିମେଣ୍ଟ କରୁକରୁ ସଲମାନ୍ ବନି ଯାଇଛନ୍ତି ବଲିଉଡର ବ୍ୟାଙ୍କବେଲ୍ ଷ୍ଟାର। ଯାହାଙ୍କୁ ନେଇ ପ୍ରଡ୍ୟୁସର କେବେ ବି ଆଶଙ୍କା ସୃଷ୍ଟି କରନ୍ତି ନାହିଁ। କାରଣ ଲଗାତର୍ ସେ ଦେଇଚାଲିଛନ୍ତି ଗୋଟିଏ ପରେ ଗୋଟିଏ ବ୍ଲକ ବ୍ଲଷ୍ଟର ହିଟ୍। ଛୋଟ ପରଦାରେ ତାଙ୍କ ହୋଷ୍ଟିଂ ମଧ୍ୟ ଖୁବ୍ ହିଟ୍ ହୋଇଛି। ଚଳିତ ବର୍ଷ ଫ୍ୟାନଙ୍କୁ 'ବଜରଙ୍ଗୀ ଭାଇଜାନ୍' ଓ 'ପ୍ରେମରତନ ଧନ ପାୟୋ' ଭଳି ଦୁଇଟି ସୁପରହିଟ୍ ଫିଲ୍ମ ଭେଟି ଦେଇଛନ୍ତି ସଲମାନ୍। ଆସନ୍ତା ବର୍ଷ ରିଲିଜ୍ ହେବାକୁ ଥିବା ସୁଲତାନ କେବେ ପରଦାକୁ ଆସୁଛି ତାହାକୁ ହିଁ ଅପେକ୍ଷା।

## ଗୋରୁଙ୍କ ଫାଟୁଆ ରୋଗ ଚିକିତ୍ସା

ଦେଶର ବିଭିନ୍ନ ସ୍ଥାନରେ ଗୋରୁଗାଈଙ୍କୁ ନୃଶଂସ ଭାବେ ହତ୍ୟା କରାଯାଉଥିବା ବେଳେ ଏହାକୁ ନେଇ ବୁଦ୍ଧିଜୀବୀ ମହଲରେ ଉଦ୍‌ବେଗ ଓ ପ୍ରତିବାଦର ସ୍ୱର ଉତ୍ତୋଳିତ ହୋଇଛି । ଏଭଳି ପରିସ୍ଥିତିରେ ଦୁଇ ବିଦେଶୀ ନାଗରିକ କଷ୍ଟ ଲାଘବ ଗୋରୁଗାଈଙ୍କ ପାଇଁ ଜୋତା ତିଆରି କରବା ବାସ୍ତବରେ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । ଘଟଣାଟି ହେଉଛି ଦୁଇ ବ୍ରିଟିଶ ଇନ୍‌ଭେଷ୍ଟର ନିଜ ବ୍ୟବସାୟକୁ ବିଶ୍ୱସ୍ତରରେ ପ୍ରସାର କରିବା ଉଦ୍ଦେଶ୍ୟରେ ଗୋରୁଗାଈଙ୍କ



ପାଇଁ ଜୋତା ତିଆରି କରୁଛନ୍ତ । ଯାହାଫଳରେ ଗୋରୁଗାଈଙ୍କୁ ଖୋରାଜନିତ ଯନ୍ତ୍ରଣାରୁ ଉପସମ ମିଳିବ । ୪୦ବର୍ଷୀୟ ରୋବର୍ଟ ଟାଡ଼ ଓ ୪୩ବର୍ଷୀୟ ମାଇକ ବ୍ରିମ୍ବଲ ମିଳିତଭାବେ ଏହି ଜୋତା ପ୍ରସ୍ତୁତ କରୁଛନ୍ତି । ଏହି ଜୋତାକୁ ୪୨ଟି ଦେଶରେ ବିକ୍ରି ପାଇଁ ଛଡ଼ାଯାଇଛି । ଏହି ଦେଶମାନଙ୍କ ମଧ୍ୟରେ ଅଷ୍ଟ୍ରେଲିଆ, କାନାଡ଼ା ଓ ୟୁଏସ୍‌ଏ ସାମିଲ ରହିଛି । ପ୍ରୋଜେକ୍ଟ ମ୍ୟାନେଜର ମାଇକ୍ କହନ୍ତି, ତାଙ୍କର ଏହି ନିଆରା ଉଦ୍ୟମକୁ କେତେକ ଦେଶରେ ବେଶ୍ ପ୍ରଶଂସା କରାଯାଇଛି । ବିଶେଷକରି ୟୁରୋପର ଏକ ପ୍ରାଣୀ ଚିକିତ୍ସାଳୟରୁ ମାଇକଙ୍କ ପାଖକୁ ଶୁଭେଚ୍ଛା ବାର୍ତ୍ତା ମଧ୍ୟ ଆସିଛି । ଆଉ କିଛି ବ୍ୟକ୍ତି ଏହି ଜୋତା ବ୍ୟବସାୟ ପାଇଁ ଆଗ୍ରହ ପ୍ରକାଶ କରି ଲାଇସେନ୍ସ ବାହାର କରିବାରେ ଲାଗିପଡ଼ିଛନ୍ତି । ମାଇକ ପେସାରେ ଜଣେ କୃଷକ । କୃଷିକ୍ଷେତ୍ରରେ କାମକରୁଥିବା ସମୟରେ ହଳକରୁଥିବା ଦୁଇ ବଳଦଙ୍କ ଖୋରାରୁ ରକ୍ତ ବାହାରୁଥିବା ଦେଖି ମାଇକ୍ ସେମାନଙ୍କ ପାଇଁ ଜୋତା ତିଆରି କରିବାର ପରିକଳ୍ପନା କରିଥିଲେ ଯାହାକୁ ସେ ଆଜି ବାସ୍ତବ ରୂପ ଦେଇଛନ୍ତି।

## ବିଲେଇ ଶାଳା

ଯଦି ଏହି ପୃଥିବୀରେ ବିଲେଇମାନଙ୍କ ପାଇଁ କେଉଁଠି ସ୍ୱର୍ଗଥାଏ ତେବେ ତାହା ହେଉଛି କାଲିଫର୍ଣ୍ଣିଆ। ଦି କ୍ୟାଟ୍ ହାଉସ୍ ଅନ୍ ଦି କିଙ୍ଗସ୍ ନାମରେ ପ୍ରସିଦ୍ଧ ଏକ ଘରେ ବର୍ତ୍ତମାନ ୭୦୦ ବିଲେଇ ବାସ କରନ୍ତି। ବିଲେଇମାନଙ୍କ ରହିବା ପାଇଁ ସେଠାରେ ୯ଟି ଭିନ୍ନ ଭିନ୍ନ ସ୍ଥାନ ତିଆରି କରାଯାଇଛି। ଏହାକୁ ବିଶ୍ୱର ସବୁଠାରୁ ବଡ ବିଲେଇ ଅଭ୍ୟାରଣ୍ୟ ବୋଲି କୁହାଯାଏ। ଏହି ଘରର ନିର୍ମାଣ ୧୯୯୨ରେ କରାଯାଇଥିଲା, ସେହିଦିନଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ପ୍ରାୟ ୨୪ ହଜାର ବିଲେଇଙ୍କୁ



ଏଠାରେ ପୋଷା ଯାଇସାରିଲାଣି। ଏହି ବିଲେଇ ଘରର ନିର୍ମାଣ ଲିନିୟା ଲତାଞ୍ଜିୟୋ କରିଥିଲେ। ଲିନିୟା କୁହନ୍ତି, ମୁଁ ଚାହୁଁନି ଯେ, କୌଣସି ବିଲେଇ ପିଞ୍ଜରାରେ କଏଦ୍ ହୋଇ ରୁହନ୍ତୁ। ସେମାନଙ୍କୁ ଖୁବ୍ ଜୋର୍‌ରେ ଦୌଡିବା ଏବଂ ଗଛ ଉପରେ ଚଢ଼ିବା ଅଧିକାର ଅଛି। ଏହି କାରଣ ଯୋଗୁଁ ମୁଁ ଏହି ଅଭ୍ୟାରଣ୍ୟର ନିର୍ମାଣ କରିଥିଲି। ସେ କୁହନ୍ତି ମୁଁ ପ୍ରତିଦିନ ଏଭଳି ବିଲେଇଙ୍କୁ ଖୋଜେ, ଯାହାକୁ ଲୋକେ ଛାଡି ଦେଇଥାଆନ୍ତି। ସେମାନଙ୍କୁ ମୁଁ ମୋର ଏହି ଘରକୁ ଆଣେ। ଏହି ବିଲେଇ ଅଭ୍ୟାରଣ୍ୟର ଫଟୋକୁ ଫଟୋଗ୍ରାଫର କ୍ରିଷ୍ଟିନା ଗେଣ୍ଡଲ୍ଲୋ ଉଠାଇଛନ୍ତି, ଯିଏକି ଲାସ୍ ଏଞ୍ଜୋଲିସ୍‌ରେ ବାସ କରନ୍ତି। ସେ କୁହନ୍ତି, ମୁଁ ଏହି ଫଟୋ ଜରିଆରେ ଲିନିୟା ଏବଂ ତାଙ୍କ ଦଳର ସଦସ୍ୟ କିଭଳି ପରିଶ୍ରମ କରୁଛନ୍ତି ତାହା ଜଣାଇବା ପାଇଁ ଚେଷ୍ଟା କରିଛି।

## ଫଟୋସପ୍‌ର କମାଲ୍

ଥିଓଡର। ତା'ବୟସ ମାତ୍ର ୧୦ ମାସ। ଏତେ କମ୍ ବୟସରେ ସେ ଚିତା ବାଘ ଉପରେ ବସି ମସ୍ତି କରେ ତ ଆଉ କେତେ ବେଳେ ହାତୀର ଶୁଣ୍ଢ ସହ ଖେଳେ। କେତେବେଳେ ଭାଲୁ ସହ ଶୋଇଯାଏ ତ ଆଉ କେତେବେଳେ ସିଲ୍ ମାଛ ସହ ତାଳରେ ତାଳ ମିଶାଇ ଗୀତ ଗାଏ। ଆପଣମାନେ ଭାବୁଥିବେ ଏତେ କମ୍ ବୟସ୍କ ଛୁଆଟି ଏଭଳି ଭୟାନକ ପଶୁଙ୍କ ସହ କିଳଭି ଖେଳିପାରେ। ପ୍ରକୃତରେ ଏହା ହେଉଛି ଫଟୋସପ୍‌ର କମାଲ୍। ଅଷ୍ଟ୍ରିୟାରେ ବାସ କରୁଥିବା ଡେନିଏଲା ବେବିକ୍ ନିଜ ଫଟୋଗ୍ରାଫିର ସଉକ୍‌କୁ ପୂରଣ କରିବା ପାଇଁ ଏକ୍ସପେରିମେଣ୍ଟ କରୁକରୁ ଏଭଳି ଫଟୋ ପ୍ରସ୍ତୁତ କରିଛନ୍ତି, ଯାହାକୁ ଦେଖି ଲୋକେ ଚକିତ ହୋଇଯିବେ। ସୂଚନା ଯୋଗ୍ୟ ଯେ, ଡେନିଏଲ୍‌ଙ୍କୁ ଫଟୋଗ୍ରାଫି ଏବଂ ଫଟୋସପ୍‌ରେ କାମ କରିବା ଦ୍ୱାରା ଆନନ୍ଦ ମିଳେ। ସେ ସର୍ବଦା କିଛି ନୂଆ କରିବାରେ ବିଶ୍ୱାସ କରନ୍ତି।

## ଦି ଇଣ୍ଟରଭ୍ୟୁ ଟାଇମ୍ସର ୮ମ ବାର୍ଷିକ ଉତ୍ସବ ପାଳିତ

ଭୁବନେଶ୍ୱର : ରାଜ୍ୟର ଅଗ୍ରଣୀ ମାସିକ ପତ୍ରିକା "ଦି ଇଣ୍ଟରଭ୍ୟୁ ଟାଇମ୍ସ"ର ୮ମ ବାର୍ଷିକ ଉତ୍ସବ ହୋଟେଲ୍ ସ୍ୱସ୍ତି ପ୍ରିମିୟମ୍, ଭୁବନେଶ୍ୱରଠାରେ ଅନୁଷ୍ଠିତ ହୋଇଯାଇଅଛି । "ଦି ଇଣ୍ଟରଭ୍ୟୁ ଟାଇମ୍ସ"ର ସମ୍ପାଦକ ଦିବ୍ୟଜିତ୍ ସାହୁଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମକୁ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଖାଦ୍ୟ ଯୋଗାଣ ମନ୍ତ୍ରୀ), ଡଃ ଅରୁଣ କୁମାର ସାହୁ (କୃଷି ମନ୍ତ୍ରୀ) ଉଦ୍‌ଘାଟନ କରିଥିଲେ । ମୁଖ୍ୟଅତିଥି ଭାବେ ଜଷ୍ଟିସ୍ ମଦନ ମୋହନ ଦାସ (ବିଚାରପତି), ଶ୍ରୀଯୁକ୍ତ ତାରାରଂଜନ ପଟ୍ଟନାୟକ (ପ୍ରତିଷ୍ଠାତା-ଫାଲ୍‌କନ୍ ମେରାଇନ୍) ଏବଂ ରାକେଶ ମୋହନ (ବେଦାନ୍ତ ଲିମିଟେଡ୍) ଯୋଗ ଦେଇଥିଲେ । ଏହି ଅବସରରେ ଅତିଥିମାନେ "ଦି ଇଣ୍ଟରଭ୍ୟୁ ଟାଇମ୍ସ"ର ପ୍ରୟାସକୁ ସାଧୁବାଦ୍ ଜଣାଇବା ସହ ସଫଳତା କାମନା କରିଥିଲେ । ମଞ୍ଚସଭା ପରେ ପରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ୨୦ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ "ଦି ଇଣ୍ଟରଭ୍ୟୁ ଟାଇମ୍ସ" ପରିବାର ତରଫରୁ ସମ୍ମାନଜନକ "ଶ୍ରେଷ୍ଠ-୨୦ ଓଡ଼ିଶାର ପ୍ରେରଣାଦାୟୀ ବ୍ୟକ୍ତି" ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ "ଦି ଇଣ୍ଟରଭ୍ୟୁ ଟାଇମ୍ସ"ର ସ୍ୱତନ୍ତ୍ର ସଂଖ୍ୟା "ଭିଜନ୍ ଅଫ୍ ଓଡ଼ିଶା-୨୦୧୯" ଉନ୍ମୋଚିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ "ଦି ଇଣ୍ଟରଭ୍ୟୁ ଟାଇମ୍ସ"ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଦିଲୀପ କୁମାର ମହାନ୍ତି ଏବଂ ଉପଦେଷ୍ଟା ସୁଚିସ୍ମିତା ପୃଷ୍ଟି ଉପସ୍ଥିତ ଥିଲେ । ପରିଶେଷରେ ସହ-ସମ୍ପାଦକ ଶୁଭୋଜିତ୍ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

## ଏବେ ଇ-ଟୁଥବ୍ରସ୍

ଲୋକମାନଙ୍କର ବଞ୍ଚିବା ଷ୍ଟାଇଲ ଯଦି ସ୍ମାର୍ଟ, ସେମାନେ ବ୍ୟବହାର କରୁଥିବା ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଯେପରି ମୋବାଇଲ, କମ୍ପ୍ୟୁଟର ଆଦି ସ୍ମାର୍ଟ ତେବେ ଏଥିରୁ ଟୁଥବ୍ରସ୍ ବା କାହିଁକି ବାଦ ପଡ଼ିବ। ଟୁଥବ୍ରସ୍‌ର କେତେକ କମ୍ପାନୀ ଏବେ ଇ-ଟୁଥବ୍ରସ୍ ବନାଇବାକୁ ଯୋଜନା କରୁଛନ୍ତି। ଏହି ଇ-



ଟୁଥବ୍ରସ୍ ଆପଣଙ୍କ ଦାନ୍ତକୁ ସଫା କରିବା ସହିତ ନୋଟ୍ କରିଥାଏ କି ଆପଣଙ୍କର ଦାନ୍ତ କେତେ ସଫାସୁତୁରା ଅଛି। ସେହି ଡାଟାକୁ ଏକ ଖାସ୍ ଆପ ସାହାଯ୍ୟରେ ଆପଣଙ୍କର ସ୍ମାର୍ଟ ଫୋନ୍ ଓ ଆଇଫୋନ୍‌କୁ ପଠାଇଥାଏ। ଏହି ଆପ ସାହାଯ୍ୟରେ ଆପଣ ଜାଣି ପାରିବେ ଯେ ଆପଣଙ୍କର ବ୍ରସ୍ କରିବା ଷ୍ଟାଇଲରେ ଦାନ୍ତ ଠିକ୍ ଭାବେ ସଫା ହେଉଛି ନା ନାହିଁ ଓ ବ୍ରସ୍ କରିବା ଫଳରେ ଆପନଙ୍କ ଦାନ୍ତ ମାଢ଼ିର କୌଣସି କ୍ଷତି ହେଉନାହିଁ ତ। ପ୍ରତିଦିନର ବ୍ରସ୍ କରିବା ପରେ ସେହି ବ୍ରସ୍ ଦାନ୍ତର ସୁସ୍ଥତା ଓ ଦାନ୍ତ ସଫା ହୋଇଛି ନା ନାହିଁ ନିୟମିତ ସୂଚନା ଦେଇଥାଏ। ଏହା ବ୍ୟତୀତ ଏହି ସ୍ମାର୍ଟ ଟୁଥବ୍ରସ୍ ଦାନ୍ତକୁ ସଠିକ୍ ଭାବେ ସଫା କରିବାର ପ୍ରକ୍ରିୟା ମଧ୍ୟ ବତାଇଦେବ।

## ଫିନାଇଲ ବ୍ୟବହାର କରୁଛନ୍ତି କି ?

ଫିନାଇଲିରେ ଏମିତି କିଛି ବିଷାକ୍ତ ପଦାର୍ଥ ମିଶିଛି ଯାହା ଆମ ଶରୀରରେ ସ୍ଲୋପଜଏଜ ଭଳି କାମ କରିଥାଏ। ବହୁ ଅଧ୍ୟୟନରୁ ଜଣାପଡିଛି ଯେ, ସଫା କରିବା ପାଇଁ ବ୍ୟବହୃତ ହେଉଥିବା ଫିନରାଇଲରେ ବହୁତ କ୍ଷତିକାର ତତ୍ତ୍ୱ ମିଶିକରି ରହିଥାଏ। ଫିନାଇଲିରେ ରହିଥାଏ ଶକ୍ତିଶାଳୀ ଫିନେଲ, ଯାହା ରୋଗାଣୁରୋଧକ ଏବଂ କୀଟାଣୁନାଶକ କାମ କରିଥାଏ। ଯେତେବେଳେ ଏହାକୁ ଲାଟିନ୍ କିମ୍ବା ବାଥ୍‌ରୁମ୍ ସଫାକରିବା ପାଇଁ ବ୍ୟବହାର କରାଯାଏ ତ ଏଥିରେ ଥିବା କେମିକାଲ ବହୁତ ସମୟ ଧରି ନିଶ୍ୱାସ ପ୍ରଶ୍ୱାସରେ ନେଲେ ବହୁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଯଥା ପେଟ, ଅନ୍ତ, ଲିଭର, କିଡନୀ ଏବଂ ହାର୍ଟକୁ କ୍ଷତି ପହଞ୍ଚାଇଥାଏ। ବେଳେ ବେଳେ ଏହାର ପରିମାଣ ଖୁବ ଭୟଙ୍କର ହୋଇଥାଏ। ସମୟ ପୂର୍ବରୁ ଯଦି ଏହାର ଚିକିତ୍ସା ନକରାଯାଏ ତ ସ୍ଥିତି ଗମ୍ଭୀର ହୋଇପାରେ। ଫିନାଇଲ ଆଖି ଏବଂ ତ୍ୱଚା ସଂସ୍ପର୍ଶରେ ଆସିଲେ ଜଳାପୋଡା ହେବା ସହ ଏହାର ଅଧିକ ବ୍ୟବହାର ଦୃଷ୍ଟିଶକ୍ତି ଚାଲିଯବାର ବହୁ ସମ୍ଭାବନା ରହିଛି। ଠିକ୍ ସେହିଭଳି ଏହା ନିଶ୍ୱାସ




ମାଧ୍ୟମରେ ଭିତରକୁ ଚାଲିଯାଏ ତ ନାକ, ଗଳା ଏବଂ ଫୁସ୍‌ଫୁସ୍‌ର ଭିତର ଅଂଶ ଜଳାପୋଡା ହୋଇପାରେ। ଫିନାଇଲକୁ ନେଇ ଆମର ମସ୍ତିଷ୍କ ଖୁବ୍ ସମ୍ବେଦନଶୀଳ। ଫିନାଇଲ୍ ଦ୍ୱାରା ହୃଦଘାତ ଏବଂ କୋମାକୁ ଚାଲିଯିବାର ସମ୍ଭାବନା ରହିଛି।

## ଆଜିର ଭାଗ୍ୟ

| | |
|---|---|
| ମେଷ | ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ। |
| ବୃଷ | ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି। |
| ମିଥୁନ | ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ। |
| କର୍କଟ | ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ। |
| ସିଂହ | ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ଦାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ। |
| କନ୍ୟା | ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ। |
| ତୁଳା | ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ। |
| ବିଛା | ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ। |
| ଧନୁ | ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ। |
| ମକର | କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ। |
| କୁମ୍ଭ | ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ। |
| ମୀନ | ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ। |




# କେନ୍ଦ୍ରାପଡ଼ାର ରାଜନୀତିକ ଦୃଶ୍ୟ !

ସାମ୍ପ୍ରତିକ ରାଜନୀତିରେ ନେତାଙ୍କୁ ଚିହ୍ନିବା ସହଜ ନୁହେଁ। ସାଧାରଣତଃ ତୃଣମୂଳ ସ୍ତରରେ ଲୋକଙ୍କ ସେବା କରି, ଲୋକଙ୍କ ସୁଖ-ଦୁଃଖରେ ଏକାକାର ହୋଇ ନେତା ପାଲଟି ଥିବା ବ୍ୟକ୍ତି ହିଁ ବାସ୍ତବ କ୍ଷେତ୍ରରେ ଲୋକପ୍ରତିନିଧି ହେବାକୁ ଯୋଗ୍ୟ ହୋଇ ଥାଏ। ଲୋକେ ରାଜନେତାଙ୍କ କଥାରେ ନୁହେଁ, କାମରେ ବିଶ୍ୱାସ କରନ୍ତି। ନେତାଙ୍କ ମିଥ୍ୟା ପ୍ରତିଶ୍ରୁତି ଓ କପୋଳକଳ୍ପିତ କଥାରେ ସାଧାରଣ ଲୋକଙ୍କ ସମର୍ଥନ ମିଳେନାହିଁ। ବିକାଶମୂଳକ କାର୍ଯ୍ୟ ଏବଂ ସାଧାରଣ ଲୋକ ମାନଙ୍କର ମଙ୍ଗଳ ପାଇଁ ନିଷ୍ଠାପର କାର୍ଯ୍ୟ କରି ଚାଲିଲେ, ଯିଏ କେହି ଲୋକଙ୍କ ବିଶ୍ୱାସଭାଜନ ହୋଇଥାଏ। ସାଧାରଣତଃ କୁହାଯାଇଥାଏ, ଭାରତୀୟ ଗଣତନ୍ତ୍ରର ମନ୍ଦିର ଗୁଡ଼ିକୁ ଆମେ ଗଣତାନ୍ତ୍ରିକ ସଂସ୍କାର ଥିବା ଓ ସଂସଦ ବା ବିଧାନସଭାରେ ଲୋକଙ୍କ ଆଶା-ଆକାଂକ୍ଷା, ସୁଖ-ଦୁଃଖ ଏବଂ ଦୃଷ୍ଟିକୋଣକୁ ଗଣତାନ୍ତ୍ରିକ ଢ଼ଙ୍ଗରେ ଉପସ୍ଥାପିତ କରିପାରୁଥିବା ବ୍ୟକ୍ତିମାନଙ୍କୁ ନିର୍ବାଚିତ କରି ପଠାଇବା ଉଚିତ। କାରଣ ସେମାନେ ଆମର ପ୍ରତିନିଧି, ପ୍ରବକ୍ତା ଓ ସୁଖ-ଦୁଃଖର ସାଥୀ ମଧ୍ୟ। ଯେତେବେଳେ ସୁଯୋଗ୍ୟ ନେତାମାନେ ସଂସଦ ବା ବିଧାନସଭାକୁ ନିର୍ବାଚିତ ହୁଅନ୍ତି, ସେତେବେଳେ ସଂପୃକ୍ତ ଅଂଚଳ ତଥା ସାଧାରଣ ଲୋକଙ୍କ ଉନ୍ନତି ହେବା ସହ ସେହି ନେତା ନିଜ ନିର୍ବାଚନ କ୍ଷେତ୍ରରେ ଅପରାଜେୟ ହୋଇଯାଆନ୍ତି। ସମସ୍ତ ରେକର୍ଡ଼ ଭାଙ୍ଗି ରାଜ୍ୟ ଓ ଦେଶରେ ଇତିହାସ ସୃଷ୍ଟି କରନ୍ତି ! ଚିରଦିନ ପାଇଁ ଲୋକମାନଙ୍କ ମନରେ ସେମାନେ ସ୍ମରଣୀୟ ହୋଇ ରହନ୍ତି। ସେହିଭଳି ଜଣେ ନେତା ହେଲେ କେନ୍ଦ୍ରାପଡ଼ା ଲୋକସଭା କ୍ଷେତ୍ରର ପୂର୍ବତନ ସାଂସଦ ବୈଜୟନ୍ତ ପଣ୍ଡା। ଆମେରିକାରେ ପାଠପଢ଼ା ଶେଷ ପରେ ବୈଜୟନ୍ତବାବୁ ଶିଳ୍ପ କ୍ଷେତ୍ରରେ ନିଜର କାର୍ଯ୍ୟ ଆରମ୍ଭ କରିଥିଲେ। ମାତ୍ର ଧୀରେଧୀରେ ସେ ରାଜନୀତି ପ୍ରତି ଆକୃଷ୍ଟ ହୋଇଥିଲେ। ବୈଜୟନ୍ତବାବୁ ଜଣେ ପ୍ରଗତିଶୀଳ ମଣିଷ ଭାବେ ବିଭିନ୍ନ ସାମାଜିକ ଓ ଗଣ ଆନ୍ଦୋଳନ ସହିତ ନିଜକୁ ସାମିଲ କରିଛନ୍ତି। କେବଳ କେନ୍ଦ୍ରାପଡ଼ା କି ଓଡ଼ିଶା ନୁହେଁ, ଜାତୀୟ ରାଜନୀତି କ୍ଷେତ୍ରରେ ମଧ୍ୟ ସେ ନିଜର ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିପାରିଛନ୍ତି। ଏପରିକି ଜଣେ ପ୍ରଚଣ୍ଡ ରାଜନୀତିକ ଜ୍ଞାନର ଅଧିକାରୀ ତଥା ଅଭିଜ୍ଞ ସାଂସଦ ଭାବେ ତାଙ୍କର ରାଜନୀତିକ ଓ ସଂସଦୀୟ କାର୍ଯ୍ୟଦକ୍ଷତା ତାଙ୍କୁ ଆପେ ଜାତୀୟ ରାଜନୀତି ମଂଚରେ ଛିଡ଼ା କରି ଦେଇଛି। ୨୦୦୦ ଓ ୨୦୦୬ ମସିହାରେ ସେ ରାଜ୍ୟସଭାକୁ ନିର୍ବାଚିତ ହୋଇ ୨୦୦୦ରୁ ୨୦୦୯ ପର୍ଯ୍ୟନ୍ତ ବିଜେଡ଼ି ରାଜ୍ୟସଭା ସଂସଦୀୟ ଦଳର ନେତା ପଦରେ ଅଧିଷ୍ଠିତ ହୋଇଥିଲେ। ୨୦୦୯ ଓ ୨୦୧୪ ସାଧାରଣ ନିର୍ବାଚନରେ ସେ ବିଜେଡ଼ି ଟିକଟରେ କେନ୍ଦ୍ରାପଡ଼ା ଲୋକସଭା କ୍ଷେତ୍ରରୁ ନିର୍ବାଚିତ ହୋଇ ବିଭିନ୍ନ ସଂସଦୀୟ କମିଟିର ଜଣେ ପ୍ରମୁଖ ସଦସ୍ୟ ଭାବେ ନିଜର ଦାୟିତ୍ୱ ସଫଳତାର ସହ ତୁଲାଇଥିଲେ।

ସଂସଦ ଅଧିବେଶନରେ ବୈଜୟନ୍ତ ବାବୁଙ୍କର କାର୍ଯ୍ୟଶୈଳୀ, ପ୍ରଭାବୀ ବକ୍ତୃତା ଓ ଜାତୀୟ ସ୍ତରୀୟ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଆଲୋଚନାରେ ଅଂଶଗ୍ରହଣ ତଥା ସଂସଦ ବାହାରେ, ନିଜ ରାଜ୍ୟରେ ଓ ନିଜ ନିର୍ବାଚନ ମଣ୍ଡଳୀରେ ତାଙ୍କର ଲୋକାଭିମୁଖୀ କାର୍ଯ୍ୟ ଅଦ୍ୱିତୀୟ। ସଂସଦ ଅଧିବେଶନରେ ପ୍ରଶ୍ନ-ଉତର, ବଜେଟ୍, ବିଧେୟକ, ଧ୍ୟାନାକର୍ଷଣ, ସ୍ଥଗନ, ଚର୍ଚ୍ଚା ଭଳି ମହତ୍ୱପୂର୍ଣ୍ଣ ଆଲୋଚନାରେ ବୈଜୟନ୍ତବାବୁ ଉପସ୍ଥିତ ରହି ସବୁଥିରେ ସକ୍ରିୟ ଅଂଶ ଗ୍ରହଣ କରନ୍ତି। ଦେଶରେ ଦାରିଦ୍ର୍ୟ, ଅନାହାର, ପୁଷ୍ଟିହୀନତା, ମାତୃ ଓ ଶିଶୁମୃତ୍ୟୁ, ଦାଦନ ଭଳି ବିଭିନ୍ନ ସାମାଜିକ ଓ ପ୍ରଶାସନିକ ସମସ୍ୟା ସମାଧାନ ପାଇଁ ସେ ନିୟମିତ କାର୍ଯ୍ୟ କରି ଆସିଛନ୍ତି। ଏଥିପାଇଁ ମଧ୍ୟ ସେ ସଂସଦରେ ଅନେକ ପ୍ରାଇଭେଟ୍ ମେମ୍ବର୍ସ ବିଲ୍ ଉପସ୍ଥାପନ କରିଛନ୍ତି। ୨୦୧୧ରେ ବୈଜୟନ୍ତବାବୁଙ୍କ ସମେତ ଏକ ଉଚ୍ଚସ୍ତରୀୟ ଯୁବ ସଂସଦୀୟ ଦଳ "ସିଟିଜେନ୍ସ ଆଲିଆନ୍ସ ଏଗ୍‌ନେଷ୍ଟ ମାଲ୍‌ନ୍ୟୁଟ୍ରିସନ୍" ଶିଶୁ ପୁଷ୍ଟିହୀନତାର କାରଣ ସଂପର୍କରେ ସାରା ଭାରତରେ ବୁଲି ମା', ଶିଶୁ, ଅଙ୍ଗନୱାଡ଼ୀ କର୍ମୀ ଓ ସରକାରୀ କର୍ମକର୍ତାଙ୍କୁ ଭେଟିଥିଲେ। ଏହି ଦଳ ୧ଲକ୍ଷରୁ ଊର୍ଦ୍ଧ୍ୱ ଶିଶୁ ଓ ୭୪ ହଜାରରୁ ଊର୍ଦ୍ଧ୍ୱ ମା'ଙ୍କୁ ସାକ୍ଷାତ କରି ଆଲୋଚନା କରିଥିଲେ। ଏହା ଦେଶର ସବୁଠୁ ବଡ଼ ପୁଷ୍ଟିହୀନତା ସର୍ଭେ ଥିଲା। ୨୦୧୩ରେ ରାଜନୀତିକ ବ୍ୟକ୍ତିଙ୍କ ବିରୁଦ୍ଧରେ ଥିବା ଅପରାଧିକ ମାମଲାର ବିଚାର ପାଇଁ ସ୍ପେଶିଆଲ୍ ଫାଷ୍ଟ ଟ୍ରାକ୍ କୋର୍ଟ ସ୍ଥାପନ ପାଇଁ, ୨୦୧୩ରେ ରାଜନୀତିରେ ଅପରାଧୀକରଣ ନିୟନ୍ତ୍ରଣ ପାଇଁ, ୨୦୧୪ରେ ଜଣେ ବ୍ୟକ୍ତି ଏକସମୟରେ ସଂସଦୀୟ କ୍ଷେତ୍ର ଓ ବିଧାନସଭା କ୍ଷେତ୍ର ଉଭୟରୁ ନିର୍ବାଚିତ ହୋଇ ପରେ ଯେଉଁ ଆସନରୁ ଇସ୍ତଫା ଦେବେ, ସେଠାରେ ଦ୍ୱିତୀୟ ସ୍ଥାନ ଦଖଲ କରିଥିବା ପରାଜିତ ପ୍ରାର୍ଥୀଙ୍କୁ ନିର୍ବାଚିତ ଘୋଷିତ କରିବାକୁ ସଂସଦରେ ପ୍ରାଇଭେଟ୍ ମେମ୍ବର୍ସ ବିଲ୍ ଉପସ୍ଥାପନ କରିଥିଲେ।

ସୂଚନାଯୋଗ୍ୟ ଯେ, ୨୦୧୮ ଜାନୁୟାରୀ ୨୪ ତାରିଖରେ ତାଙ୍କୁ ବିଜେଡ଼ିର ପ୍ରାଥମିକ ସଭ୍ୟ ପଦରୁ ନିଲମ୍ବନ କରାଯାଇଥିଲା, ଯାହାକୁ କେନ୍ଦ୍ରାପଡ଼ାର ସଚେତନଶୀଳ ନାଗରିକମାନେ ଗ୍ରହଣ କରିପାରି ନ ଥିଲେ। ତା.୨୮.୦୫.୨୦୧୮ରିଖରେ ବିଭିନ୍ନ କାରଣ ଦର୍ଶାଇ ବୈଜୟନ୍ତବାବୁ ବିଜେଡ଼ିରୁ ଇସ୍ତଫା ଦେଇଥିଲେ ଓ ତା.୧୨.୦୬.୨୦୧୮ରିଖରେ ଲୋକସଭା ସଦସ୍ୟ ପଦରୁ ମଧ୍ୟ ଇସ୍ତଫା ଦେଇଥିଲେ। ତେବେ ୨୦୧୯ ମାର୍ଚ୍ଚ ୪ ତାରିଖରେ ସେ ବିଜେପିରେ ଯୋଗ ଦେଇଥିଲେ। ଏହାର ମାତ୍ର ଚାରିଦିନ ପରେ ମାର୍ଚ୍ଚ ୮ ତାରିଖରେ ତାଙ୍କୁ ଅତି ଗୁରୁତ୍ୱପୂର୍ଣ୍ଣ ବିଜେପି ଜାତୀୟ ଉପ-ସଭାପତି ତଥା ମୁଖପାତ୍ର ପଦରେ ଅବସ୍ଥାପିତ କରାଯାଇଥିଲା। ବୈଜୟନ୍ତବାବୁ ଯେପରି ସ୍ଥାନୀୟ ସମସ୍ୟାକୁ ଗୁରୁତ୍ୱ ଦେଇ ଉନ୍ନୟନ କାର୍ଯ୍ୟକୁ ଆଗେଇ ନେଇଥା'ନ୍ତି ଓ ଲୋକଙ୍କୁ ଭଲ ପାଆନ୍ତି, ପୂର୍ବର କୌଣସି ସାଂସଦଙ୍କଠାରେ ତାହା ଦେଖାଯାଇ ନ ଥିଲା। ବାସ୍ତବରେ ସାଧାରଣ ଲୋକଙ୍କ ପାଇଁ ଉନ୍ନୟନ କାର୍ଯ୍ୟରେ ନିଜକୁ ସଂପୂର୍ଣ୍ଣ ଭାବେ ଉତ୍ସର୍ଗ କରିଥିଲେ ବୈଜୟନ୍ତବାବୁ। ତେବେ ବୈଜୟନ୍ତବାବୁ ୨୦୧୯ ଲୋକସଭା ନିର୍ବାଚନରେ କେନ୍ଦ୍ରାପଡ଼ା ଆସନରେ ତୃତୀୟ ଥର ପାଇଁ ବିଜେପି ଟିକଟରେ ପ୍ରାର୍ଥୀ ହୋଇ ପରାଜିତ ହୋଇଥିଲେ। ନିର୍ବାଚନରେ ବିଜେଡ଼ିର ଅନୁଭବ ମହାନ୍ତି ୬,୨୮,୯୩୯ ଖଣ୍ଡ ଭୋଟ ପାଇଥିଲାବେଳେ ବିଜେପିର ବୈଜୟନ୍ତ ପଣ୍ଡା ୪,୪୭,୪୫୬ ଖଣ୍ଡ ଭୋଟ ଏବଂ କଂଗ୍ରେସର ଧରଣୀଧର ନାୟକ ୧,୧୩,୮୪୧ ଖଣ୍ଡ ଭୋଟ୍ ପାଇଥିଲେ। ତେବେ ବିଜେଡ଼ିର ଅନୁଭବ ମହାନ୍ତି ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବୈଜୟନ୍ତବାବୁଙ୍କୁ ୧,୮୧,୪୮୩ ଖଣ୍ଡ ଭୋଟ ବ୍ୟବଧାନରେ ପରାଜିତ କରିଥିଲେ। ଏଠାରେ ପ୍ରଶ୍ନ ଉଠିପାରେ ଯେ, କେନ୍ଦ୍ରାପଡ଼ାର ବିକାଶ ପାଇଁ ବୈଜୟନ୍ତ ବାବୁ ଅନେକ ଉନ୍ନୟନ କାର୍ଯ୍ୟ କରିବା ସହ ବହୁ ଉନ୍ନୟନ ଯୋଜନା ହାତକୁ ନେଇଥିଲେ ହେଁ ମତଦାତାମାନେ ତାଙ୍କୁ ପ୍ରତ୍ୟାଖ୍ୟାନ କଲେ କାହିଁକି ? ତେବେ ମୁଖ୍ୟତଃ ଦୁଇଟି କାରଣ ପାଇଁ ବୈଜୟନ୍ତବାବୁ ପରାଜିତ ହେଲେ ବୋଲି ରାଜନୀତିକ ସମୀକ୍ଷକମାନେ ମତ ଦେଇଥିଲେ।। ପ୍ରଥମତଃ ବିଜେପିରେ ମିଶିବା ତାଙ୍କ ପାଇଁ କାଳ ହେଲା। କାରଣ ଯେଉଁ ସଂଖ୍ୟାଲଘୁ ଭୋଟ୍, ପୂର୍ବରୁ ବୈଜୟନ୍ତବାବୁଙ୍କ ହାତମୁଠାରେ ଥିଲା, ସେ ବିଜେପିର ପ୍ରାର୍ଥୀ ହେବାପରେ ପ୍ରାୟତଃ ସବୁ ଭୋଟ ବିଜେଡ଼ି ହାତକୁ ଚାଲିଗଲା। ଦ୍ୱିତୀୟତଃ ବୈଜୟନ୍ତ ବାବୁଙ୍କ ପରିଚାଳନାଗତ ତ୍ରୁଟି ଯୋଗୁ ଯୁବ ଗୋଷ୍ଠୀର ଭୋଟଗୁଡ଼ିକ ଅତି ସହଜରେ ବିଜେଡ଼ି ଅକ୍ତିଆରକୁ ଚାଲିଗଲା। ସେହିପରି ଭୋଟ ପରିଚାଳନା ବେଳେ ସେ ତାଙ୍କର ପୁରୁଣା ସମର୍ଥକ ଓ ଶୁଭେଚ୍ଛୁମାନଙ୍କୁ ଆଡ଼େଇଦେବା ଦେଖାଯାଇଥିଲା। ଅନ୍ୟପକ୍ଷରେ ବୈଜୟନ୍ତ ବାବୁଙ୍କ ପ୍ରାର୍ଥୀତ୍ୱ ଓ ନିର୍ବାଚନ ବିଜୟ ପାଇଁ ବିଜେପିର କେତେକ ଆଗଧାଡ଼ିର ନେତା ସେମିତି କିଛି ସହଯୋଗ ଦେଇନଥିବା ସେତେବେଳେ ମନେହୋଇଥିଲା ବୋଲି ରାଜନୀତିକ ସମୀକ୍ଷକମାନେ ମତ ଦେଇଥିଲେ। ମାତ୍ର ବିଜେଡ଼ି ପ୍ରାର୍ଥୀ ତଥା ଅଭିନେତା ଅନୁଭବ ମହାନ୍ତି ଓ ତାଙ୍କର ଅଭିନେତ୍ରୀ ସହଧର୍ମିଣୀ ବର୍ଷା ପ୍ରିୟଦର୍ଶିନୀ ନିଜର ଯଥେଷ୍ଟ ଉଦ୍ୟମ ବଳରେ ଯୁବଗୋଷ୍ଠୀକୁ ନିଜ ପକ୍ଷକୁ ଆଣିପାରିଥିଲେ। ଯେଉଁଥିପାଇଁ ବିଜେଡ଼ି ସହଜ ବିଜୟଲାଭ କରିଥିଲା।

ବାସ୍ତବତା ଦେଖାଗଲେ, ବୈଜୟନ୍ତ ପଣ୍ଡା ଜଣେ ଭିନ୍ନ ଚରିତ୍ରର ମଣିଷ। ସାଂସଦ ନଥାଇ ମଧ୍ୟ ସେ ସବୁବେଳେ କେନ୍ଦ୍ରାପଡ଼ା ଅଂଚଳରେ ରହି ଲୋକମାନଙ୍କ ସୁଖ-ଦୁଃଖରେ ଭାଗୀ ହେଉଥିବା ଦେଖାଯାଉଛି। ଦଳମତ ନିର୍ବିଶେଷରେ କେନ୍ଦ୍ରାପଡ଼ାର ସାଧାରଣ ମଣିଷକୁ ସେ ବନ୍ଧୁ ଭାବରେ ଗ୍ରହଣ କରିଥିବା ବେଳେ ତାଙ୍କ ପ୍ରତି ମଧ୍ୟ କେନ୍ଦ୍ରାପଡ଼ାବାସୀଙ୍କର ଏବେ ବି ଅକୁଣ୍ଠ ସମର୍ଥନ ରହିଛି।

## କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସଂଖ୍ୟାନ ବିଭାଗର ବାର୍ଷିକ ଆଲୁମନି ମିଟ୍

କେନ୍ଦ୍ରାପଡା,(ପି.ଏନ):କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସଂଖ୍ୟାନ ବିଭାଗର ବାର୍ଷିକ ଆଲୁମନି ମିଟ୍ ୨୦୨୪-୨୫ ମହାବିଦ୍ୟାଳୟର ପରିସଂଖ୍ୟାନ ବିଭାଗରେ ୧୫-୦୧-୨୦୨୫ ଦିନ ଅନୁଷ୍ଠିତ ହୋଇଯାଇଛି। ଏହି ବାର୍ଷିକ ସଭାରେ ବିଭାଗର ପ୍ରାୟ ୨୦ଜଣ ପ୍ରାକ୍ତନ ଛାତ୍ର ଛାତ୍ରୀ ଓ ପ୍ରାୟ ୩୦ଜଣ ଛାତ୍ରଛାତ୍ରୀ ଯୋଗଦେଇଥିଲେ। ଉକ୍ତ ସଭାକୁ ଆଲୁମନି କମିଟିର ସଭାପତି ସୁରେଶ ଚ଼ନ୍ଦ୍ର କର ପୌରାହିତ୍ୟ କରିଥିଲେ ଓ କମିଟିର ସମ୍ପାଦକ ଡଃ. ଭବାନୀ ଶଙ୍କର ମହାନ୍ତି ସଭା ପରିଚ଼ାଳନା କରିଥିଲେ। ବିଭାଗୀୟ ମୁଖ୍ୟା ଶ୍ରୀମତି ମିନତିପ୍ରଭା ଜେନା, ପ୍ରାଧାପିକା ଡଃ. 



ପୌର୍ଣ୍ଣମାସୀ ପଣ୍ଡା, ଅଧାପକ ଅଜୟ କିଶୋର ଦାସ, ଅଧାପିକା ସୋନାଲିକା ମହାନ୍ତି ପ୍ରମୁଖ ଆଜିର ଛାତ୍ରଛାତ୍ରୀଙ୍କୁ ପରିସଂଖ୍ୟାନର ବିଭିନ୍ନ ଦିଗ ଓ ପ୍ରୟୋଗ ଉପରେ ବିଶେଷ ଆଲୋକପାତ କରିଥିଲେ। ଅନ୍ୟ ପୁରାତନ ଛାତ୍ର ମାନଙ୍କ ମଧରେ ଅଧାପକ ସୁବାଷ ଚ଼ନ୍ଦ୍ର ତ୍ରୀପାଠୀ, ବୈକୁଣ୍ଠନାଥ ସାହୁ, ବିସ୍ମୟ ସେଠୀ, ମନ୍ମଥ ଜେନା, ରାଜକିଶୋର ସାହୁ, ଦେବପ୍ରସାଦ ସାହୁ, ଡଃ. ଦୀପକ ବେହେରା ପ୍ରମୁଖ ବିଭାଗର ଉନ୍ନତିକରଣ ଦିଗରେ ବିଭିନ୍ନ ଦିଗ ଉପରେ ଆଲୋଚ଼ନା କରିଥିଲେ। ଡଃ. ଭବାନୀଶଙ୍କର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## କାଶୀ ତାମିଲ ସଙ୍ଗମମ ତୃତୀୟ ପର୍ଯ୍ୟାୟ ପାଇଁ ପଞ୍ଜୀକରଣ ପୋର୍ଟାଲର ଶୁଭାରମ୍ଭ

ନୂଆଦିଲ୍ଲୀ/ଭୁବନେଶ୍ୱର, (ପି.ଏନ): କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କାଶୀ ତାମିଲ ସଙ୍ଗମମ୍ (କେଟିଏସ୍)ର ତୃତୀୟ ସଂସ୍କରଣ ପାଇଁ ପଞ୍ଜୀକରଣ ପୋର୍ଟାଲର ଶୁଭାରମ୍ଭ କରିଛନ୍ତି । ଏକ ସାମ୍ବାଦିକ ସମ୍ମିଳନୀରେ କେନ୍ଦ୍ରମନ୍ତ୍ରୀ ଘୋଷଣା କରିଛନ୍ତି ଯେ କାଶୀ ତାମିଲ ସଙ୍ଗମମ ୩.୦ ଆସନ୍ତା ଫେବୃଆରୀ ୧୫ରୁ ଉତ୍ତରପ୍ରଦେଶର ବାରଣାସୀରେ ଆରମ୍ଭ ହେବ ଏବଂ ୧୦ ଦିନ ଧରି ଚ଼ାଲିବାକୁ ଥିବା ଏହି କାର୍ଯ୍ୟକ୍ରମ ଫେବୃଆରୀ ୨୪ରେ ଶେଷ ହେବ । ଆଇଆଇଟି ମାଡ୍ରାସ ଦ୍ୱାରା ପରିଚ଼ାଳିତ ପୋର୍ଟାଲ kashitamil.iitm.ac.in ରେ ଫେବୃଆରୀ ୧, ୨୦୨୫ ପର୍ଯ୍ୟନ୍ତ ଛାତ୍ରଛାତ୍ରୀମାନେ ପଞ୍ଜୀକରଣ କରିପାରିବେ । ଶ୍ରୀ ପ୍ରଧାନ କହିଛନ୍ତି ଯେ କାଶୀ ତାମିଲ ସଙ୍ଗମମ ୩.୦ ଜରିଆରେ ତାମିଲନାଡୁ ଓ କାଶୀ ମଧରେ ଅତୁଟ ସମ୍ପର୍କ ସୃଷ୍ଟି ହେବ । କାଶୀ ତାମିଲ ସଙ୍ଗମମ୍ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମୂଳ କଳ୍ପନା ଥିଲା । ତାମିଲନାଡୁ ଏବଂ କାଶୀ ମଧରେ ଚ଼ିରନ୍ତନ ସମ୍ପର୍କକୁ ପାଳନ କରିବା, ସଭ୍ୟତା ସମ୍ପର୍କକୁ ସୁଦୃଢ଼ କରିବା ଏବଂ ଏକ ଭାରତ, ଶ୍ରେଷ୍ଠ ଭାରତର ଭାବନାକୁ ଆଗକୁ ବଢ଼ାଇବା ପାଇଁ ଏହା ଏକ ପ୍ରେରଣାଦାୟକ ପଦକ୍ଷେପ । କାଶୀ ତାମିଲ ସଙ୍ଗମମ ଭାରତର ଅନ୍ୟତମ ପୂଜ୍ୟ ସାଧୁ ମହର୍ଷି ଅଗସ୍ତ୍ୟଙ୍କ ଉତ୍ସବ ହେବ । ଭାରତର ସାଂସ୍କୃତିକ ଓ ଆଧାତ୍ମିକ ଢାଞ୍ଚାରେ ମହର୍ଷି ଅଗସ୍ତ୍ୟଙ୍କ ପରମ୍ପରା ଗଭୀର ଭାବରେ ଜଡ଼ିତ । ତାମିଲ ଭାଷା ଓ ସାହିତ୍ୟ ସହିତ ମିଳିତ ମୂଲ୍ୟବୋଧ, ଜ୍ଞାନ ପରମ୍ପରା ଓ ଐତିହ୍ୟର ମୂଳଦୁଆ ବୌଦ୍ଧିକ ପ୍ରତିଭା ବୋଲି ଶ୍ରୀ ପ୍ରଧାନ କହିଥିଲେ ।ଶ୍ରୀ ପ୍ରଧାନ କହିଛନ୍ତି ଯେ ଚ଼ଳିତ ବର୍ଷ କାଶୀ ତାମିଲ ସଙ୍ଗମମର ବିଶେଷ ମହତ୍ତ୍ୱ ରହିଛି କାରଣ ଏହା ମହାକୁମ୍ଭ ସହିତ ଏକ ସଙ୍ଗେ ପଡୁଛି ଏବଂ ଅଯୋଧାରେ ଶ୍ରୀରାମଲଲାଙ୍କ 'ପ୍ରାଣ ପ୍ରତିଷ୍ଠା' ପରେ ଏହା ପ୍ରଥମ ସଙ୍ଗମମ ଅଟେ । ମହାକୁମ୍ଭ ଏବଂ ଶ୍ରୀ ଅଯୋଧା ଧାମର କେନ୍ଦ୍ରୀୟ ବିଷୟବସ୍ତୁ ଏବଂ ପୃଷ୍ଠଭୂମି ଭାବରେ ମହର୍ଷି ଅଗସ୍ତ୍ୟ ସହିତ, କାଶୀ ତାମିଲ ସଙ୍ଗମମ୍ ୩.୦ ଏକ ଦିବ୍ୟ ଅନୁଭୂତି ପ୍ରଦାନ କରିବ । ଆମ ସଭ୍ୟତା ଏବଂ ସଂସ୍କୃତିର ଦୁଇଟି ଚ଼ିରନ୍ତନ କେନ୍ଦ୍ର - ତାମିଲନାଡୁ ଏବଂ କାଶୀକୁ ପୂର୍ବଅପେକ୍ଷା ଅଧିକ ନିକଟତର କରିବ । ଶ୍ରୀ ପ୍ରଧାନ ତାମିଲନାଡୁବାସୀଙ୍କୁ କାଶୀ ତାମିଲ ସଙ୍ଗମମ୍ ୩.୦ରେ ଅଂଶଗ୍ରହଣ କରିବାକୁ ନିବେଦନ କରିଥିଲେ ।

## ସୁରକ୍ଷାରେ ତ୍ରୁଟି ଯୋଗୁଁ କାରଖାନା ପରିସରରେ ଦୁର୍ଘଟଣା ପରେ ଟିପର ଚାଳକର ମୃତ୍ୟୁ



କେନ୍ଦୁଝର (ପିଏନ୍): କାରଖାନା ପରିସରରେ ସୁରକ୍ଷାରେ ତୃଟି ଯୋଗୁଁ ଜଣେ ଟ୍ରକ ଚାଳକର ମୃତ୍ୟୁ ହୋଇଛି। ପୋଲିଓ ଏବଂ କାରଖାନା ଓ ବାଷ୍ପିତ ବିଭାଗ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି। ବାମେବାରୀ ଥାନା ଅନ୍ତର୍ଗତ ବସନ୍ତପୁରଠାରେ ଥିବା ଏସେଲ ମାଇନିଂ ଏଣ୍ଡ ଇଣ୍ଡଷ୍ଟ୍ରିଜ ପିଲେଟ ଏବଂ ବେନିଫିକେସନ କାରଖାନା ପରିସରରେ ଏକ ଲୁହାପଥର ଗୁଣ୍ଡ ବୋଝେଇ ଟିପର ଦୁର୍ଘଟଣା ଘଟି ଟିପର ଚାଳକଙ୍କ ମୃତ୍ୟୁ ଘଟିଛି। କାରଖାନା ପରିସରରେ ଟ୍ରାଫିକ ସୁରକ୍ଷା ବ୍ୟବସ୍ଥା ଢ଼ିଲା ଓ ଭିତରେ ଥିବା ରାସ୍ତା ବିପର୍ଯ୍ୟସ୍ତ ହୋଇଥିବାରୁ ଅନେକ ସମୟରେ ଛୋଟ ବଡ ଦୁର୍ଘଟଣା ଘଟୁଥିବାବେଳେ ଏବେ ଏକ ଦୁର୍ଘଟଣା ଘଟି ଜଣେ ଟିପର ଚାଳକଙ୍କ ମୃତ୍ୟୁ ଘଟିଛି। ମୃତ ଚାଳକଙ୍କ ନାମ ଛେଦି ମୁଣ୍ଡା ଏବଂ ବୟସ ୩୧ବର୍ଷ ବୋଲି ଜଣାପଡିଛି। ଏହାକୁ ନେଇ ବାମେବାରୀ ଥାନା ପୋଲିସ ଏକ କେସ ନଂ ୨୦୨ ଦଫା ୨୭୯, ୩୦୪ (ଏ) ଏକ ମାମଲା ରୁଜୁ କରିଥିବାବେଳେ ପୋଲିସ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି। କାରଖାନା ପରିସରରେ ବେପରୁଆ ଗାଡି ଚାଳନା ଯୋଗୁ ଗାଡି ଚାଳକର ମୃତ୍ୟୁ ହୋଇଥିବା ପୋଲିସ କହିଛି। କାରଖାନା ପରିସରରେ ଦୃତ ଗତିରେ ଗାଡି ଚଲାଉଥିଲେ ସୁରକ୍ଷା କର୍ମଚାରୀଙ୍କ ଭୂମିକାକୁ ନେଇ ପ୍ରଶ୍ନ ଉଠିଛି। କେନ୍ଦୁଝରସ୍ଥିତ ସହକାରୀ କାରଖାନା ଓ ବାଷ୍ପିତ ନିର୍ଦ୍ଦେଶାଳୟ ପକ୍ଷରୁ ମଧ ତଦନ୍ତ ଆରମ୍ଭ ହୋଇଛି। ସହକାରୀ ନିର୍ଦ୍ଦେଶକ କାରଖାନା ଓ ବାଷ୍ପିତ ବିଭାଗର ଇଂ କେଦାର ନାଥ ହାଁସଦା ଘଟଣାସ୍ଥଳକୁ ଯାଇ ତଦନ୍ତ କରିଛନ୍ତି। ଏହି ଘଟଣାକୁ ଭିନ୍ନ ମୋଡ ଦେଇ କାରଖାନା କର୍ତ୍ତୃପକ୍ଷ ଙ୍କୁ ସୁରକ୍ଷା ଦେବାକୁ ପ୍ରୟାସ ଚାଲିଥିବାରୁ ଏହାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଏଠାରେ ସୂଚନା ଯୋଗ୍ୟ ଯେ, କାରଖାନା ପରିସରରେ ଥିବା ରାସ୍ତାଘାଟ ଗୁଡିକ ସଠିକ ମାନର କରିବା ସହ ଶ୍ରମିକ ତଥା ଗାଡି ଚାଳକ ମାନଙ୍କ ସୁରକ୍ଷା ପ୍ରତି ଦୃଷ୍ଟି ଦେବାର ବ୍ୟବସ୍ଥା ରହିଛି। ସେହିପରି କାରଖାନା ପରିସରରେ ଧୂଳି,ଧୂଆଁ ପ୍ରଦୂଷଣ ନିୟନ୍ତ୍ରଣ କରି ଦୁର୍ଘଟଣା ରୋକିବା ନେଇ ମଧ ପଦକ୍ଷେପ ନିଆଯାଇଥାଏ। ତେବେ ଏସବୁ ଅବ୍ୟବସ୍ଥା ତଦାରଖ ପାଇଁ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼,ଶ୍ରମ ବିଭାଗ,କାରଖାନା ଓ ବାଷ୍ପିତ ବିଭାଗ ଗସ୍ତ କରି ଯାଂଚ କରିଥାନ୍ତି। ତେବେ ଏହି କାରଖାନାରେ ସେ ସବୁ ଠିକ୍ ଭାବରେ ଯାଂଚ ହୋଇଛି କି ନାହିଁ ତାହାର ତଦନ୍ତ କରିବା ସହ ନିୟମିତ ରାସ୍ତାଘାଟ ସଫେଇ ଓ ଜଳସିଞ୍ଚନ କରାଯାଉନଥିବାରୁ ଗାଡି ଚଳାଚଳ ସମୟରେ ଧୂଳି ଉଡି ସମସ୍ୟା ଦେଖାଦେଇଥାଏ। ଏଣୁ ଏସବୁ ଦୃଷ୍ଟିକୋଣରୁ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ମୃତ ଡ୍ରାଇଭରକୁ କ୍ଷତିପୂରଣ ଦେଇ ନ୍ୟାୟ ଦେବାକୁ ଦାବୀ ହୋଇଛି। ଏନେଇ ବାମେବାରୀ ଥାନା ଅଧିକାରୀ ସ୍ୱରୂପ ରଂଜନ ନାୟକ କହିଛନ୍ତି ଯେ, ଘଟଣାକୁ ନେଇ କେସ କରାଯାଇ ତଦନ୍ତ ଚାଲିଛି। ସହକାରୀ ନିର୍ଦ୍ଦେଶକ କାରଖାନା ଓ ବାଷ୍ପିତ ବିଭାଗର ଇଂ କେଦାର ନାଥ ହାଁସଦାଙ୍କ ସହ ଯୋଗାଯୋଗ କରିବାରୁ କାରଖାନା ପରିସରରେ ଦୁର୍ଘଟଣାର ତଦନ୍ତ ଚାଲିଛି। ମାଲଗାଡିଗୁଡିକ କାରଖାନାରୁ ବାହାରିବା ସମୟରେ ଗାଡିର ଚକା ପାଣିରେ ଧୋଇବା ପାଇଁ ଯେଉଁ ବ୍ୟବସ୍ଥା ହେବା କଥା ତାହା ନାହିଁ। ଫଳରେ କାରଖାନା ଗାଡି ଯିବା ଆସିବା ସମୟରେ ଧୂଳି ଉଡି ବାୟୁ ପ୍ରଦୂଷଣ ବୃଦ୍ଧି ପାଉଛି। କାରଖାନା ପରିସରରେ ଜଳସିଞ୍ଚନ ବ୍ୟବସ୍ଥା ମଧ ଠିକ୍ ଭାବରେ କାମ କରୁନଥିବା ଅଭିଯୋଗ ହୋଇଛି। କାରଖାନା ଭିତର ରାସ୍ତା ସଂପୂର୍ଣ୍ଣ ଭାବରେ ଗମନାଗମନ ଅନୁପଯୁକ୍ତ ହୋଇପଡିଛି। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ କାରଖାନା ଭିତର ରାସ୍ତାକୁ ପକ୍କା କରିବା ପାଇଁ ନିର୍ଦ୍ଦେଶନାମା ରହିଥିଲେ ମଧ କାରଖାନା କର୍ତ୍ତୃପକ୍ଷ ଦୀର୍ଘଦିନ ଧରି ଅଣଦେଖା କରୁଛନ୍ତି। ଯାହାଦ୍ୱାରା ଗାଡି ଚଳାଚଳ ସମୟରେ ପ୍ରବଳ ମାତ୍ରାରେ ଧୂଳି ଉଡି ଗୋଟିଏ ଗାଡି ଅନ୍ୟ ଗାଡିକୁ ଦେଖିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଫଳରେ ଦୁର୍ଘଟଣା ଆଶଙ୍କା ରହୁଛି। ଗାଡି ଚାଲିବା ଦ୍ୱାରା ଏତେ ମାତ୍ରାରେ ଧୂଳି ଉଡୁଛି ଯେ କାରଖାନାର କର୍ମଚାରୀମାନେ ମଧ କାରଖାନା ପରିସରରେ କାମ କରିବା ନିରାପଦ ମଣୁନାହାଁନ୍ତି। କାରଖାନା ଯାଞ୍ଚ ପାଇଁ ଶିଳ୍ପ ବିଭାଗ ଏକ କମିଟି ଗଠନ କରଛନ୍ତି। ଯାହାକୁ ସେଣ୍ଟ୍ରାଲ ଇନ୍ସପେକ୍ସନ କୋ-ଅଡିନେସନ ଗ୍ରୃପ(ସିଆଇସିଜି) କୁହାଯାଉଛି। ଏହି ଗ୍ରୁପ ରେ ଶ୍ରମ ବିଭାଗ, ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଏବଂ କାରଖାନା ଓ ବାଷ୍ପିତ ନିର୍ଦ୍ଦେଶାଳୟ କୁ ସାମିଲ କରାଯାଇଛି। କମ୍ପ୍ୟୁଟର ଜେନେରେଟେଡ ପ୍ରୋଗ୍ରାମ ଅନୁସାରେ ଏହାର ଅଧିକାରୀମାନେ ବିଭିନ୍ନ କଳକାରଖାନା ପରିଦର୍ଶନ କରିବାର ନିୟମ ରହିଛି । କିନ୍ତୁ ଶିଳ୍ପ ବିଭାଗର ଏହି ମହତ କାର୍ଯ୍ୟକ୍ରମ କେନ୍ଦୁଝର ଜିଲ୍ଲାରେ ଫେଲ ମାରିଛି। ଯୁଗ୍ମ ଭାବେ ଯାଂଚ ସମୟରେ ଅନେକ ବିଭାଗର ଅଧିକାରୀ ଅନୁପସ୍ଥିତ ରହି ପରବର୍ତ୍ତୀ ସମୟରେ କାଗଜକଲମରେ ଯାଂଚ ରିପୋର୍ଟ ପ୍ରସ୍ତୁତ କରି ଅନ୍‌ଲାଇନରେ ଅପଲୋଡ କରୁଛନ୍ତି। ଏପରିକି ଅନଲାଇନରେ ଅପଲୋଡ ପରେ ଏହାଉପରେ କୌଣସି ପଦକ୍ଷେପ ନିଆଯାଉନଥିବାରୁ ଶିଳ୍ପ ବିଭାଗର ସିଆଇସିଜି ଯାଞ୍ଚ ର ପ୍ରକୃତ ଉଦ୍ଦେଶ୍ୟ ପୂରଣ ହୋଇପାରୁନାହିଁ। ଫଳରେ କଳକାରଖାନାରେ ଥିବା ବିଭିନ୍ନ ଅବ୍ୟବସ୍ଥାର ସୁଧାର ଆସି ପାରୁନାହିଁ। ଜନହିତକର ଏବଂ ଶିଳ୍ପ ପ୍ରୋତ୍ସାହନ ପାଇଁ କରାଯାଇଥିବା ଏହି ଯୋଜନାର ସଫଳ ରୂପାୟନ ହୋଇପାରୁନାହିଁ।

## ବାଲି ଚୋରା ଚାଲାଣକୁ ଗ୍ରାମବାସୀଙ୍କ ବିରୋଧ



ଧର୍ମଶାଳା (ପିଏନ୍): ଧର୍ମଶାଳା ତହସିଲ ଅନ୍ତର୍ଗତ ମଙ୍ଗଳପୁର ପଂଚାୟତ କୋଠିଡ଼ିହ ଗାଁ ନିକଟ ବ୍ରାହ୍ମଣୀ ନଦୀରୁ ହେଉଥିବା ବାଲି ଚୋରା ଚାଲାଣକୁ ସ୍ଥାନୀୟ ଗ୍ରାମବାସୀ ବିରୋଧ କରିଛନ୍ତି । ଏକ ବାଲି ବୋଝେଇ ହାଇୱା ଓ ପୋକଲିନ୍ ମେସିନ୍‌କୁ ଅଟକାଇ ଏହି ବେଆଇନ ବାଲିଘାଟକୁ ତୁରନ୍ତ ବନ୍ଦ କରିବା ପାଇଁ ନାରାବାଜି କରିଥିଲେ । ପ୍ରଶାସକ ଓ ରାଜନେତାଙ୍କ ସହଯୋଗରେ ଏଠାରୁ ବାଲିମାଫିଆ ବେଧଡ଼କ ବାଲି ଲୁଟ୍ କରୁଥିବା ବେଳେ ରାଜ୍ୟ ସରକାରଙ୍କର ବିପୁଳ ରାଜସ୍ୱ ହାନୀ ହେଉଥିବା ଗ୍ରାମବାସୀ ଅଭିଯୋଗ କରିଥିଲେ । ପ୍ରକାଶ ଯେ, ରସୁଲପୁର ତହସିଲ ଅଧୀନ ଲଙ୍କାବାଲିସାହି ବାଲିଘାଟ ଲିଜ୍ ନେଇଥିବା ଲିଜ୍‌ଧାରୀ ଧର୍ମଶାଳା ତହସିଲ ଅଧୀନ କୋଠିଡ଼ିହ ନିକଟ ବ୍ରାହ୍ମଣୀ ନଦୀରୁ ବେଆଇନ ଭାବେ ବାଲି ଉତୋଳନ କରୁଛନ୍ତି । ଦୁଇଟି ପୋକଲିନ୍ ମେସିନ୍ ବାଲି ଉତୋଳନ କରୁଥିବା ବେଳେ ଏହାକୁ କେତେକ ହାଇୱାରେ ପରିବହନ କରାଯାଉଛି । ଗୋଟିଏ ହାଇୱାରେ ବାଲି ବୋଝେଇ ହୋଇ ଗଲାପରେ ଅନ୍ୟ ଏକ ହାଇୱା ଘାଟରେ ପଶୁଛି । ସ୍ଥାନୀୟ ଅଂଚଳବାସୀଙ୍କୁ ଅନ୍ଧାରରେ ରଖି ଲିଜ୍‌ଧାରୀ ଅତି ଚତୁରତାର ସହ କେତେକ ହାଇୱାରେ ଦିନକୁ ଶତାଧିକ ଟ୍ରିପ୍ ବାଲି ଲୁଟି ନେଉଛନ୍ତି । ଲିଜ୍ ଅଂଚଳରୁ ବାଲି ଉଠାଇବା ପରିବର୍ତେ କାହା ନିର୍ଦ୍ଦେଶରେ ବିନା ଆର୍ ଫର୍ମରେ ଏଠାରୁ ବେଆଇନ ବାଲି ଉତୋଳନ ହେଉଛି ? ଲଘୁ ଖଣିଜ ସାମଗ୍ରୀ ଚୋରି ରୋକିବା ପାଇଁ ଜିଲ୍ଲାପାଳ, ଅତିରିକ୍ତ ଜିଲ୍ଲାପାଳ, ତହସିଲଦାର, ଆର୍‌ଆଇଙ୍କୁ ନେଇ ଗଠନ ହୋଇଥିବା ସ୍ୱତନ୍ତ୍ର ଟାକ୍ସଫୋର୍ସ କ'ଣ କରୁଛି ବୋଲି ପ୍ରଶ୍ନ ଉଠାଇଛନ୍ତି ଆନ୍ଦୋଳନକାରୀ । ସେହିପରି ଚାନ୍ଦପୁର ମୌଜାରେ ବାଲି ସୈରାତ୍ ଲିଜ୍ ନେଇଥିବା ଲିଜ୍‌ଧାରୀ ଏଠାରୁ ୩୦ ହଜାର ଘନମିଟରରୁ ଅଧିକ ବାଲି ଲୁଟି ନେଇଥିଲେ । ସ୍ଥାନୀୟ ଅଂଚଳବାସୀଙ୍କ ବିରୋଧ ପରେ ଧର୍ମଶାଳା ତହସିଲ ପକ୍ଷରୁ ଗତ ଜୁନ୍ ମାସରେ ଏଠାରେ ଚଢ଼ଉ କରାଯାଇ ୭ଟି ବାଲି ବୋଝେଇ ହାଇୱା ଓ ୨ଟି ପୋକଲିନ୍ ମେସିନ୍ ଜବତ କରିଥିଲା । ସଂପୃକ୍ତ ବାଲିମାଫିଆ ବିରୋଧରେ ୨କୋଟି ଟଙ୍କା ଜରିମାନା କରାଯାଇଥିଲା । ଏହି ଜରିମାନା ବର୍ତମାନ ସୁଦ୍ଧା ଅନାଦେୟ ରହିଛି । ଏହାସତ୍ୱେ ପୁଣି ଏଠାରୁ ୨୦ ହଜାର ଘନମିଟରରୁ ଅଧିକ ବାଲି ଲୁଟ୍ ହୋଇଯିବା ଘଟଣା ପ୍ରଶାସନର ସ୍ୱଚ୍ଛତାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି । ପୂର୍ବାହ୍ନରେ ମଙ୍ଗଳପୁର ପଂଚାୟତର ନୂଆକୁଳ, ମଙ୍ଗଳପୁର ଓ କୋଠଡିହ ଗ୍ରାମବାସୀ ବେଆଇନ ବାଲିଘାଟକୁ ବିରୋଧ କରିବା ଓ ବାଲି ବୋଝେଇ ହାଇୱାକୁ ଅଟକାଇଥିବା ଖବର ପାଇ ବ୍ରହ୍ମବରଦା ଫାଣ୍ଡି ପୁଲିସ୍ ଘଟଣାସ୍ଥଳରେ ପହଁଚି ଉତ୍ୟକ୍ତ ଗ୍ରାମବାସୀଙ୍କୁ ବୁଝାସୁଝା କରିଥିଲା । ଏ ସଂପର୍କରେ ପୁଲିସ୍ ଉଭୟ ଧର୍ମଶାଳା ଓ ରସୁଲପୁର ତହସିଲଦାରଙ୍କୁ ଅବଗତ କରାଇଥିଲେ । ଉକ୍ତ ବିବାଦର ସମାଧାନ ପାଇଁ ଦୁଇ ତହସିଲର ତହସିଲଦାରଙ୍କ ଉପସ୍ଥିତିରେ ଏରିଆ ମାପଚୁପ କରାଯିବ ବୋଲି ପ୍ରତିଶ୍ରୁତି ଦେବାପରେ ଗ୍ରାମବାସୀମାନେ ଆନ୍ଦୋଳନରୁ ଓହରିଥିଲେ ।

## ପ୍ରଧାନମନ୍ତ୍ରୀଙ୍କ ଫଟୋ ସଂଗ୍ରହରେ ବିରଳ ରେକର୍ଡ

ଭୁବନେଶ୍ୱର (ପିଏନ୍): ବାଲକାଟି ରଥଜେମା ଗ୍ରାମର ଶ୍ରୀ ଦିଲ୍ଲୀପ କୁମାର ସାହୁ ବାସ୍ତବରେ ଜଣେ ନିଆରା ସଂଗ୍ରାହକ ଓ ଜଣେ ନିଆରା ମଣିଷ ମଧ୍ୟ। ଖବରକାଗଜରୁ ଦେଶ ବା ରାଜ୍ୟର ବିଭିନ୍ନ ବ୍ୟକ୍ତିବିଶେଷଙ୍କ ଫଟୋ ସବୁକୁ ସେ ନିୟମିତ ଭାବରେ ସଂଗ୍ରହର କରି ରଖିଥାନ୍ତି। ଆମ 



ଦେଶର ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀଙ୍କଠାରୁ ଆରମ୍ଭ କରି ଆମ ରାଜ୍ୟର ମୁଖ୍ୟମନ୍ତ୍ରୀ ଓ ରାଜ୍ୟପାଳଙ୍କର ଅନେକ ଫଟୋକୁ ସେ ନିଜ ଫାଇଲ୍‌ରେ ସାଇତି କରି ରଖିଛନ୍ତି। ଅନେକ କ୍ରିକେଟ୍ ଖେଳାଳିଙ୍କ ଫଟୋକୁ ମଧ ସେ ସଂଗ୍ରହ କରି ରଖିଛନ୍ତି। ଆଜିକୁ ଦୀର୍ଘ ୨୦ ବର୍ଷ ତଳେ ସେ ଏହି ସଂଗ୍ରହ କାର୍ଯ୍ୟ ଆରମ୍ଭ କରିଥିଲେ। ପ୍ରାୟ ୨୦୦୧ ମସିହାରେ ସେବେଠାରୁ ଦୀର୍ଘ ୨୨ ବର୍ଷ ହେଲାଣି ଦିଲ୍ଲୀପ ଏହି ସଂଗ୍ରହ କାର୍ଯ୍ୟ କରୁଛନ୍ତି। ନିକଟରେ ସେ ଆମ ଦେଶର ଲୋକପ୍ରିୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସର୍ବାଧିକ ଫଟୋ ସଂଗ୍ରହ କରି ଦୁବାଇ ସାରେଜାସ୍ଥିତ, ବ୍ରାଭୋ ଇଣ୍ଟରନ୍ୟାସ୍‌ନାଲ୍ ବୁକ୍ ଅଫ୍ ୱାର୍ଲଡ୍ ରେକର୍ଡରେ ସ୍ଥାନ ପାଇଛନ୍ତି। ଯଦିଓ ଏହି ଆନ୍ତର୍ଜାତିକ ସ୍ତରରେ ରେକର୍ଡ ବୁକ୍‌ରେ ସ୍ଥାନ ପାଇବା ସହଜସାଧ ନୁହେଁ । ତଥାପି ଦିଲ୍ଲୀପଙ୍କ ନିଷ୍ଠାପର ଭାବରେ ନିରନ୍ତର ସଂଗ୍ରହ ଦ୍ୱାରା ଆମ ଦେଶର ପ୍ରଧାନମନ୍ତ୍ରୀଙ୍କ ସର୍ବାଧିକ ଫଟୋ ସଂଗ୍ରହ କରି ଦିଲ୍ଲୀପ ଆନ୍ତର୍ଜାତିକ ସ୍ତରରେ ଏହି ରେକର୍ଡ କରିଛନ୍ତି। ଦିଲ୍ଲୀପ ମଧ ପ୍ରତ୍ୟେକ ଦିନ ନିଜର ସଂଗ୍ରହକୁ ସାମାଜିକ ଗଣମାଧ୍ୟମରେ ସେୟାର କରନ୍ତି। ଆମ ଦେଶର ନୂତନ ରାଷ୍ଟ୍ରପତି ଦ୍ରୌପଦି ମୁର୍ମୁ ମଧ ଦିଲ୍ଲୀପଙ୍କ ସଂଗ୍ରହକୁ ଦିଲ୍ଲୀପଙ୍କ ଇନ୍‌ଷ୍ଟାଗ୍ରାମ ପେଜ୍‌ରେ ଲାଇକ୍ କରିଛନ୍ତି। ଦିଲ୍ଲୀପ ମଧ ଆହୁରି ଅନେକ ଜାତୀୟ ଏବଂ ଅନ୍ତର୍ଜାତୀୟ ପୁରସ୍କାରମାନେ ନିଜର ଏହି ସଂଗ୍ରହ କାର୍ଯ୍ୟ ଏବଂ କଳା ପାଇଁ ପାଇଛନ୍ତି। ନିକଟରେ ରାଷ୍ଟ୍ରୀୟ ପ୍ରେରଣା ଆୱାଡ-୨୦୨୨ ମଧ ଦିଲ୍ଲୀପ ପାଇଥିଲେ। ଦିଲ୍ଲୀପ ମଧ ୨୦୨୧ ମସିହାରେ ଆମ ରାଜ୍ୟର ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କ ସର୍ବାଧିକ ଫଟୋ ସଂଗ୍ରହ କରି ଇଣ୍ଡିଆ ୱାର୍ଲଡ୍ ରେକର୍ଡରେ ସ୍ଥାନ ପାଇଥିଲେ। ଦିଲ୍ଲୀପ ଅନେକ ପୁରସ୍କାର ମଧ ଲାଭ କରିଛନ୍ତି। ୨୦୨୧ ମସିହାରେ ଇଣ୍ଡିଆ ଷ୍ଟାର ଇଣ୍ଡିପେଣ୍ଡେଣ୍ଟ ଆୱାର୍ଡ, ଇଣ୍ଡିଆ ପ୍ରାଉଡ୍ ଆୱାର୍ଡ, ୨୦୨୨ ମସିହାରେ ଇଣ୍ଡିଆ ପ୍ରାଇମ୍ ଆୱାର୍ଡ ପାଇ ଚର୍ଚ୍ଚାରେ ଥିଲେ। ଦିଲ୍ଲୀପ ଜଣେ ଭଲ ଚିତ୍ରଶିଳ୍ପୀ। ଦିଲ୍ଲୀପଙ୍କ ଏହି କାର୍ଯ୍ୟ ପ୍ରଶଂସନୀୟ ଏବଂ ସମ୍ମାନାସ୍ପଦ ଅଟେ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ
ସମ୍ପାଦକୀୟ
ଭୁବନେଶ୍ୱର, ୨୦୨୫, ଜାନୁଆରୀ ୧୬

# ବାର୍ଦ୍ଧକ୍ୟ ଜୀବନର କଥା ଓ ବ୍ୟଥା


ଉମାଶଙ୍କର ପ୍ରସାଦ

ପ୍ରତ୍ୟେକ ପିତା ମାତା ନିଜର ସନ୍ତାନ ସନ୍ତତି ମାନଙ୍କୁ ପାଳି ପୋଷି ଯୋଗ୍ୟ କରିଥାନ୍ତି କାରଣ ଯେତେବେଳେ ସେମାନେ ବୃଦ୍ଧାବସ୍ଥାରେ ଉପନୀତ ହୋଇଥାନ୍ତି ସେତେବେଳେ ସେମାନେ ତାଙ୍କର ଦେଖା ଚାହାଁ କରିବେ। କିନ୍ତୁ ଆଜି ବହୁ କ୍ଷେତ୍ରରେ ଏହା ଭୂଲ ପ୍ରମାଣିତ ହୋଇଛି। ପୁଅ ରୋଜଗାର କ୍ଷମ ହୋଇ ବିବାହ କରିବା ପରେ ଦେଖାଯାଇଛି ଯେ ଏକା ଘରେ ଚଳ ପ୍ରଚଳ କରି ସୁଦ୍ଧା ଶାଶୁ ଓ ବୋହୁ ସମାନ ଧାରାରେ ଗତି କରୁ ନାହାଁନ୍ତି। ଫଳରେ ପରିବାର ମଧ୍ୟରେ ବିରାଟ ଫାଟ ସୃଷ୍ଟି ହେଉଛି। ପରିସ୍ଥିତି ଏପରି ବିଷମ ହେଉଛି ଯେ ବେସାହାରା ବୁଢ଼ା ବୁଢ଼ୀ ଜୀବନର ରାହା ଖୋଜି ପହଁଚି ଯାଆନ୍ତି ଆଶ୍ରୟ ଦେଉଥିବା ବୃଦ୍ଧାଶ୍ରମକୁ। ବୃଦ୍ଧାଶ୍ରମରେ ନୂଆ ଅତିଥିକୁ ପାଇ ଅଜଣା ଖୁସୀରେ ଚହଲି ଉଠନ୍ତି ଅନ୍ତେବାସୀ ଓ ଅନ୍ତେବାସିନୀ ମାନେ। କାରଣ ସେମାନଙ୍କୁ ଗୋଟିଏ ନୂଆ ସାଥୀଟିଏ ମିଳିଗଲା। ଅନେକ ସନ୍ତାନ ପିତାମାତାଙ୍କ ବୃଦ୍ଧାବସ୍ଥାରେ ସମ୍ପତ୍ତିରୁ ଭାଗ ନେଇ ସେମାନଙ୍କୁ ଜରାନିବାସରେ ଶେଷ ଜୀବନ ଅତିବାହିତ କରିବାକୁ ଛାଡ଼ି ଦେଇଥାନ୍ତି। ସେଠି ସେମାନେ ଯେତେ ଦୁଃଖ ଯନ୍ତ୍ରଣା ଭୋଗିଲେ ସୁଦ୍ଧା ସେଥିରେ ସେ ପିଲାମାନଙ୍କ ମନରେ ମୋଟେ ସହାନୁଭୂତି ଜନ୍ମେ ନାହିଁ। ଜୀବନ ସାରା କଷ୍ଟ କରି କରି ଶେଷ ଜୀବନରେ ଟିକିଏ ସୁଖ ଶାନ୍ତି ପିଲାମାନଙ୍କ ପାଖରେ ଆଉଜି ଗଲାବେଳେ, ସେମାନେ ଭାବିଥାନ୍ତି ଏ ବୁଢ଼ା ବୁଢ଼ୀ ଗୁଡାକ କେବଳ ସେମାନଙ୍କ ଉପରେ ବୋଝ ନୁହଁନ୍ତି, ସମାଜ ଉପରେ ମଧ୍ୟ ବୋଝ। ସେମାନଙ୍କୁ ଯେତେ ଶୀଘ୍ର ରାସ୍ତାରୁ ହଟାଇ ଦେବା ଭଲ। ତା ନହଲେ ଏ ପୃଥିବୀଟା ଭାରାକ୍ରାନ୍ତ ହୋଇ ପଡୁଛି। କାରଣ ଏ ପୃଥିବୀ ଆଉ ସେମାନଙ୍କଠୁ କିଛି ପାଇବାର ନାହିଁ। ତେଣୁ ସେମାନେ ସବୁ ଅନାବଶ୍ୟକ ହୋଇ ପଡିଛନ୍ତି। ତେଣୁ ଅନାବଶ୍ୟକ ବାଜେ ବସ୍ତୁକୁ ବୃଦ୍ଧାବସ୍ଥା ଡଷ୍ଟବିନରେ ଫୋପାଡି ଦେବା ଭଲ।

ଏହା ହେଉଛି ଆଜିର ବୁଢ଼ା ବୁଢ଼ୀ ମାନଙ୍କ ପ୍ରତି ଯୁବପିଢ଼ୀ ମାନଙ୍କ ଚିନ୍ତାଧାରା। ଯେଉଁମାନଙ୍କୁ ସେମାନେ ରକ୍ତ ଦେଇ, କଷ୍ଟ କରି ଦିନ ଦିନ ଭୋକ ଉପବାସରେ ରହି ମଣିଷ କରିଥିଲେ , ସେମାନେ ଶେଷରେ ଘୃଣାରେ, ଅସୂୟାରେ ନାକ ଟେକୁଛନ୍ତି। ଏହି ଦୟନୀୟ ଯନ୍ତ୍ରଣା କୁ ସହି ନପାରି କେହି କେହି ବୃଦ୍ଧ, ବୃଦ୍ଧା ବିଭିନ୍ନ ଆଶ୍ରୟ ସ୍ଥଳକୁ ଆସି ପହଞ୍ଚୁଥିବା ବେଳେ, ଆଉ କେତେକ କ୍ଷେତ୍ରରେ ଦେଖାଯାଉଛି ପିଲାମାନେ ଆଣି ଛାଡି ଦେଉଛନ୍ତି, ଆଉଥରେ କେବେ ମୁହଁ ବୁଲାଇ ଚାହୁଁନାହାନ୍ତି। କେତେକ କ୍ଷେତ୍ରରେ ପରିତ୍ୟକ୍ତ ବୃଦ୍ଧ ବୃଦ୍ଧା ମରିଗଲା ପରେ ପିଲାମାନଙ୍କ ପାଖକୁ ଖବର ପଠାଯାଏ। କାମ ସରିଗଲା। ଏବେ ସମସ୍ୟା ଶେଷ। ଅସ୍ଥିଟା ଆସି ନେଇଯାଅ। ଆଉ କେହି କେହି ଖୁବ କଷ୍ଟରେ ଆସି କର୍ତ୍ତବ୍ୟ ଲିଭାନ୍ତି। ଯେହେତୁ ବାପ ମା ତେଣୁ ତାଙ୍କ କାର୍ଯ୍ୟ ସମାପନ କରି ନିଜ ପାଇଁ କିଛି ଧର୍ମ ସଂଚୟ କରିବା ସଙ୍ଗେ ସଙ୍ଗେ ସାମାଜିକ କର୍ତ୍ତବ୍ୟ ପ୍ରତିଷ୍ଠା ବାଧ ବାଧକତାରେ ଆସିଥାନ୍ତି। ଆଜିକାଲି ସଂସାରରେ ଏହା ହେଉଛି ବାସ୍ତବ ଦୃଷ୍ୟପଟ। ଯାହାକୁ ଆମେ ଚାହିଁଲେ ବି ଏଡାଇଯାଇ ପାରିବାନି। ନିଜ ଜନ୍ମ ଦାତା ବାପ ମାଁ ଙ୍କ ପ୍ରତି ପିଲାମାନଙ୍କ ମନୋଭାବ ଏଇଆ ହୁଏ, ତାହାଲେ ବାହାର ଲୋକମାନେ ସେମାନଙ୍କୁ କାହିଁକି ସହାନୁଭୂତି ଦେଖାଇବେ। ତା ଛଡା ଉତ୍ତର ପୁରୁଷମାନେ ଭୁଲିଯାଉଛନ୍ତି ଆସନ୍ତା କାଲି ସେମାନେ ବି ଏଇଠି ଏଇ ଧାଡିରେ ଠିଆ ହେବେ। ସେମାନଙ୍କ ପାଖରେ ସବୁଦିନ ରଂଗୀନ ଯୌବନର ଉଦ୍ଧତପଣ ରହିବନି। କାଳର ସର୍ବଗ୍ରାସୀ ଆଁ ଭିତରେ ସବୁ ହଜିଯିବ। ବାର୍ଦ୍ଧକ୍ୟ କେତେବେଳେ ପକ୍ଷ ବିସ୍ତାର କରି ଯାବୁଡି ଧରିବ ସେମାନେ ଜାଣିପାରିବେନି। ସେତେବେଳେ ଅଜାତଶତ୍ରୁ ପରି ଅତୀତକୁ ରୋମନ୍ଥନ କଲାବେଳେ ବିମ୍ବିସାରଙ୍କର ଅନ୍ତିମ ସମୟ ଆସିଯାଇ ଥିବ। କାଳ କ'ଣ କେବେ କାହା ହାତମୁଠାରେ ରହେ ? ନା, ସେ ଗ୍ରୀକ ବୀର ଆଲେକ୍‌ଜାଣ୍ଡାର ପାଖରେ ଅଟକିଛି, ନା ହିଟ୍‌ଲର ପାଖରେ ବନ୍ଧା ପଡିଛି। ସେ ନିରନ୍ତର କହି ଚାଲିଛି ବେଳହୁଁ ସାବଧାନ। ଜୀବନ ଆଖି ସାମ୍ନାରେ ନଦୀ ପରି ବହିଯାଏ। ବହିଗଲା ପାଣି, ବିତି ଯାଇଥିବା ସମୟ, ଲିଭି ଲିଭି ଯାଉଥିବା ସ୍ମୃତିକୁ ଝୁରି ହୋଇ ଲାଭ କଣ ? ଉତ୍ତର ପିଢ଼ୀଙ୍କ ହାତରେ ସମୟ କମ୍। ସେଇ ସମୟକୁ ବାଣ୍ଟି କୁଣ୍ଟି ସ୍ନେହ, ମମତା ଦେଇ ନିଜ ପିତା ମାତା ଙ୍କ ସହ ଖୁସୀରେ ବଂଚି ଶିଖ। ଜୀବନ ସୁନ୍ଦର ସରସ ମଧୁର ହୋଇ ଉଠିବ।

*ସମ୍ପାଦକ ମାର୍ଗଦର୍ଶୀ,*
*ଖୋରଧା (୬୩୭୦୬ ୭୫୫୬୨)*

# ଭାଷା ଆନ୍ଦୋଳନର ଅନ୍ୟତମ ବିନ୍ଧାଣୀ : ଫକୀରମୋହନ ସେନାପତି


ଡ଼ଃ.ଅରୁନ୍ଧତୀ ଦେବୀ

୧୮୪୩ ମସିହା ପବିତ୍ର ମକର ସଂକ୍ରାନ୍ତି ଅବସରରେ ଜନ୍ମ ଗ୍ରହଣ କରିଥିଲେ ଓଡ଼ିଶା ମାଟିର ଅନ୍ୟତମ ବରପୁତ୍ର ଫକୀର ମୋହନ ସେନାପତି । ବାଲେଶ୍ୱର ଜିଲ୍ଲା ମଲ୍ଲିକାଶପୁର ଗାଁର ଲକ୍ଷଣ ଚରଣ ସେନାପତି ଓ ତୁଳସୀ ଦେବୀଙ୍କ ଔରସରୁ ଜନ୍ମିତ ଫକୀର ମୋହନ ଓଡ଼ିଆ ଭାଷା ସାହିତ୍ୟ ପ୍ରତି ଦେଇ ଯାଇଥିବା ଅବଦାନ ଚିରସ୍ମରଣୀୟ । ଓଡ଼ିଆ ଭାଷା ଅସ୍ତିତ୍ୱ ରକ୍ଷା କରିବା ଲାଗି ସଂଘର୍ଷ କରୁଥିବାବେଳେ ନିଜର ଅମର ଲେଖନୀ ଚାଳନା କରି ଫକୀର ମୋହନ ଭାଷା ଓ ଜାତିର ଉଦ୍ଧାର କରିଥିଲେ । ମଧୁବାବୁ, ଗୋପବନ୍ଧୁ ଓ କବିବରଙ୍କ ସହ ମିଶି ସେ ଓଡ଼ିଆ ଭାଷା ଆନ୍ଦୋଳନକୁ ସଫଳ କରାଇପାରିଥିଲେ । ଫକୀର ମୋହନ ଥିଲେ ପ୍ରଥମ ଓଡ଼ିଆ କ୍ଷୁଦ୍ର ଗଳ୍ପ 'ରେବତୀ'ର ଲେଖକ । ଖୁବ୍ ପିଲାବେଳୁ ପିତାମାତାଙ୍କୁ ହରାଇଥିବା ଫକୀରମୋହନ ଅର୍ଥାଭାବାରୁ ଅଧାରୁ ପାଠ ପଢ଼ା ଛାଡ଼ିଥିଲେ । ତାଙ୍କ ଶରୀର ସବୁବେଳେ ଅସୁସ୍ଥ ରହୁଥିଲା । ଓଡ଼ିଆ, ବଙ୍ଗଳା, ଇଂରାଜୀ ଭାଷାରେ ଅସାଧାରଣ ଦକ୍ଷତା ଥିବା ଫକୀର ମୋହନ 'ଛମାଣ ଆଠ ଗୁଣ୍ଠ', 'ମାମୁଁ', 'ଲଛମା' ଭଳି କାଳଜୟୀ ଉପନ୍ୟାସ ରଚନା କରି ଯାଇଛନ୍ତି । 'ପେଟେଣ୍ଟ ମେଡ଼ିସିନ୍', 'ଡାକ୍ ମୁନସୀ', 'ରାଣ୍ଡି ପୁଅ ଅନନ୍ତା' ଭଳି କ୍ଷୁଦ୍ର ଗଳ୍ପ ତାଙ୍କ ଅମର କୀର୍ତ୍ତିର ଗାଥା ବହନ କରିଥାଏ । ବାଲେଶ୍ୱରସ୍ଥିତ ବାରବାଟୀ ସ୍କୁଲରେ ତାଙ୍କ ଅଧ୍ୟୟନ ଆରମ୍ଭ ହୋଇଥିଲା। କିନ୍ତୁ ଆର୍ଥିକ ଦୂରାବସ୍ଥା ଯୋଗୁଁ ପଢ଼ା ଛାଡ଼ି ସେହି ସ୍କୁଲରେ ମାସିକ ୨ଟଙ୍କା ୫୦ ପଇସା ଦରମାରେ ଶିକ୍ଷକତା କରିଥିଲେ। ପରେ ବାଲେଶ୍ୱର ମିସନ୍ ସ୍କୁଲରେ ଶିକ୍ଷକତା କରିଥିଲେ। ଓଡ଼ିଆ, ଇଂରାଜୀ, ସଂସ୍କୃତ ଓ ବଙ୍ଗଳା ଭାଷାରେ ଦକ୍ଷତା ଯୋଗୁଁ ବୁଦ୍ଧିଜୀବୀ ମହଲରେ ସେ ସ୍ୱତନ୍ତ୍ର ସ୍ଥାନ ହାସଲ କରିଥିଲେ। ୧୮୯୬ ରୁ ୧୯୦୫ ପର୍ଯ୍ୟନ୍ତ କଟକର ବିଭିନ୍ନ ସାହିତ୍ୟିକ ଅନୁଷ୍ଠାନରେ ଫକୀରମୋହନ ଅଂଶଗ୍ରହଣ କରିଥିଲେ। ତାଙ୍କ ପାରିବାରିକ ଜୀବନ ଅତ୍ୟନ୍ତ କଷ୍ଟଦାୟକ ଥିଲା। ପ୍ରଥମ ପତ୍ନୀଙ୍କ ମୃତ୍ୟୁ ପରେ ସେ ପୁନର୍ବାର ବିବାହ କରିଥିଲେ। ତାଙ୍କୁ ଓଡ଼ିଆ ଉପନ୍ୟାସ ସାହିତ୍ୟର ସ୍ରଷ୍ଟା କୁହାଯାଏ। ୧୯୧୮ ଜୁନ୍ ୧୪ରେ ଏହି ସାରସ୍ୱତ ସ୍ରଷ୍ଟାଙ୍କ ପରଲୋକ ହୋଇଥିଲା। ୧୮୬୮ରେ ସେ ନିଜସ୍ୱ ଚେଷ୍ଟା ବଳରେ ଉତ୍କଳ ପ୍ରେସ୍ ନାମକ ଛାପାଖାନା ବାଲେଶ୍ୱରରେ ପ୍ରତିଷ୍ଠା କରିଥିଲେ । 'ବୋଧଦାୟିନୀ. 'ନବସମ୍ବାଦ', 'ସମ୍ବାଦବାହିକା' ଭଳି ପତ୍ରିକା ପ୍ରକାଶିତ କରି ସେ ଜାତୀୟତା ଏବଂ ଭାଷା ଆନ୍ଦୋଳନକୁ ଉଜ୍ଜିବୀତ କରି ରଖିଥିଲେ । ୧୮୬୮ରେ ବାଲେଶ୍ୱର ଠାରେ ଉତ୍କଳ ପ୍ରେସ୍ ନାମରେ ଏକ ଛାପାଖାନା ପ୍ରତିଷ୍ଠା କରିଥିଲେ। ବାଲେଶ୍ୱର ଜିଲ୍ଲା ମଲ୍ଲିକାଶପୁରସ୍ଥିତ ଏକ ଖଣ୍ଡାୟତ ପରିବାରରେ ୧୮୪୩ ପବିତ୍ର ମକର ସଂକ୍ରାନ୍ତି ତିଥିରେ ଜନ୍ମ ଗ୍ରହଣ କରିଥିଲେ ଫକୀରମୋହନ ସେନାପତି। ସେଥିପାଇଁ ତାଙ୍କୁ ସଂକ୍ରାନ୍ତି ପୁରୁଷ କୁହାଯାଏ।

*ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ,*
*ଦୂରଭାଷ : ୯୯୩୭୧୭୨୮୧୦*

# ଘଡ଼ଘଡ଼ି ନା ଭୈରବୀ ରଡ଼ି


ଉତ୍କଳାନନ୍ଦ ଅଜୟ କୁମାର ବେହେରା

ମୋତେ ଏବେ ଅଶି ବର୍ଷ ପାଖାପାଖି ବୟସ, ମୁଁ କେବେ ଏମିତି ଭୟଙ୍କର ରଡ଼ିର ଘଡ଼ଘଡ଼ି ଶୁଣିବା ହୋଇନଥିଲା କି ଏପରି ଘଡ଼ଘଡ଼ି ବିଜୁଳିରେ ଲୋକ ମରିବା ଜୀବଜନ୍ତୁ ମରିବା କେବେ ଏତେ ହାରରେ ଶୁଣା ଦେଖା ନଥିଲା। ଆମ ଗ୍ରାମରେ ମୋର ପିଲାବେଳେ ଅନେକ ବୃକ୍ଷ ଓ ସମୂହ ବୃକ୍ଷରେ ବିରାଜିତ ତୋଟା ଥିଲା। ଆମ୍ବ ତୋଟା ବହୁତ ଥିଲା, ମିଶ୍ରଘର ମଧୁବନ ଏକ ଗହଳିଆ ଆମ୍ବ କେନ୍ଦୁ ତାଳ ନଡ଼ିଆ ବେତ ବାଉଁଶର ବୃକ୍ଷର ବନ ଥିଲା। ଯହିଁରେ ମହୁମାଛି ଅନେକ ସମୟରେ ବସା ବାନ୍ଧୁଥିଲେ। ଆମେ ରଜରେ ବାଗୁଡ଼ି ଖେଳିବା ପାଇଁ ଏକ ତୋଟା ଥିଲା ତାର ନାମ ଥିଲା ଉଆସ ତୋଟା। ଗ୍ରାମର ମୁଁ ପୁରୁଖା ଲୋକଙ୍କୁ ପଚାରି ବୁଝିଥିଲି। ଖୋର୍ଦ୍ଧାରୁ ଆସି ଏକ ଚଲାରାସ୍ତାରେ ବସତି ଖୋଜି ଯିବାବେଳେ ଏକ ଛଞ୍ଚାଣ ଏକ ପକ୍ଷୀକୁ ତାର ପାଦ ନଖରେ ମାଡ଼ି ବସି ବିଦାରଣ କରୁଛି ଓ ପକ୍ଷୀଟି ବିକଳ ରଡ଼ି କରୁଛି। ଏଇଟି ସେମାନେ ତାଙ୍କ ବାସ ଅନୁକୂଳ ସ୍ଥାନ ମନେକରି ଏଇଠାରୁ ଓହ୍ଲାଇ ଉଆସ ତୋଳାଇ ଥିଲେ। ଅନେକ ମନ୍ଦିରରେ ଗଜ ବିଡାଳ ମୂର୍ତ୍ତି ବା ହସ୍ତୀକୁ ମାଡ଼ି ବସିଥିବା ସିଂହର ମୂର୍ତ୍ତି ଅଛି। ଜଙ୍ଗଲର ବୃକ୍ଷ ଲତାକୁ ଅବାଧରେ ଭାଙ୍ଗି ନଷ୍ଟ କରୁଥିବା ହାତିକୁ ସିଂହ ହିଁ ଭୟ ଦେଖାଇ କ୍ଷାନ୍ତ କରିଥାନ୍ତି। ଏହାବାଦ ଅଛି ଦୁଇ କ୍ଷତ୍ରୀୟ ରାଜାଙ୍କର ଅହି ନକୁଳ ସମ୍ପର୍କ। ଗଜପତି ବଂଶ ବା କେଶରୀ ବଂଶ କାଳର ଗତିରେ ଦୁଇ କ୍ଷତ୍ରୀୟ ଜାତିଙ୍କର ପାଲ୍ଲା କାହାର କେତେବେଳେ ତଳ ଉପର ହେଉଥିଲା। ଏହି କ୍ଷତ୍ରିୟ ପରିବାର ଯେ ଖୋର୍ଦ୍ଧାରୁ ଆସିଥିଲେ ପରେ ସେମାନେ ଗ୍ରାମର ମଧ୍ୟକୁ ଚାଲିଗଲେ ତୋଟାଟି ପରିତ୍ୟକ୍ତ ହୋଇଯାଉଥିଲା। ସେହି ତୋଟାରେ ଅନେକ ସୁଆଦି ଆମ୍ବ ଆମ୍ବୁଲ ଆମ୍ବର ଗଛ ଥିଲା। ଏବେ ବିଭିନ୍ନ ସ୍ଥାନରୁ ଆମ୍ବ ଆମ ରାଜ୍ୟରେ ଆମ୍ବ ବେଳେ ବଜାରକୁ ଆସୁଛି କିନ୍ତୁ ସେତେବେଳେ ଆମ୍ବର ଚାହିଦା ପ୍ରାୟ ତିନି ମାସ ଏଇ ଗାଁରେ ଭରପୁର ଥିଲା। ଆମ୍ବ ପରି ନଡ଼ିଆ ତାଳ ଫଳ କେବେ ଅଭାବ ନଥିଲା। ତାଳଗଛର କୋରଟ ନଡ଼ାଛପର ଘରର ଛାଆଣି ବେଳକୁ ବିଶେଷ ଆବଶ୍ୟକ ଥିଲା। ତାଳ ବରଡ଼ା ପୋଥି ଜାତକ ଖଜଣାର ପାଉତି ଲେଖନରେ ଲେଖାଯାଉଥିଲା। ଏକ ପୋଥିରୁ ଅନେକ ପୋଥି ଲିପି ଲିଖନ ଅଭ୍ୟସ୍ତମାନେ କରି ପୋଥି ସଂଖ୍ୟା ବଢ଼ାଉଥିଲେ ତାଳପତ୍ର କାଗଜ ବାହାରିବା ପୂର୍ବରୁ ଲେଖନୀର ହସ୍ତ ଥଲା। ବରଡ଼ାରେ ଅନେକ ଅସ୍ଥାୟୀ ଘର ପ୍ରସ୍ତୁ ହେଉଥିଲା। ପ୍ରାୟ ହାଟ ଘର ଗୁଡ଼ିକ ବରଡ଼ା ଛାଉଣୀରେ ହେଉଥିଲା। ବରଡ଼ା ତାଟରେ ଘର ଚାରି ପଟ ବା ତିନି ପଟ ଆବଦ୍ଧ କରାଯାଉଥିଲା। କୋଟରରେ ଟୋକେଇ ଡାଲା କରାଯାଉଥିଲା। ତାଳପତ୍ରରେ ଖାଳେଇ ବିଛଣା କରାଯାଉଥିଲା। ନଡ଼ିଆଗଛର ଗୁଣ ଏବେ ବି ଯେ କରିଛନ୍ତି ସେ ତ ଜାଣନ୍ତି ଅନ୍ୟମାନେ ନିଶ୍ଚେ ବୁଝିବାକୁ। ନଡ଼ିଆ ବାହୁଙ୍ଗୀର ଖଡ଼ିକା ଝାଡୁମୁଠା ଏବେ ବି ବଜାରରେ ମିଳୁଛି। ନଡ଼ିଆ କତାର ଦୌଡ଼ି ପାପୋଛ ଏବେ ବି ମିଳୁଛି। ନଡ଼ିଆ ପଇଡ଼ ଶ୍ରୀଫଳ ଦେବତା ସମ୍ବନ୍ଧର ଫଳ। ମନୁଷ୍ୟର ଖାଦ୍ୟ ର ବି ଅଂଶ ହୋଇ ଚାଲିଛି ନଡ଼ିଆ ତେଲ ବିଶେଷ ବ୍ୟବହାରର୍ଯ୍ୟ ତେଲ। ଏସବୁ ଗଛ ଏବେ ବିଲୁପ୍ତ ଦିଗରେ ଆଗକୁ ବଢୁଛି। ତାଳଗଛ ସର୍ବତ୍ର ଖୋଜିଲେ କାଁ ଭାଁ ଦୃଶ୍ୟ। ପୂର୍ବେ ସେଟଲମେଣ୍ଟ ନକ୍ସାରେ ତାଳଗଛର ଶଙ୍କୁ ରଖାଯାଉଥିଲା। ଏଇ ନଡ଼ିଆ ତାଳଗଛ ଉଚ୍ଚତା ପ୍ରତ୍ୟେକ ଘର ଠାରୁ ଉଚ୍ଚରେ ରହୁଥିବାରୁ ଘଡ଼ଘଡ଼ି ଏଇ ଗଛରେ କେବେ କେବେ ପଡୁଥିଲା। ବେଶୀ ଭାଗ ତାଳ ଓ ତାପରେ ନଡ଼ିଆ ଗଛରେ ପଡୁଥିଲା। ହେଲେ ଏବେ ଉଚ୍ଚ ଉଚ୍ଚ ଛାତ ଘର ହିଁରେ ସର୍ବତ୍ର ଛାତରୁ ଭୂମି ପର୍ଯ୍ୟନ୍ତ ସବୁ ଘର ଆରଥିଙ୍ଗ ବା ଭୂମି ସମ୍ପୃକ୍ତି କରାଯାଇନାହିଁ। ଅନେକ ମନ୍ଦିର ଏପରି କରାଯାଇଛି। ଏ ସମୟରେ ତାଳ ନଡ଼ିଆ ଗଛ କାଁ ଭାଁ ବୃକ୍ଷ ତୋଟା ନାହିଁ। ବଡ଼ ବଡ଼ ଗଛ ନାହିଁ। ଜଳତ ପୋଖରୀ ପୋତା ହୋଇଗଲାଣି। ସର୍ବତ୍ର ବଡ଼ ବଡ଼ ଲୁହାଖୁଣ୍ଟ ଟାୱାର ମୋବାଇଲ ଟାୱାର ଦ୍ରୁତ ବିଜୁଳିକୁ ଟାଣି ଆଣୁଛି ପତଳରେ ଅଗ୍ନି ଏହାର କ୍ଷତି କରାଉନାହିଁ ମାତ୍ର ପାଖ ସ୍ଥାନରେ ବହୁକ୍ଷତି କରାଉଛି। ଜଳସ୍ଥାନ ଓ ବୃକ୍ଷରୁ ଉଠୁଥିବା ଜଳୀୟବାଷ୍ପ ଆକାଶରେ ଭାସିଆସୁଥିବା ଜଳୀୟ ବାଷ୍ପ ସହ ସଂଯୋଗ ହେଲେ ବିଜୁଳି ଘଡ଼ଘଡ଼ି ହେଉଥିଲା। ଏବେ ସେ ଧାରା ନାହିଁ ମନ୍ଥର ଗତିରେ ପୂର୍ବରୁ ଚାଲୁଥିବା ମେଘମାଳ ବାଦଲରେ ଦ୍ରୁତ ପବନରେ ଆସୁଥିବା ଗଛର ମେଘମାଳ ପିଟି ହୋଇ ଘଡ଼ଘଡ଼ି ବିଜୁଳି ସୃଷ୍ଟି କରୁଛି। ଏ ପାଇଁ କଳକାରଖାନା ନିର୍ଗତ ବାଷ୍ପ ଏହା ସହିତ ସଂଯୋଗ ହେଉଛି ଓ ବଡ଼ ବଡ଼ କୋଠା ଓ ଲୌହ ଟାୱାର ଦୁଇଟି ବିପରୀତ ମେଘକୁ ଟାଣିବାରେ ସହାୟକ ଏଇ ବର୍ଷାଦିନରେ ହେଉଛନ୍ତି। ଏ ପାଇଁ ସାଂଘାତିକ ଘଡ଼ଘଡ଼ି ବିଜୁଳି ହେଉଛି। ଏସବୁର ପ୍ରତିକାର ଏବେ କଣ କରାଯିବ ସମସ୍ତେ ଭାବିବା କଥା। ପୂର୍ବେ ବସ ଗୁଡ଼ଇକର ପଛ ଚକା ପାଖରେ ମାଟିରେ ଘୁଷୁରୀ ଘୁଷୁରୀ ଯିବା ପାଇଁ କିଛି ଲୁହାର ଜଞ୍ଜିର ଲାଗୁଥିଲା। ଏବେ ବସ ଗୁଡ଼ିକ କେବେ ଆରଥିଙ୍ଗ ହେବା ସମ୍ଭାବନା ନାହିଁ। ରେଲଗାଡ଼ି ସବୁ ଲୌହ ଧାରଣାରେ ଚାଲିଲେ ବି ଲାଇନ ଗୁଡ଼ିକ ଆରଥିଙ୍ଗ ସ୍ଥାନେ ସ୍ଥାନେ କରାଯାଇଛି। ପୂର୍ବେ ବହୁତ ଛତା ମିଳୁନଥିଲା ଯହିଁରେ ବାଉଁଶ କାଠ ବେତର ବେଣ୍ଟ ଥିଲା ଏବେ ସବୁ ଲହା ବେଣ୍ଟର ଛତା। ଖୋଲା ରାସ୍ତା ପଡ଼ିଆରେ ଗଲେ ଏହି ଛତା ଧାରକ ଘଡ଼ଘଡ଼ିରେ ପଡ଼ି ପାରନ୍ତି। ସବୁ ଉଚ୍ଚ ଘର ଗୁଡ଼ିକର ବିଦ୍ୟୁତ ଲାଇନ ବିଛା ଯିବା ବେଳେ ଆରଥିଙ୍ଗ କଥା ବିଭାଗୀୟ ବିଶେଷ ପରୀକ୍ଷା କରିବା ନିହାତି ଜରୁରୀ ପୁଣି ଛାତରୁ ଭିଜିଯାଏ ୨/୩ଟି ମୋଟା ତମ୍ବା ଆର୍ଥିଙ୍ଗ କରାଯିବା ନିହାତି ଆବଶ୍ୟକ। ଯେଉଁଠି କାରଖାନାର ଉଚ୍ଚା ଚେମିନୀ ଟେଲିଫୋନର ଟାୱାର ଅଛି ତାର ସାବଧାନତା ଆବଶ୍ୟକ ଅଛି। ଟାୱାର ବିକିରଣ ଟାୱାରରୁ କେତେ ଦୂର ଯାଏ ବୃତ୍ତ ପରି ହେଉଛି ଜାଣି ଚଳ ପ୍ରଚଳ ଆବଶ୍ୟକ। ମୋବାଇଲ ଫୋନର ବିକିରଣ ବି ବିଜୁଳିକୁ ଟାଣି ଆଣିପାରେ। ଏପାଇଁ ସାବଧାନତା ଆବଶ୍ୟକ। ଏ ସମୟରେ ଏ ଘଡ଼ଘଡ଼ି ନୁହେଁ ଭୈରବୀ ରଡ଼ି।

*ବରେଣ୍ୟ ବାଣୀ' ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ, କଟକ,*
*ଦୂରଭାଷ : ୯୪୩୭୦୩୧୨୫୩*

# ସଫଳତା ଉତ୍ତମ ଲୋକର ଲକ୍ଷଣ


ବିକ୍ରମ ଦାଶ

ସଂସାରରେ ତିନି ପ୍ରକାର ଲୋକ ଥାଆନ୍ତି। ଯଥା ନୀଚ ବା ଅଧମ, ମଧ୍ୟମ ଏବଂ ଉତ୍ତମ। କୌଣସି କାର୍ଯ୍ୟ ଆରମ୍ଭ କଲେ କାଳେ କିଛି ବିଘ୍ନ ଘଟିବ ସେଥିପାଇଁ ଅଧମ ବ୍ୟକ୍ତି କୌଣସି କାମ ଆରମ୍ଭ କରନ୍ତି ନାହିଁ। କାମ ନକରିବା ଫଳରେ ସେମାନେ ଦୁଃଖ କଷ୍ଟରେ ଚଳନ୍ତି। ଯେଉଁମାନେ କୌଣସି କାମ କରନ୍ତି, କିନ୍ତୁ ବିଘ୍ନ ସୃଷ୍ଟି ହେଲେ ଅଧାରୁ କାମ ଛାଡ଼ି ଦିଅନ୍ତି। ସେମାନଙ୍କର ଚେଷ୍ଟା ବିଫଳ ହୁଏ। ଧନ ହାନି ଘଟେ। ପ୍ରାଣପୀଡ଼ା ହୁଏ। ସେମାନେ ମଧ୍ୟମ ବ୍ୟକ୍ତି। ସଂସାରରେ ଆଉ କେତେକ ଲୋକ ଅଛନ୍ତି ଯେଉଁମାନେ କାମ ଆରମ୍ଭ କରନ୍ତି। କାମରେ ବିଘ୍ନ ଜୁଟିଲେ ମଧ୍ୟ ସଫଳତା ଅର୍ଜନ ନକଲା ପର୍ଯ୍ୟନ୍ତ କାମକୁ ଛାଡ଼ି। ଯେତେ କାମରେ ବାଧାବିଘ୍ନ ଆସିଲେ ମଧ୍ୟ କାମରେ ସଫଳତା ନ ଆସିବା ପର୍ଯ୍ୟନ୍ତ ସେ ବିରତ ହୁଅନ୍ତି ନାହିଁ। ସେ ହିଁ ଉତ୍ତମ। ଏହିପରି ଉତ୍ତମ ବ୍ୟକ୍ତିମାନେ ହିଁ ଜୀବନରେ ଉନ୍ନତି କରନ୍ତି ଯାହା ସ୍ୱର୍ଗତଃ ସୋମନାଥ ଦାଶଙ୍କ ଠାରୁ ଦେଖାଯାଏ। ଜଗତକୁ ଆସିଲେ ଜଗତ ଛାଡ଼ିବା, ଜୀବ ପାଇଁ ଏକ ନିଶ୍ଚିନ୍ତ ସତ୍ୟ। ମଣିଷ ଆସେ ଯେଉଁ ଅନନ୍ତ ସତ୍ତା ମଧ୍ୟରୁ ତାର ଫେରିବା ନିଶ୍ଚିନ୍ତ ହୋଇଥାଏ ସେହି ସତ୍ତା ମଧ୍ୟରେ ବିଲୀନ ହୋଇଯିବା ପାଇଁ। ମାତ୍ର ବାଟ ଚାଲିଲା ବେଳେ ବାଟ ହୁଡ଼ିଲେ ଲକ୍ଷ୍ୟ ସ୍ଥାନରେ ପହଞ୍ଚିବା ହୋଇଯାଏ କାହାରି କାହାରି ପକ୍ଷରେ କଷ୍ଟସାଧ୍ୟ ଅଥବା ଅସମ୍ଭବ। ଏପରି ବ୍ୟତିକ୍ରମ ସ୍ୱର୍ଗତ ସୋମନାଥ ଦାଶଙ୍କ ଠାରେ ଦେଖାଇନି। ଭଗବାନଙ୍କ ଆଶ୍ରିତ ଦୁଇ ପ୍ରକାର ଥାଆନ୍ତି। ଗୋଟିଏ ପ୍ରକାରର ମୁଁ ଭଗବାନଙ୍କୁ ଭଲପାଏ। ଆଉ ଗୋଟିଏ ପ୍ରକାରର ଭଗବାବ ମୋତେ ଭଲ ପାଇଥାନ୍ତି। ମୋର ଚିନ୍ତା ଭିତରେ ଦ୍ୱିତୀୟ ପ୍ରକାରର ଥିଲେ ସ୍ୱର୍ଗତଃ ସୋମନାଥ ଦାଶ।

ଶ୍ରୀମଦ ଭାଗବତରେ ଉଲ୍ଲେଖ ଅଛି – 'ଦେହ ବହିଲେ ନିଶ୍ଚେ ମରି, ସଂସାର ନୁହଁଇ କାହାରି, ବୃକ୍ଷର ତଳେ ଜେହ୍ନେ ଆସି, ପଥିକ ବିଶ୍ରାମନ୍ତି ବସି। ପୁଣି ଚଳନ୍ତି ଶ୍ରମ ସାରି, ସେ ବୃକ୍ଷ ନୁହଁଇ କାହାରି।' ଏହା ଅବିସମ୍ବାବିତ ସତ୍ୟ। ମୋହମାୟା ସଂସାରରେ ସମସ୍ତେ ନିଜ ନିଜ କର୍ମକୁ ଆଧାତ୍ମିକ ପଥରେ କ୍ୱଚିତ ନେଇଥାନ୍ତି। ଜଣେ ତେଲ ଲୁଣ ସଂସାର ଓ ସାମାଜିକ ଦାୟିତ୍ୱ ପ୍ରତିପାଦନ ସହ ସାର୍ବଜନୀନ ସାଧନା ଦ୍ୱାରା କିପରି ଦିବ୍ୟତ୍ୱ ପ୍ରାପ୍ତି ବା ଦିବ୍ୟ ଜୀବନ ଲାଭ ହୋଇପାରିବ ସେ ତାର ଯଥାର୍ଥ ପ୍ରତୀକ ଥିଲେ। ମନେପଡୁଛି ଏକ ବେଦ ଉପନିଷଦର ଦର୍ଶନର ଧାଡ଼ିଟିଏ – 'ସ ଜାତୋ ଯେନ ଜାତେନ ଯାତି ବଂଶଃ ସମୁନ୍ନତିମ୍। ପରିବର୍ତ୍ତିନି ସଂସାରେ ମୃତଃ କୋବା ନ ଜାୟତେ।' ଦୁର୍ଲଭ ମଣିଷ ଜୀବନର ସଫଳତା କର୍ମ ଉପରେ ହିଁ ନିର୍ଭର କରିଥାଏ।

ଏ ସଂସାରରେ କେତେ ବର୍ଷ ଜୀବନ ଧାରଣ କରାଗଲା ତାହା କେବେ ହେଲେ ଜୀବନର ମୂଲ୍ୟାୟନର ମାପକାଠି ହୋଇନପାରେ। ନିଜ ଗୁରୁ, ଇଷ୍ଟ, ଭଗବାନଙ୍କ ଉପରେ ଅଖଣ୍ଡ ବିଶ୍ୱାସ ରଖି ସଦାସର୍ବଦା କର୍ମତତ୍ପର ଓ ଆଦର୍ଶଣୀୟ ଜୀବନଯାପନ କରିବା ହେଉଛି ମାନବିକତାର ପରିଚୟ। ତାଙ୍କ କର୍ମମୟ ଜୀବନ ଆରମ୍ଭ ହୋଇଥିଲା ଜଣେ କୃତୀ ଶିକ୍ଷାବିତ ଭାବେ। ଅବସର ପରେ ସମାଜ ସେବାର ପ୍ରଚାର ପ୍ରସାର ପାଇଁ କମ୍ୟୁନିଷ୍ଟ ପାର୍ଟିରେ ସାମିଲ ହୋଇ ସେହି ଆଦର୍ଶରେ ଅନୁପ୍ରାଣୀତ ହୋଇ କରୁଣାସିକ୍ତ ଚିନ୍ତାଧାରା, ସରଳ ଜୀବନ, ମିଷ୍ଟ ବଚନ, ସେବାର ଅମୃତ ଧାରା ଆଉ ସାନ୍ତ୍ୱନା ଦାୟକ ଅନୁଭବୀ କଥୋପକଥନ ଓ ସମସ୍ତ ସାଙ୍ଗଠନିକ ଗଠନମୂଳକ କାର୍ଯ୍ୟକ୍ରମ ସମସ୍ତ ପ୍ରତିକୂଳତା ଭିତରେ ଏହାରି ଜରିଆରେ ତାଙ୍କର ସମସ୍ତ ସମୟ ନିଷ୍କାମ ସେବାରେ ବିନିଯୋଗ କରିଛନ୍ତି। ତାଙ୍କର ଏକ ନିଷ୍ଠ କର୍ତ୍ତବ୍ୟପରାୟଣତା, ସାଧୁତା ଓ ନିଜ ଚିକିତ୍ସା ସେବାରେ ଉତ୍ସର୍ଗୀକୃତ ଓ ଦୃଷ୍ଟାନ୍ତ ମୂଳକ ପରୋପକାରିତା ଆମ ସମସ୍ତଙ୍କ ନିକଟରେ ଆଦର୍ଶ ହୋଇ ରହିବ। ସେ ତାଙ୍କ ଜୀବନରେ ପ୍ରମାଣ କରିଦେଇ ଯାଇଛନ୍ତି ଯେ ପ୍ରକୃତ ମାନବ ସେବା ପାଇଁ ଲୋକବଳ, ଆର୍ଥିକ ସ୍ୱଚ୍ଛତା ଓ ସରକାରୀ ସାହାଯ୍ୟ ଆବଶ୍ୟକତା ନାହିଁ କେବଳ ନିରହଂଭାବ, ଭଗବତପ୍ରେମ ସେବା ମନୋବୃତ୍ତି ହିଁ ସମାଜକୁ ବଦଳାଇବାରେ ସହାୟକ ହୋଇପାରିବ। ଭକ୍ତି, ଜ୍ଞାନ ଓ କର୍ମର ଅପୂର୍ବ ସଂଶ୍ଳେଷଣ ଏବଂ ତାଙ୍କର ସୀମିତ ନିଜସ୍ୱ ଆୟ, ଶକ୍ତି, ସମୟ ଓ ଜ୍ଞାନର ସର୍ବୋକ୍ତୃଷ୍ଟ ବିନିଯୋଗ ଫଳରେ ତାଙ୍କର ଜୀବନ ପ୍ରତ୍ୟେକ ମୁହୂର୍ତ୍ତକୁ ଅତିବାହିତ କରିଛନ୍ତି। ସ୍ଥାନୀୟ ଅଞ୍ଚଳରେ ଶିକ୍ଷାର ବିକାଶ ସହ ସମାଜ ସେବା ତାଙ୍କର ଜୀବନର ବ୍ରତ ଥିଲା। ଜୀବନର ଶେଷ ନିଶ୍ୱାସ ତ୍ୟାଗ ପର୍ଯ୍ୟନ୍ତ ସାମ୍ୟବାଦକୁ ବିଶ୍ୱାସ ରଖି ପରୋପକାରକୁ ଜୀବନର ମନ୍ତ୍ର ଭାବେ ବିଚାର କରି ବଡ଼ଚଣା ବ୍ଲକ ରଇପୁର ଅନ୍ତର୍ଗତ ପାଥପୁର ସହ ସ୍ଥାନୀୟ ସାମଗ୍ରିକ ଅଞ୍ଚଳର ବହୁବିଧ ଉନ୍ନତିକଳ୍ପେ ସେ ନିଜକୁ ନିୟୋଜିତ ରଖିଥିଲେ।

ଜନ୍ମ ହେଲେ ମୃତ୍ୟୁ ସୁନିଶ୍ଚିତ। ଗୋଟିଏ ଅତ୍ୟନ୍ତ ତାତ୍ପର୍ଯ୍ୟପୂର୍ଣ୍ଣ କଥା ହେଉଛି 'ମର୍ତ୍ତ୍ୟ ମଣ୍ଡଳେ ଦେହ ବହି, ଦେବତା ହୋଇଲେ ମରଇ।' ସଂସାର ରୂପକ ରଙ୍ଗମଞ୍ଚରେ ଜନ୍ମ ପରେ ପ୍ରତ୍ୟେକଙ୍କୁ ଭଗବାନଙ୍କ ନିର୍ଦ୍ଦେଶ ଅନୁଯାୟୀ ନିଜ ନିଜର ଅଭିନୟ ଶେଷ କରି ମୃତ୍ୟୁ ବରଣ କରିବାକୁ ହୁଏ। ମନୁଷ୍ୟ ତାର କର୍ମବଳରେ ସର୍ବଗ୍ରାସୀକାଳକୁ ମଧ୍ୟ ଜୟ କରିପାରେ। ସେହିପରି ସ୍ୱର୍ଗତଃ ସୋମନାଥ ଦାଶଙ୍କ ବ୍ୟକ୍ତିତ୍ୱ କାଳଜୟୀ କହିଲେ ଅତ୍ୟୁକ୍ତି ହେବନାହିଁ। ସେ ନିଷ୍କଳଙ୍କ ଓ ଶୁଦ୍ଧ ପବିତ୍ର ସଂକଳ୍ପର ପ୍ରତୀକ। ତେଣୁ ତାଙ୍କର ଯଶଗାନ ନକରି ମଧ୍ୟ ତାଙ୍କର ସ୍ମୃତି ଚିର ଅମଳିନ ରହିବ। ଗୀତାରେ ଭଗବାନ କହିଛନ୍ତି 'ଯେ କାହାକୁ ପୀଡ଼ା ନ ଦିଏ, ତାକୁ କେହି ପୀଡ଼ା ଦିଏ ନାହିଁ। ଯିଏ ହସ ଓ ବିଷାଦଭାବ ଛାଡ଼ି ବିଶ୍ୱକୁ ବ୍ରହ୍ମମୟ ଦେଖେ ତାର ମନରେ ଭୟ ନଥାଏ ସେ ମୋର ପ୍ରିୟ ଅଟେ।' ତାଙ୍କର ମର ଶରୀର ପଞ୍ଚତ୍ୱପ୍ରାପ୍ତ ହୋଇଥିଲେ ମଧ୍ୟ ଶିକ୍ଷା ଓ ସାମ୍ୟବାଦର ସମାଜ ସେବାର ଆଧାତ୍ମିକ ଗଗନର ଏହି ଅସ୍ତବିହୀନ ଦୀପ୍ତ ଜ୍ୟୋତିଷ୍କ ତାଙ୍କର ଅମ୍ଳାନ ଔଜଲ୍ୟରେ ଚିରପ୍ରତିଭାତ ହେଉଥିବେ ଏଥିରେ ଅଣୁମାତ୍ର ସନ୍ଦେହ ନାହିଁ।

*ପାଥପୁର, ରଇପୁର, ବଡ଼ଚଣା, ଯାଜପୁର,*
*ଦୂରଭାଷ : ୯୮୬୧୫୬୭୫୨୩୭*

# ସର୍ବେ ନିଜ ନିଜ ଅଭିନୟ ସାରି ବାହୁଡ଼ିବ କାଳ ବଳେ


ଯଜାତି କେଶରୀ ନାୟକ

ମଣିଷର ଜୀବନ ଅନେକ ଅନେକ ଅସରନ୍ତି ସ୍ମୃତି, ଅଭୁଲା କୃତି ଓ ବିସ୍ମୃତିରେ ଭରା। ଜୀବନର ଚଲାବାଟରେ ପଦପାତ କରୁଥିଲାବେଳେ ସେ ଭେଟେ ଅଜସ୍ର ବ୍ୟକ୍ତିତ୍ୱ ମାନଙ୍କୁ, ଅସଂଖ୍ୟ ଚିହ୍ନା – ଅଚିହ୍ନା ମୁହଁ ମାନଙ୍କୁ। ପଦଚାରଣା କଲାବେଳେ ଜୀବନର ଯାତ୍ରାପଥରେ କେଉଁ ଜଣଶ-ଅଜଣା ମୁହଁମାନେ ତାକୁ ଭଲ ଲାଗନ୍ତି, କେହି ହସରେ, କୁସିରେ ଚାହିଁ ଦେଇଯାଏ, କିଏ ଆନନ୍ଦରେ ଆଗ୍ରହରେ ପଦେ ଦି'ପଦ କଥା ହୁଏ ତ କିଏ ପୁଣି ମୁହଁ ଫେରେଇ ନିଏ ଏ ବସ୍ତୁବାଦୀ ଦୁନିଆଁରେ। ସମୟର ଅସରନ୍ତି ଛନ୍ଦପତନର ଏହା ହିଁ ବୋଧହୁଏ ଅଲିଖିତ ନିୟମ।

ଏହି ଅନିତ୍ୟ ସଂସାରରେ ଜନ୍ମ ନେଲେ ଯିବାକୁ ହିଁ ହୁଏ ଦିନେ। ବାସ୍ତବରେ ଯିବାଟା ହିଁ ସତ୍ୟ। ଯାହା ପ୍ରମାଣ କରେ ପୁଣିଥରେ ଆସିବାକୁ। ମାତ୍ର ଯେଉଁମାନେ ପରମପୁରୁଷ ଭଗବତ କୃପାଭିକ୍ଷୁ ଓ ସେବକ ସେମାନେ ଆପଣାର ସ୍ମୃତିର ପଦଚିହ୍ନ ଛାଡ଼ି ଯାଇଥାନ୍ତି ପରବର୍ତ୍ତୀ ସମୟର ଜନମାନସ ପାଇଁ। ସତ୍ୟ, ନ୍ୟାୟ ଓ ତ୍ୟାଗର କ୍ଷୁରଧାରକୁ ଅହର୍ନିଶ ପରୀକ୍ଷା କରୁଥିବା, ଜୀବନ ଯନ୍ତ୍ରଣାରେ ବେଦନାବିଦ୍ଧ ହୋଇ ପର ପାଇଁ ସୁଖର ହସ ବାଣ୍ଟୁଥିବା ଜଣେ ସେହିପରି ଅବିସ୍ମରଣୀୟ ବ୍ୟକ୍ତିତ୍ୱ ଥିଲେ ମୋ ବାପା ସ୍ୱର୍ଗତଃ ଗଣିନାଥ ନାୟକ। ଶ୍ରୀମଦ୍ ଭାଗବତରେ ଉଲ୍ଲେଖ ଅଛି 'ଦେହ ବହିଲେ ନିଶ୍ଚେ ମରି, ସଂସାର ନୁହଁଇ କାହାରି, ବୃକ୍ଷର ତଳେ ଜେହ୍ନେ ଆସି, ପଥିକ ବିଶ୍ରାମନ୍ତି ବସି। ପୁଣି ଚଳନ୍ତି ଶ୍ରମ ସାରି, ସେ ବୃକ୍ଷ ନୁହଁଇ କାହାରି।' ଏହା ଅବିସମ୍ବାବିତ ସତ୍ୟ। ମୋହମାୟା ସଂସାରରେ ସମସ୍ତେ ନିଜ ନିଜ କର୍ମକୁ ଆଧାତ୍ମିକ ପଥରେ କ୍ୱଚିତ ନେଇଥାନ୍ତି। ଆମ ସମୟରେ ଜଣେ ନୀରବ ଜୀବନ ସାଧକ ଥିଲେ ସେ। ଜୀବନକୁ ସେ କେବଳ ବଞ୍ଚି ନାହାନ୍ତି, ଜୀବନକୁ କେବଳ ସେ ସାଧି ସାଧି ପରିଶେଷରେ ଈଶ୍ୱର ପ୍ରାପ୍ତି ହୋଇଛନ୍ତି। ଜଣେ ତେଲ ଲୁଣ ସଂସାର ଓ ସାମାଜିକ ଦାୟିତ୍ୱ ପ୍ରତିପାଦନ ସହ ସାର୍ବଜନୀନ ସାଧନା ଦ୍ୱାରା କିପରି ଦିବ୍ୟତ୍ୱ ପ୍ରାପ୍ତି ବା ଦିବ୍ୟ ଜୀବନ ଲାଭ ହୋଇପାରିବ ସେ ତା'ର ଯଥାର୍ଥ ପ୍ରତୀକ ଥିଲେ। ମନେପଡୁଛି ଏକ ବେଦ ଉପନିଷଦର ଦର୍ଶନର ଧାଡ଼ିଟିଏ – 'ସ ଜାତୋ ଯେନ ଜାତେନ ଯାତି ବଂଶଃ ସମୁନ୍ନତିମ୍। ପରିବର୍ତ୍ତିନି ସଂସାରେ ମୃତଃ କୋବା ନ ଜାୟତେ।' ଦୁର୍ଲ୍ଲଭ ମଣିଷ ଜୀବନର ସଫଳତା କର୍ମ ଉପରେ ହିଁ ନିର୍ଭର କରିଥାଏ।

ମଣିଷଟିଏ ଜନ୍ମ ବେଳେ କିଛି ଆଣି ନଥାଏ। ଗଲାବେଳେ କିଛି ନିଏ ନାହିଁ। କାରଣ ଆସିବା ଆଉ ଯିବା ତା' ହାତର କଥା ନୁହେଁ। ନିଜର ଇଚ୍ଛାର ବ୍ୟାପାର ବି ନୁହେଁ। କିନ୍ତୁ ଆସିବା ଆଉ ଯିବାର ମଝିରେ ଯାହା ଥାଏ ତା'ର ନାମ ଜୀବନ। ଏଥିରେ ରହିଛି ଐଶ୍ୱରୀୟ ଇଚ୍ଛା ଓ ନିଜର ସାଧନା। ତେଣୁ ସଂସାରକୁ କୁହାଯାଏ କର୍ମର କ୍ଷେତ୍ର। ଏଇଟି ହେଉଛି କର୍ମ କରିବାର ପ୍ରକୃଷ୍ଟ କ୍ଷେତ୍ର। ଜଣେ ପ୍ରତିଷ୍ଠିତ ହୁଏ ନିଜର କର୍ମରେ ଆଉ ବଞ୍ଚିରହେ ସେହି କର୍ମରେ। ତେଣୁ କୁହାଯାଏ କର୍ମ ହିଁ ଭଗବାନ। ସୁକର୍ମ କରି ଅନେକ ବ୍ୟକ୍ତି ସଫଳତାର ପାହାଚକୁ ଛୁଇଁଛନ୍ତି। ଏ କଥା ନୂଆ ନୁହେଁ। ନୂଆ ହେଉଛି ବ୍ୟକ୍ତିଟିଏ କିପରି ସଫଳ ହୁଅନ୍ତି, ସେହି ଘଟଣା ହିଁ ନୂଆ। ତାହା ଉଦାହରଣ ହୋଇଯାଏ ସାରା ସମାଜ ପାଇଁ। ସେହିପରି ଉଦାହରଣ ସ୍ତରରେ ପହଞ୍ଚିଥିବା ବ୍ୟକ୍ତି ସେଥିଲେ। ସେ ଥିଲେ ଏଇ ଓଡ଼ିଶା ମାଟିର ପୁଅ, ବିଞ୍ଝାରପୁର ମାଟିର ପୁଅ। ରକ୍ତମାଂସର ଅବୟବ ମାତ୍ର ଉଦ୍ୟମ ତାଙ୍କର ଲୌହ ଭଳି କଠିନ। ପ୍ରଚେଷ୍ଟା ବଜ୍ର ଭଳି କଠୋର। ଶପଥ ଓ ଆକାଂକ୍ଷା ହିମାଳୟ ପରି ସୁଉଚ୍ଚ। ୧୯୫୦ ମଇ ୨୧ ତାରିଖରେ ଜନ୍ମ ହୋଇ ବାହୁଡ଼ି ଗଲେ ୨୦୨୫ ଜାନୁଆରୀ ୨ରେ। ରାଜନୀତି ଥିଲା ତାଙ୍କର ସେବାର ମାଧ୍ୟମ। ପ୍ରଥମେ ଜନତା ଦଳରେ ଯୁବନେତା ଭାବେ କାର୍ଯ୍ୟ କରିବା ସମୟରେ ପ୍ରମିଳା ମଲ୍ଲିକଙ୍କ ସଂସ୍ପର୍ଶରେ ଆସି ସ୍ଥାନୀୟ ଅଞ୍ଚଳରେ ବିଜେଡ଼ିକୁ ସଶକ୍ତ କରିବା ସହ ତତ୍କାଳୀନ ମୁଖ୍ୟମନ୍ତ୍ରୀଙ୍କ ସହଯୋଗରେ ସ୍ଥାନୀୟ ଅଞ୍ଚଳର ବିଶେଷକରି ବିଞ୍ଝାରପୁରର ଅନେକ ଗ୍ରାମୀଣ ରାସ୍ତା ତିଆରିରେ ସେ ନିଜକୁ ଏପରି ବ୍ରତୀ ରଖିଥିଲେ ଯେ ଆଜି ଯୋଗାଯୋଗ ଓ ସଡ଼କ ପଥର ବିକାଶର ଶ୍ରେୟ ତାଙ୍କୁ ହିଁ ଦିଆଯାଏ। ଅନେକ ଗରିବ ଆଉ ପଛୁଆବର୍ଗର ଲୋକଙ୍କ ପାଇଁ ବିପିଏଲ କାର୍ଡ଼ ଠାରୁ ସ୍ୱାସ୍ଥ୍ୟ ବୀମା ସବୁକିଛି ସେ କରାଇବାରେ ସହଯୋଗ ରଖିଥିଲେ। ରୋଡ଼ସ ଆଣ୍ଡ ବିଲଡିଂ ବିଭାଗ ଅଧୀନରେ ଅନେକ ନିର୍ମାଣଧୀନ ପୋଲ ତିଆରି କରାଇ ଲୋକଙ୍କ ଯୋଗାଯୋଗ ବ୍ୟବସ୍ଥାକୁ ତ୍ୱରାନ୍ୱିତ କରିଥିଲେ। ନିଜ ରାଜନୀତି କ୍ୟାରିୟର ଜୀବନ ଭିତରେ ସବୁବେଳେ ଘର ପରିବାରକୁ ସେ ପଛକରି ଲୋକଙ୍କ ସେବାରେ ନିଜକୁ ନିୟୋଜିତ ରଖୁଥିଲେ। ଜଣେ ଧର୍ମ ପରାୟଣ ଓ ଭାଇଚାରା ପ୍ରତିଷ୍ଠାର ଅଗ୍ରଦୂତ ସେ ଥିଲେ। ଆମ ପଡ଼ୋଶୀ କିଛି ମୁସଲମାନ ବନ୍ଧୁଙ୍କ ସହ ସେ ଅତ୍ୟନ୍ତ ସୁସମ୍ପର୍କ ରଖି ମନ୍ଦିର ହେଉ କି ମସଜିଦ ସବୁର ଉନ୍ନୟନ କାମର ମୂଳଦୁଆକୁ ସେ ଅଗ୍ରଣୀ କରିପାରିଥିଲେ। ତାଙ୍କ ମୂଳକରେ ଭୂମିହୀନ କେହି ରହିବେ ନାହିଁ। ଦରିଦ୍ରଟି ବୋଲି ସମାଜରେ କେହି ଉପହସିତ ହେବନାହିଁ ସେ ସେମାନଙ୍କୁ ମର୍ଯ୍ୟାଦାର ସହ ଓ ସମ୍ମାନର ସହ ବଞ୍ଚିବା ପାଇଁ ଅତୁଳନୀୟ ଅବଦାନ ରଖିଥିଲେ। ଗରିବ ପରିବାରର ଝିଅ ବିବାହ ହେଉ ବା ଚାଷ ଜମି ପାଇଁ ଆର୍ଥିକ ସହାୟତା। ପିଲାଟି ପାଠପଢ଼ା ପାଇଁ ଆବଶ୍ୟକ ଅର୍ଥ ହେଉ ବା କାହାର ଦୁର୍ଘଟଣା ଜନିତ କଷ୍ଟ। ସମସ୍ତଙ୍କ ପାଇଁ ସେ ଥିଲେ ଉତ୍ସର୍ଗୀକୃତ ପରୋପକାରୀ ମଣିଷ। ୧୯୯୯ର ଭୟାନକ ମହାବାତ୍ୟା ଆମ ବିଞ୍ଝାରପୁର ଅଞ୍ଚଳରେ ନାହିଁ ନଥିବା କ୍ଷତି ସୃଷ୍ଟି କରିଥିଲା। ମହାବାତ୍ୟାର ମଧ ରାତ୍ରିରୁ ହିଁ ସେ ଆରମ୍ଭ କରିଦେଇଥିଲେ ସେବା କାର୍ଯ୍ୟ। ତାଙ୍କ ଦୃଷ୍ଟିରେ ସମସ୍ତେ ଥିଲେ ସମାନ। ଯାଜପୁର ଜିଲ୍ଲା ବିଞ୍ଝାରପୁର ଅଞ୍ଚଳରେ ବୃହତ୍ ଯୌଥ ନାୟକ ପରିବାରର ସେ ଥିଲେ ମୁରବୀ। ତାଙ୍କ ଅବର୍ତ୍ତମାନରେ ପରିବାର ଉପରେ ଯେପରି କଳା ବାଦଲ ପଡ଼ିଗଲା। ତାଙ୍କରି ପୃଷ୍ଟପୋଷକତାରେ ଅନେକ ଦେବାଳୟ, ଅନେକ ଅନୁଷ୍ଠାନ ଗଢ଼ି ଉଠିଛି।

କେବଳ ସେତିକି ନୁହେଁ ଜଣେ ଗାନ୍ଧୀ ଚିନ୍ତନର ପ୍ରଚାର ପ୍ରସାର ଅନୁରାଗୀ ଓ ତତ୍କାଳୀନ ସମୟରେ ନାରୀ ଶିକ୍ଷାକୁ ପ୍ରେରଣା ଯୋଗାଇବା ସହ ପ୍ରତ୍ୟେୟ ଅସହାୟ ଦୁଃଖିରଙ୍କୁ ସେବା କରିବା ଓ ତାଙ୍କ ଓଠରେ ଟିକେ ହସ ଦେବା ସହ ଗଣ୍ଡାଏ ଖାଦ୍ୟ ମୁଠାଏ ଉପଲବ୍ଧ କରି ନୈତିକ ଶିକ୍ଷା ଦେବା ଥିଲା ତାଙ୍କ ଜୀବନର ଧର୍ମ। ପିଲାଟି ଦିନରୁ ଆଧାତ୍ମିକ ଚେତନାକୁ ନିଜ ବ୍ୟକ୍ତିଚେତନାରେ ରୂପାନ୍ତରିତ କରିଥିଲେ। ତାଙ୍କ ଜୀବନଟି ଥିଲା ଏକ ଖୋଲା ବହି ସଦୃଶ। ପିଲାଟି ଦିନରୁ ସମସ୍ତଙ୍କ ଭିତରେ ଆଧାତ୍ମିକ ଚେତନା ଭରିବା ସହ ସମାଜ ସେବା ଓ ସମାଜ ନୀତିକୁ ସେ ଜୀବନର କେବଳ ବ୍ରତ କରିନଥିଲେ ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ ପାଲଟିଥିଲେ। ଯିଏ ଧର୍ମକୁ ଆଶ୍ରୟ କରେ ସିଏ ସତ୍ୟନିଷ୍ଠ ହୁଏ। ଧର୍ମ ମନୁଷ୍ୟକୁ ଶୁଦ୍ଧ ମନୁଷ୍ୟରେ ପରିଣତ କରେ। ତା'ଭିତରେ ଥିବା କ୍ଷୁଦ୍ରତା ଓ ସଂକୀର୍ଣ୍ଣତାକୁ ଦୂରେଇ ଦିଏ। ଯିଏ ସମାଜ ସେବାରେ ନିଜକୁ ନିୟୋଜିତ କରିଥାଏ ସେମାନେ ହେଉଛନ୍ତି ସ୍ୱସ୍ତିକତୁଲ୍ୟ, ଦୀପ୍ତ, ସ୍ୱଚ୍ଛ ଓ ଶୁଭ୍ର। ରକ୍ତମାଂସର ଶରୀର ଚିରସ୍ଥାୟୀ ନୁହଁ, ମାତ୍ର ଜୀବଦଶାରେ ଯିଏ ଯାହା କରିଯାଇଥାଏ ତାହା ଅମ୍ଳାନ ହୋଇ ରହିଥାଏ ଯୁଗ ଯୁଗକୁ। ଏହି ସଂଘର୍ଷପୂର୍ଣ୍ଣ ଜୀବନରେ ଅନ୍ୟ ମାନଙ୍କ ପାଇଁ ଆପଣାର ମଣିଷଟିଏ ହୋଇ ଅନ୍ୟ ମାନଙ୍କୁ ତିଆରି କରିବା ଓ ଅନ୍ୟ ମାନଙ୍କ ଓଠରେ ହସ ଫୁଟାଇବା ଥିଲା ତାଙ୍କ ଜୀବନଧର୍ମ।

ଏ ଅନିତ୍ୟ ସଂସାରରେ ଦିନେ ଯିବାକୁ ହିଁ ପଡ଼େ। ଯିବାଟା ହିଁ ବାସ୍ତବ ସତ୍ୟ। ତେବେ ଯେଉଁମାନେ ଭଗବତ କୃପାଭିକ୍ଷୁ ଓ ସମାଜ ସେବାରେ ନାରୀ ଚେତନାରେ ଜାଗରଣ ରଖିଥାନ୍ତି ସେମାନେ ଆପଣାର ସ୍ମୃତିର ପଦଚିହ୍ନକୁ ଛାଡ଼ି ଯାଇଥାନ୍ତି ପରବର୍ତ୍ତୀ ସମୟର ଜନମାନସ ପାଇଁ। ଆମ ଗହଣରେ ମୋ ବାପା ସ୍ୱର୍ଗତଃ ଗଣିନାଥ ନାୟକ ଆଉ ନାହାଁନ୍ତି ଏକଥା ନିଷ୍ଠୁର ସତ୍ୟ ହେଲେ ବି ବିଶ୍ୱାସ କରିହେଉନି କିନ୍ତୁ ମନୁଷ୍ୟ ତାର କର୍ମ ବଳରେ ସର୍ବଗ୍ରାସୀ କାଳକୁ ମଧ୍ୟ ଜୟ କରିପାରେ। ସେହିପରି ଦେଖିଲେ ଆଧାତ୍ମିକ ସାଧକ, ସମାଜ ସେବୀ ଓ ମାଟି ମୂଳକଙ୍କୁ ଭଲ ପାଉଥିବା ବ୍ୟକ୍ତିତ୍ୱ କାଳଜୟୀ କହିଲେ ଅତ୍ୟୁକ୍ତି ହେବନାହିଁ। ସେ ଥିଲେ ନିଷ୍କଳଙ୍କ ଓ ଶୁଦ୍ଧ ପବିତ୍ର ସଂକଳ୍ପର ପ୍ରତୀକ। ଶ୍ରୀମଦ୍ ଭାଗବତରେ ନିଜ ଜୀବନ୍ତ ଭଗବାନ ସଦୃଶ ନିଜ ପିତାମାତାଙ୍କ ସେବାକର୍ମ ପ୍ରତି ଉଲ୍ଲେଖ ରହି ଲେଖା ହୋଇଛି – 'ଆଚାର୍ଯ୍ୟ ବ୍ରହ୍ମାର ମୂରତି, ପିତା ପ୍ରତ୍ୟକ୍ଷେ ପ୍ରଜାପତି। ଭ୍ରାତା ଯେ ମୂରତି ଇନ୍ଦ୍ରର, ମାତା ସାକ୍ଷାତ ପୃଥିବୀର। ଅଗ୍ନି ମୂରତି ଅଭ୍ୟାଗତ, ଆତ୍ମାର ମୂର୍ତ୍ତି ସର୍ବଭୂତ। ତାତ ଜନନୀ ଉପକାର, ଶୁଝି କେ ପାରିବ କୁମର। ଗର୍ଭେ ବହନ୍ତି ଦୁଃଖ ସହି, ପୁଣି ପାଳନ୍ତି କ୍ଷୀର ଦେଇ। ସର୍ବ ସମ୍ପଦ ପୁଣି ଦେଇ, ତାହାଙ୍କ ପୋଷଣେ ଜୀଅଇ। ତାହାଙ୍କ ପ୍ରତି ଉପକାରେ, ଶତ ବରଷେ କେହୁ ପାରେ।' ଏହି ଦିବ୍ୟ ବାଣୀର ମହାବ୍ରତକୁ ଜୀବନରେ ପାଳନ କରୁଥିଲେ ସ୍ୱର୍ଗତଃ ଗଣିନାଥ ନାୟକ। ଜାତସ୍ୟ ଧ୍ରୁବମୃତ୍ୟୁଂ ମନୁଷ୍ୟ କ୍ଷଣ ଭଙ୍ଗୁର ଜୀବନରେ ସଂସାରର ରୀତିନୀତି ଅନୁଯାୟୀ ବାହୁଡ଼ିବ ତ ନିଶ୍ଚୟ କିନ୍ତୁ ଗଣିନାଥ ନାୟକଙ୍କ ପରି ଦିବ୍ୟ ଜୀବନ ବ୍ରତ କରି ଆଗେଇ ଚାଲିଥିବା ସମୟରେ ତାଙ୍କୁ ଶ୍ରଦ୍ଧାଞ୍ଜଳୀ ଅର୍ପଣ ପୂର୍ବକ ଭାଗବତର ବିଲକ୍ଷଣ ଧାଡ଼ିଟି ସହ ଶେଷ କରୁଛି – 'କେହି ରହିନାହିଁ ରହିବେ ନାହିଁଟି ଭବରଙ୍ଗ ଭୂମି ତଳେ, ସର୍ବେ ନିଜ ନିଜ ଅଭିନୟ ସାରି ବାହୁଡ଼ିବ କାଳ ବଳେ।'

*ବିଞ୍ଝାରପୁର, ଯାଜପୁର,*
*ଦୂରଭାଷ : ୮୩୩୧୯୬୪୦୯୪*




# ଆର୍.ଆର୍.ଟି.ସି ପକ୍ଷରୁ ବିଶ୍ୱ ବରିଷ୍ଠ ନାଗରିକ ଦିବସ ପାଳନ ଅବସରରେ ଆଠ ଦିନିଆ ୱେବିନାର ବୟୋଜ୍ୟେଷ୍ଠ ବ୍ୟକ୍ତିଙ୍କ ଦ୍ୱାରା ଉଦ୍‌ଘାଟିତ

ଭୁବନେଶ୍ୱର(ପିଏନ)- ଆଜି ଏନ୍.ଆର୍.ସି.ଡବ୍ଲ୍ୟୁ.ଡି ଦ୍ୱାରା ପରିଚାଳିତ ଆର୍.ଆର୍.ଟି.ସି ତରଫରୁ ସାମାଜିକ ନ୍ୟାୟ ଓ ଅଧିକାରିତା ମନ୍ତ୍ରାଳୟ,ଭାରତ ସରକାରଙ୍କ ସହଯୋଗରେ ଭୁବନେଶ୍ୱରସ୍ଥ ଆର୍.ଆର୍.ଟି.ସି ସଭାଗୃହରେ ବିଶ୍ୱ ବରିଷ୍ଠ ନାଗରିକ ଦିବସ ପାଳନ ଅବସରରେ ପଦ୍ମଶ୍ରୀ ଡକ୍ଟର ପ୍ରଫୁଲ୍ଲ କୁମାର ଜେନା ଓ ଡକ୍ଟର ସେବା ମହାପାତ୍ରଙ୍କ ଦ୍ୱାରା ଆନୁଷ୍ଠାନିକ ଭାବେ ଗୁଗୁଲ୍ ମିଟ୍ ଜରିଆରେ ଆଠଦିନିଆ ୱେବିନାର୍ ଶୁଭ ଉଦ୍‌ଘାଟିତ ହୋଇଯାଇଛି । ଉକ୍ତ ୱେବିନାର୍‌ରେ ଅନ୍ୟୁନ ୪୦ରୁ ୫୦ ଲୋକ ଯଥା ବୟୋଜ୍ୟେଷ୍ଠ ବ୍ୟକ୍ତି, ସ୍ୱେଚ୍ଛାସେବୀ ସଙ୍ଗଠନର କର୍ମକର୍ତ୍ତା, ବରିଷ୍ଠ ନାଗରିକ ବାସସ୍ଥାନର ଅନ୍ତେବାସୀଗଣ, ସାମାଜିକ କର୍ମୀ, ଗଣମାଧ୍ୟମ ପ୍ରତିନିଧିବୃନ୍ଦ, ସରକାରୀ କର୍ମଚାରୀ ବୃନ୍ଦ, ସ୍ୱେଚ୍ଛାସେବୀମାନେ ଅଂଶଗ୍ରହଣ କରିଥିଲେ । ଆୟୋଜିତ ହୋଇଥିବା ଏହି ୱେବିନାର୍‌ରେ ମୁଖ୍ୟ ଅତିଥି ଭାବେ ପଦ୍ମଶ୍ରୀ ଡଃ ପ୍ରଫୁଲ୍ଲ କୁମାର ଜେନା ଯୋଗଦାନ କରିଥିବା ବେଳେ ଡକ୍ଟର ସେବା ମହାପାତ୍ର ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ଡକ୍ଟର ଜେନା କହିଲେ ଯେ, ସେ ୯୦ ବର୍ଷରେ ପହଂଚିଥିଲେ ମଧ୍ୟ ଏବେ ବୈଦିକ ଓ ଦୈନିକ କାର୍ଯ୍ୟକ୍ରମରେ ନିଜର ଅଭ୍ୟାସ ଅବ୍ୟାହତ ରଖିଛନ୍ତି । ଏତଦ୍ ବ୍ୟତୀତ ସେ ଗୁରୁତ୍ୱର ସହ କହିଥିଲେ ଯେ, ବରିଷ୍ଠ ନାଗରିକଙ୍କର ଅଭିଜ୍ଞତାକୁ ପାଥେୟ କରି ସାମାଜିକ ସେବା, ଜ୍ଞାନକୌଶଳର ବିକାଶ, ସ୍ୱାସ୍ଥ୍ୟସେବା, ଶିକ୍ଷାପ୍ରଦାନ,ବୃକ୍ଷରୋପଣ ଆଦି କାର୍ଯ୍ୟରେ ନିୟୋଜିତ କରାଯିବା ଉଚିତ୍ । ୬୦ବର୍ଷରେ ଅବସର ଗ୍ରହଣ କଲେ ମଧ୍ୟ ବହୁ ବରିଷ୍ଠ କର୍ମଚାରୀ ଆଗକୁ କାମ କରିବାର ଦକ୍ଷତା ଥିବାଯୋଗୁଁ ସେମାନଙ୍କୁ ବିଭିନ୍ନ କାର୍ଯ୍ୟରେ ନିୟୋଜିତ କରିବା ଉଚିତ୍ । ଠିକ୍ ସେହିପରି ଡକ୍ଟର ମହାପାତ୍ର ଅବଗତ କରାଇଥିଲେ ଯେ, ସମଗ୍ର ବିଶ୍ୱରେ ୨୦୫୦ମସିହା ସୁଦ୍ଧା ବରିଷ୍ଠନାଗରିକଙ୍କ ସଂଖ୍ୟା ୧୫୦କୋଟିରେ ପହଂଚିବ । ଏପରି ଆକଳନରୁ ଜଣାଯାଉଛି ଯେ, ୨୦୫୦ମସିହା ବେଳକୁ ବରିଷ୍ଠନାଗରିକଙ୍କ ସଂଖ୍ୟା ଭାରତବର୍ଷରେ ମୋଟ୍ ଜନସଂଖ୍ୟାର ଶତକଡା ୨୦ପ୍ରତିଶତ ବୃଦ୍ଧି ପାଇବ । ଏହାଛଡା କୋଭିଡ୍ ମହାମାରୀ ସମୟରେ ବରିଷ୍ଠ ନାଗରିକମାନଙ୍କର ଯଥେଷ୍ଟ ସ୍ୱାସ୍ଥ୍ୟର ଯତ୍ନର ଆବଶ୍ୟକତା ରହିଛି ବୋଲି ସେ ଗୁରୁତ୍ୱାରୋପ କରିଥିଲେ । ଏଠାରେ ପ୍ରକାଶ ଯୋଗ୍ୟ ଯେ, ଭାରତ ସରକାରଙ୍କ ସାମାଜିକ ନ୍ୟାୟ ଓ ଅଧିକାରିତା ମନ୍ତ୍ରାଳୟର ଅତିରିକ୍ତ ସଚିବ ଶ୍ରୀମତୀ ଉପମା ଶ୍ରୀବାସ୍ତବ ସମ୍ମାନୀତ ଅତିଥିଭାବେ ଯୋଗ ହେବାର କାର୍ଯ୍ୟକ୍ରମ ଥିଲା ମାତ୍ର କିଛି ଯାନ୍ତ୍ରିକ ତ୍ରୁଟି ଯୋଗୁଁ ସେ ଆଜିର କାର୍ଯ୍ୟକ୍ରମରେ ଯୋଗ ଦେଇ ପାରି ନ ଥିଲେ କିନ୍ତୁ ଆସନ୍ତା କାଲିର କାର୍ଯ୍ୟକ୍ରମରେ ସେ ଯୋଗ ଦେବେ ବୋଲି ନିର୍ଭର ପରତିଶୃତି ଦେଇଛନ୍ତି । ଏହି ୱେବିନାର୍ ଦୀର୍ଘ ଆଠ ଦିନ ଧରି ପ୍ରତ୍ୟହ ପୂର୍ବାହ୍ନ ୧୧ଟାରୁ ଦିବା ୧ଘଟିକା ପର୍ଯ୍ୟନ୍ତ ଗୁଗୁଲ୍ ମିଟ୍ ଜରିଆରେ ବରିଷ୍ଠ ନାଗରିକଙ୍କ ବିଭିନ୍ନ ମୁଦ୍ଦାକୁ ନେଇ ଅଭିଜ୍ଞ ରିସୋର୍ସ ପର୍ସନମାନଙ୍କ ଦ୍ୱାରା ଆଲୋଚନା କରାଯିବ । ଏହି ଆଲୋଚନାରେ ଭାଗ ନେବାକୁ ଚାହୁଁଥିବା ବ୍ୟକ୍ତିମାନେ ନିମ୍ନୋକ୍ତ ଲିଙ୍କ୍‌ରେ ଯୋଗ ଦେବାକୁ ଅନୁରୋଧ । ଲିଙ୍କ୍‌ଟି ହେଉଛି- https://meet.google.com/mfz-zcin-vpg । ଏହି କାର୍ଯ୍ୟକ୍ରମକୁ ବରିଷ୍ଠ ସାମ୍ବାଦିକ ତଥା ସ୍ତମ୍ଭକାର ଶ୍ରୀଯୁକ୍ତ ନାଗେଶ୍ୱର ପଟ୍ଟନାୟକ ସଂଚାଳନ କରିଥିଲେ ଓ ଆଶା ପ୍ରକାଶ କରି କହିଥିଲେ ଯେ, ଭାରତ ସରକାର ଆଣୁଥିବା ନୂତନ ନାଗରିକ ନୀତି ନିଶ୍ଚୟ ପ୍ରଗତିଶୀଳ ହେବ । ଏହି ୱେବିନାର୍‌ରେ ଆଲୋଚିତ ହେବାକୁ ଥିବା ବିଷୟବସ୍ତୁ ଗୁଡିକୁ ଆଗାମୀ ସାତ ଦିନରେ ବରିଷ୍ଠ ଆଇନଜିବୀ ସଂଜିବ୍ ରାଉତ, ସିଦ୍ଧାର୍ଥ ଦାସ, ହେଲପ୍ ଏଜ୍ ଇଣ୍ଡିଆର ରାଜ୍ୟ ମୁଖ୍ୟ ଶ୍ରୀମତୀ ଭାରତୀ ଚକ୍ର, ବିଶିଷ୍ଟ ମନୋତତ୍ତ୍ୱବିଦ୍ ଡକ୍ଟର ପ୍ରକାଶ ରଥ, ଡକ୍ଟର ଅରବିନ୍ଦ ମହାନ୍ତି, ଡକ୍ଟର ହରିଶ୍ ଚୌଧୂରୀ, ଡକ୍ଟର ଅମ୍ରିତ୍ ପଟ୍ଟଯୋଶୀ,ଡକ୍ଟର ବିଶ୍ୱଭୂଷଣ ପ୍ରଧାନ, ଡକ୍ଟର ଅମ୍ଳାନ୍ ମାଇତି, ଡକ୍ଟର ଝରଣା ସ୍ୱାଇଁ, ବରିଷ୍ଠ ରାଜନୀତି ବିଜ୍ଞାନୀ ତଥା ପ୍ରଫେସର୍ ସୂର୍ଯ୍ୟନାରାୟଣ ମିଶ୍ର, ଅବସରପ୍ରାପ୍ତ ଆଇ.ଏ.ଏସ୍ ଅଫିସର୍ ଶ୍ରୀ ଯୁଗଳ କିଶୋର ମହାପାତ୍ର ଓ ଶ୍ରୀ ବିବେକ ପଟ୍ଟନାୟକ , ବରିଷ୍ଠ ସମାଜସେବୀ ଇମ୍ରାନ୍ ଅଲ୍ଲୀ ଓ ଶ୍ରୀମତୀ ଗୀତା ପ୍ରହରାଜ ପ୍ରମୁଖ ରିସୋର୍ସ ପର୍ସନ ଭାବେ ଆଲୋଚନାରେ ଅଂଶଗ୍ରହଣ କରି ଅତି ପ୍ରାଞ୍ଜଳ ଭାବେ ବିଷୟଗୁଡିକୁ ଅଂଶଗ୍ରହଣକାରୀଙ୍କ ସମ୍ମୁଖରେ ଉପସ୍ଥାପନ କରିବେ ବୋଲି ନିର୍ଭର ପ୍ରତିଶୃତି ଦେଇଛନ୍ତି । ଏହି ୱେବିନାର୍‌ରେ ଅଧିକ ସଂଖ୍ୟାରେ ଭାଗ ନେଇ ୱେବିନାର୍‌କୁ ସଫଳ କରିବାକୁ ଆୟୋଜକ ଆଶା ପ୍ରକାଶ କରିଛନ୍ତି । ଶେଷରେ ଏନ୍.ଆର୍.ସି ଡବ୍ଲ୍ୟୁ.ଡିର ସମ୍ପାଦକ ଶ୍ରୀଯୁକ୍ତ ସୁକାନ୍ତ ପରିଡା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିବା ବେଳେ ଆର୍.ଆର୍.ଟି.ସିର ପ୍ରକଳ୍ପ ସଂଯୋଜିକା ବାସନ୍ତୀ ବେହେରା ୱେବିନାର୍‌କୁ ସୁଚାରୁରୂପେ ପରିଚାଳନା କରିଥିଲେ ।







## ପୁରୀ-ଅହମ୍ମଦାବାଦ ସ୍ପେଶାଲ ଶ୍ରମିକ ଟ୍ରେନ୍ ରେ ବ୍ରହ୍ମପୁରରୁ ସୁରତ ଯାତ୍ରା କଲେ ୧୪୩୯ ଯାତ୍ରୀ

ଗଞ୍ଜାମ, (ପିଏନ)- ପୁରୀ-ଅହମ୍ମଦାବାଦ ସ୍ପେଶାଲ ଶ୍ରମିକ ଟ୍ରେନ୍ ଗତକାଲି ରାତି ୮ଟା ରେ ବ୍ରହ୍ମପୁର ଷ୍ଟେସନରେ ପହଂଚିଥିଲା । ପୂର୍ବରୁ ଟ୍ରେନ୍ କୁ ଅପେକ୍ଷା କରିଥିବା ଶହସ୍ରାଧିକ ଯାତ୍ରୀ ଟ୍ରେନ୍ ରେ ଚଢ଼ିଥିଲେ । ମୁଖ୍ୟତଃ ସୁରତ ଯିବାକୁ ଚାହୁଁଥିବା ପ୍ରବାସୀ ଶ୍ରମିକ ମାନେ ମହିଳା ଓ ପିଲାଛୁଆଙ୍କ ସହିତ ସଂରକ୍ଷିତ ଟିକେଟ୍ କରି ଟ୍ରେନ୍ ରେ ଚଢ଼ିଥିଲେ । ବ୍ରହ୍ମପୁର ଷ୍ଟେସନ ମ୍ୟାନେଜର ଦୂର୍ଗାପ୍ରସାଦ ବ୍ରହ୍ମାଙ୍କ ସୂଚନା ମୁତାବକ ମୋଟ୍ ୧୪୩୯ ଯାତ୍ରୀ ଏହି ଟ୍ରେନ୍ ରେ ବ୍ରହ୍ମପୁର ଷ୍ଟେସନରୁ ଯାତ୍ରା କରିଛନ୍ତି । ଥର୍ମାଲ୍ ସ୍କ୍ରିନିଂ, ସାମାଜିକ ଦୂରତା, ମାସ୍କ ପରିଧାନ, ବିଶୋଧନ ଆଦି ପ୍ରତି ବିଶେଷ ଧ୍ୟାନ ରଖାଯାଇଛି ବୋଲି କହିଛନ୍ତି ଷ୍ଟେସନ୍ ମ୍ୟାନେଜର । ଦୀର୍ଘ ୪ ମାସ ପରେ ଏହି ପ୍ରବାସୀ ଶ୍ରମିକମାନେ ପୁଣି ଥରେ କର୍ମସଂସ୍ଥାନ ପାଇଁ ଗୁଜୁରାଟ ତଥା ସୁରତ ଅଭିମୁଖେ ଯାତ୍ରା କରୁଥିବାରୁ ଗଞ୍ଜାମ ଜିଲ୍ଲା ବିଜେପି ପକ୍ଷରୁ ଯାତ୍ରୀ ମାନଙ୍କୁ ଶୁଭକାମନା ଜ୍ଞାପନ କରାଯାଇଥିଲା ।

## ୨ବର୍ଷର ଝିଅ ଦେହରେ ୨୮ ଥର ବ୍ୟାଣ୍ଡେଜ ଘଟଣା
# ଚିକିତ୍ସା ପାଇଁ ପ୍ରଶାସନର ପ୍ରସ୍ତୁତି ଆରମ୍ଭ

କନ୍ଧମାଳ,(ପିଏନ)- ଦାରିଙ୍ଗବାଡ଼ି ବ୍ଲକ ହାତୀମୁଣ୍ଡା ପଂଚାୟତ ଅର୍ନ୍ତଗତ ଡାହୁ ଗ୍ରାମର ୨ବର୍ଷର ଝିଅ ସାଲୁନିକା ପ୍ରଧାନ । ଜନ୍ମ ହେବାର ୧୩ଦିନ ପର ଠାରୁ ଝିଅକୁ କେହି ଧରିଲେ ଦେହର ହାଡ଼ଗୁଡ଼ିକ ଭାଙ୍ଗିଯାଉଛି । ସେଥିପାଇଁ ୨ବର୍ଷର ଝିଅର ହାତ, ଗୋଡ଼ ସମେତ ଶରୀରର ବିଭିନ୍ନ ଅଙ୍ଗରେ ୨୮ଟି ବ୍ୟଣ୍ଡେଜ୍ ପଡ଼ିଛି । ଏନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ସାଲୁନିକାର ସମସ୍ତ ଚିକିତ୍ସା ମାଗଣାରେ କରିବା ପାଇଁ କଟକ ଜିଲ୍ଲା ଓଲଟପୁର ସ୍ଥିତ ସ୍ୱାମୀ ବିବେକାନନ୍ଦ ଜାତୀୟ ପୁର୍ନବାସ ପ୍ରଶିକ୍ଷଣ ଓ ଅନୁସନ୍ଧାନ ସଂସ୍ଥା(ନିରତାର୍) ନିଜ ତରଫରୁ ଏନେଇ କନ୍ଧମାଳ ଜିଲ୍ଲା ପ୍ରଶାସନକୁ ଚିଠି ଲେଖିଛନ୍ତି । ନିରତାର୍‌ର ନିର୍ଦ୍ଦେଶକ ଡାକ୍ତର ଶକ୍ତି ପ୍ରସାଦ ଦାସ ସାଲୁନିକାର ଏଭଳି ବିରଳ ରୋଗ ସମ୍ପର୍କରେ ଗଣମାଧ୍ୟମରୁ ଜାଣିବା ପରେ ସଂସ୍ଥାର ବୈଷୟିକ ନିର୍ଦ୍ଦେଶକ କିଶୋର ଚନ୍ଦ୍ର ମହାପାତ୍ରଙ୍କ ସହିତ ଆଲୋଚନାକରିଥିଲେ ।ଏହାପରେ ସେ ଫୁଲବାଣୀ ଜିଲ୍ଲା ଭିନ୍ନକ୍ଷମ ଥଇଥାନ କେନ୍ଦ୍ର(ଡିଡିଆରସି)ର ଅଧିକ୍ଷକ ଅକ୍ଷୟ କୁମାର ପଣ୍ଡାଙ୍କ ସହିତ ଯୋଗାଯୋଗ କରି ସାଲୁନିକାକୁ ଓଲଟପୁରକୁ ପଠାଇବାର ବ୍ୟବସ୍ଥା କରିବାକୁ ଅନୁରୋଧ କରିଥିଲେ ।ପରେ ସେ କନ୍ଧମାଳ ଜିଲ୍ଲାପାଳଙ୍କୁ ମଧ୍ୟ ଏକ ଚିଠିଲେଖି ପୀଡ଼ିତା ଝିଅକୁ ସଂସ୍ଥାକୁ ପଠାଇଲେତାହାର ଚିକିତ୍ସା ସଂସ୍ଥା ତରଫରୁ ସମ୍ପୁର୍ଣ୍ଣ ମାଗଣାରେ କରାଯିବ ବୋଲି କହିଛନ୍ତି । ସଂସ୍ଥା ଠାରୁ ଚିଠି ପାଇବା ପରେ ଜିଲ୍ଲାପାଳ ମଧ୍ୟ ତୁରନ୍ତ ତତ୍ପରତା ପ୍ରକାଶ କରି ଜିଲ୍ଲା ଚିକିତ୍ସାଧିକାରୀଙ୍କୁ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ରାଷ୍ଟ୍ରୀୟ ବାଲ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଜରିଆରେ ଖୁବ ଶୀଘ୍ର ପୀଡ଼ିତା ଝିଅ ସାଲୁନିକାକୁ ଓଲଟପୁର ସ୍ଥିତ ନିରତାର୍ କୁ ପଠାଇବା ବ୍ୟବସ୍ଥା କରୁଥିବା ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ରାଜଶ୍ରୀ ପଟ୍ଟନାୟକ ସୂଚନା ଦେଇଛନ୍ତି । ଏଭଳି ସ୍ଥଳେ ଆସନ୍ତା ସୋମବାର କିମ୍ବା ମଙ୍ଗଳବାର ଦିନ ସାଲୁନିକାର ଚିକିତ୍ସା ପାଇଁ କଟକ ସ୍ଥିତ ଓଲଟପୁରକୁ ନିଆଯିବ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

# ୩ ବର୍ଷ ହେଲା ଭାଙ୍ଗି ଯାଇଥିବା କସଲକୋଣ୍ଡା ବ୍ରିଜ ଓ ରାସ୍ତା ମରାମତି ପାଇଁ ଦାବୀ

ମାଲକାନଗିରି, (ପିଏନ)-ଗତ ୩ ବର୍ଷ ତଳେ ମାଲକାନଗିରି ଜିଲ୍ଲା କାଲିମେଲା ବ୍ଲକ ଚିନ୍ତଲବାଡା ପଂଚାୟତ କସଲକୋଣ୍ଡା ଗାଁ ମୁଖ୍ୟ ରାସ୍ତା କୁ ସଂଯୋଗ କରୁଥିବା ଗମ୍ପାକୋଣ୍ଡା କେନାଲ ରାସ୍ତାରୁ ଯାଇଥିବା ଗ୍ରାମ୍ୟ ଉନୟନ୍ନ ବିଭାଗ ର ରାସ୍ତା ଓ ବ୍ରିଜ ଧୋଇହୋଇଯାଇଥିଲା । ହେଲେ ଆଜି ପ୍ରଯ୍ୟନ୍ତ ଉକ୍ତ ବ୍ରିଜ ନିର୍ମାଣ କରାଯାଇନଥିବାରୁ ଏହି ରାସ୍ତାଦେଇ ଯାଉଥିବା ଲୋକ ମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ବ୍ରିଜ ର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇ ପଡ଼ିଥିବାରୁ ଏହି ରାସ୍ତାଦେଇ ଚାଲିଚାଲି ଯିବା କଷ୍ଟକର ହୋଇପଡୁଛି ।

ପ୍ରକାଶ ଥାଉକି ଗମ୍ପାକୋଣ୍ଡା ମୁଖ୍ୟ କେନାଲ ରୁପୁରୁଣା ପଂଚାୟତ ଅଫିସ ପର୍ଯ୍ୟନ୍ତ ପ୍ରାୟ ୨ କିମି ରାସ୍ତା ବର୍ଷାରେ ଧୋଇହୋଇଯାଇଛି । ଏହି ରାସ୍ତାର ମଧ୍ୟ ଭାଗରେ କସଲ କୋଣ୍ଡା ନାଳ ରହିଛି, ଯାହାର ଲମ୍ବ ୧ ୫ ମିଟର । ଉକ୍ତ ରାସ୍ତା ଚିନ୍ତଲବାଡା ଓ ଗୁମୁକା ପଂଚାୟତକୁ ସଂଯୋଗ କରୁଥିବାରୁ ବହୁ ଲୋକ ସୁବିଧାରେ ଯାତାୟାତ କରୁଥିଲେ । ତେବେ ୩ ବର୍ଷ ଧରି ରାସ୍ତା ଓ ବ୍ରିଜ ମରାମତି ହୋଇନଥିବାରୁ କସଲକୋଣ୍ଡା, ସିନ୍ଧିଗୁଡା, ଏବଂ ନିକଟରେ ଥିବା ଅନ୍ୟ ୬ ଟି ଗାଁ ର ଶତାଧିକ ଲୋକ ନାହିଁ ନଥିବା ଦୁର୍ଦ୍ଦର୍ଶା ଭୋଗୁଛନ୍ତି । ସାଧାରଣତଃ କାହାର ଦେହ ଖରାପ ହେଲେ ରୋଗୀ, ଗର୍ଭବତୀଙ୍କୁ ଚିକିତ୍ସାଳୟ ନେବାକୁ ଗାଁ ନିକଟକୁ ଆମ୍ବୁଲାନ୍ସ ଆସିପାରେନାହିଁ !ଫଳରେ ରୋଗୀଙ୍କୁ ଖଟିଆରେ ବୋହିବାକୁ ପଡିଥାଏବୋଲି କସଲକୋଣ୍ଡା ଗ୍ରାମର ୱାର୍ଡ ମେମ୍ବର ଈରମେ କବାସୀ କହିଛନ୍ତି । ମରାମତି ପାଇଁ ପ୍ରଶାସନ ପାଖରେ ଅଞ୍ଚଳବାସୀ ବାରମ୍ବାର ଦାବି କରିଆସୁଥିଲେ ସୁଦ୍ଧା କେହି ଶୁଣୁ ନ ଥିବା ପଂଚାୟତବାସୀ ଅଭିଯୋଗ କରିଛନ୍ତି !ଜିଲ୍ଲା ପ୍ରଶାସନ ପକ୍ଷରୁ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାପାଇଁ ଦାବୀ ହେଉଛି !

## ବିବାହର ପ୍ରତିଶ୍ରୁତି ଦେଇ ମାସମାସ ଧରି ଯୁବତୀଙ୍କୁ ଦୁଷ୍କର୍ମ
# ୬ମାସର ଗର୍ଭବତୀ ପରେ ସଂପୃକ୍ତ ଯୁବକ ଫେରାର, ଦୈତାରୀ ଥାନାରେ ଏତଲା

ହରିଚନ୍ଦନପୁର, (ପିଏନ) ବିବାହର ପ୍ରତିଶ୍ରୁତି ଓ ବିଭିନ୍ନ ପ୍ରଲୋଭନ ଦେଖାଇ ମାସମାସ ଧରି ଯୁବତୀଙ୍କ ସହ ଦୁଷ୍କର୍ମ, ୬ମାସର ଗର୍ଭବତୀ ହେବା ପରେ ସଂପୃକ୍ତ ଯୁବକ ଫେରାର ହୋଇଯାଇଥିବା ନେଇ ଦୈତାରୀ ଥାନାରେ ଲିଖିତ ଅଭିଯୋଗ ହୋଇଛି ।ଖବର ଅନୁଯାୟୀ କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ବ୍ଲକ ଦୈତାରୀ ଥାନା ଅନ୍ତର୍ଗତ ଆଲୁତୁମ୍ବା ଗ୍ରାମର ଯାତ ଦେହୁରୀଙ୍କ ଝିଅ (ଛଦ୍ମନାମ) ଜମୁନା(୧୮)ଙ୍କ ସହ ଗ୍ରାମର ଝଂପିତାମ୍ବର ଦେହୁରୀଙ୍କ ପୁଅ ସୁଶାନ୍ତ ଦେହୁରୀ ପ୍ରେମ ସମ୍ପର୍କ ରଖିଥିଲେ । ପରେ ବିବାହର ପ୍ରତିଶ୍ରୁତି ଓ ବିଭିନ୍ନ ପ୍ରଲୋଭନ ଦେଖାଇ ଯୁବତୀଙ୍କୁ ଦୀର୍ଘ ମାସ ଧରି ଦୁଷ୍କର୍ମ କରିଥିଲେ । ଯୁବତୀ ଜଣଙ୍କ ଗର୍ଭବତୀ ହେବା ପରେ ଯୁବକଙ୍କୁ ଘଟଣା ସମ୍ପର୍କରେ ଜଣାଇବା ପରେ ଯୁବକ ଜଣଙ୍କ ଫେରାର୍ ହୋଇଯାଇଥିଲେ । ଯୁବକ ଜଣଙ୍କ ଫେରାର୍ ହୋଇଯିବା ନେଇ ପୀଡ଼ିତା ଜଣଙ୍କ କିଛି ଉପାୟ ନପାଇ ମାଆ ଗୁଷ୍ଟ ଦେହୁରୀଙ୍କୁ ଘଟଣା ସମ୍ପର୍କ ସବୁ କଥା ଜଣାଇଥିଲେ । ଝିଅ ଠାରୁ ସମସ୍ତ ଘଟଣା ସମ୍ପର୍କରେ ଜାଣିବା ପରେ ସମାଧାନ ନିମନ୍ତେ ଗ୍ରାମର ଭଦ୍ର ଲୋକଙ୍କ ଏକ ସଭା ବସିଥିଲା । ହେଲେ ଉକ୍ତ ସଭାରେ ଉଚିତ୍ ନ୍ୟାୟ ମିଳିବା ଭଳି କୌଣସି ସମାଧାନ ବାଟ ବାହାରିନଥିଲା । ଶେଷରେ କିଛି ଉପାୟ ନପାଇ ନ୍ୟାୟ ଆଶାରେ ପରିବାର ସହ ପୀଡ଼ିତା ଦୈତାରୀ ଥାନା ଦ୍ୱାରସ୍ଥ ହୋଇ ଏକ ଲିଖିତ ଅଭିଯୋଗ କରିଥିଲେ । ଏଥିସହ ଯୁବକଙ୍କ ପରିବାର ସବୁ ସମ୍ପର୍କରେ ଜାଣିବା ପରେ ତାଙ୍କୁ ଲୁଚାଇ ରଖିଥିବା ପୀଡ଼ିତା କହିଛନ୍ତି । ଅଭିଯୋଗକୁ ଭିତି କରି ପୋଲିସ ଏକ ମାମଲା ରୁଜୁ କରି ପୀଡ଼ିତାଙ୍କୁ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟରେ ଡ଼ାକ୍ତରୀମାଇନା କରିବା ପରେ ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି । ହେଲେ ଗତ ମଙ୍ଗଳବାର ଥାନାରେ ଅଭିଯୋଗ ହୋଇଥିଲା ବେଳେ ଆଜି ପର୍ଯ୍ୟନ୍ତ ପୋଲିସ ସଂପୃକ୍ତ ଯୁବକଙ୍କ ପତା ପାଇନଥିବା କାରଣରୁ ନ୍ୟାୟ ଆଶାରେ ଚାହିଁ ରହିଥିବା ପୀଡ଼ିତା ମଧ୍ୟରେ ଧିରେ ଧିରେ ଆଶା ତୁଟିବାକୁ ବସିଛି । ଏଥିପ୍ରତି ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେଇ ଯଥାଶୀଘ୍ର ପୀଡ଼ିତାଙ୍କୁ ଉଚିତ୍ ନ୍ୟାୟ ପ୍ରଦାନ କରାଇବାକୁ ଗ୍ରାମବାସୀ ଓ ପୀଡ଼ିତା ଦାବି କରିଛନ୍ତି ।

## ଆଦର୍ଶ ଚାଷୀ ଏକାକୀ ମହିଳା ମିତା ପ୍ରଧାନ
# ଆତ୍ମନିର୍ଭରଶୀଳ ହୋଇଛନ୍ତି ଆକ୍ସନଏଡ ସହାୟତାରେ

କନ୍ଧମାଳ,(ପିଏନ)- କନ୍ଧମାଳ ଜିଲ୍ଲାର ଦାରିଙ୍ଗବାଡି ଅଂଚଳରେ ଥିବା ସୁନ୍ଦରଗଡ ଗାଁରେ ଆତ୍ମନିର୍ଭରଶୀଳ ହୋଇଛନ୍ତି ସେହି ଗାଁର ଏକାକୀ ମହିଳା ମିତା ପ୍ରଧାନ । ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆକ୍ସନଏଡ୍ ସହାୟତାରେ ସେ ନିର୍ଭରଶୀଳ ହୋଇ ହୋଇପାରିଛନ୍ତି ଜଣେ ସଫଳ ଚାଷି ଅନୁଷ୍ଠାନ ତରଫରୁ ତାଙ୍କୁ ପ୍ରଦାନ କରାଯାଇଥିଲା ୫ ହଜାର ଟଙ୍କା ସେଥିରୁ ସେ ତାଙ୍କ ଜମିରେ ଆରମ୍ଭ କରିଛନ୍ତି ବନ୍ଧାକୋବି ଓ ବାଦାମ ଚାଷ ସେଥିରେ ସେ ବର୍ତମାନ ଅଂଚଳର ଜଣେ ସଫଳ ଚାଷି ସାଜିଛନ୍ତି । ୨୦୧୮ ମସିହାରେ କୌଣସି କାରଣ ବସତଃ ଅସୁସ୍ଥ ହେବାପରେ ସ୍ୱାମୀ ମିଳନ ପ୍ରଧାନଙ୍କ ଦେହାନ୍ତ ହେବାପରେ ୨ ବର୍ଷ ଏବଂ ୫ ବର୍ଷର ଦୁଇଟି କନ୍ୟା ସନ୍ତାନକୁ ନେଇ କିପରି ଚଳିବେ ତାହା ତାଙ୍କ ପାଇଁ ହୋଇଥିଲା ଏକ ବଡ ଆହ୍ୱାନ କିପରି ପରିବାର ପୋଷଣ କରିବେ ଏବଂ ତାଙ୍କର ଝିଅମାନଙ୍କୁ କିପରି ବଡ କରିବେ ତାହା ସାଜିଥିଲା ବଡ ଚିନ୍ତ । ବର୍ତମାନ ତାଙ୍କ ପାଖରେ ଥିବା ପ୍ରାୟ ୩ ଏକରରୁ ଅଧିକ ଚାଷ ଜମିରେ କରିଛନ୍ତି ସେ ବନ୍ଧାକୋବି,ବାଦାମ ଓ ବିଭିନ୍ନ ପନିପରିବା ଚାଷ ଏବଂ ସେଥିରେ ତାଙ୍କର ପରିବାରର ଅର୍ଥିକ ଉନ୍ନତି ହେବାସହିତ ସେ ମଧ୍ୟ ଜଣେ ଏକାକି ଆତ୍ମନିର୍ଭରଶୀଳ ମହିଳା ହୋଇ ତାଙ୍କପରି ଏକାକୀ ମହିଳା ମାନଙ୍କ ପାଇଁ ଉଦାହରଣ ସାଜିଛନ୍ତି । ତେବେ ତାଙ୍କ ଭଳି ଦାରିଙ୍ଗବାଡି ଅଂଚଳରେ ଥିବା ଆଉ ୧୧ ଜଣ ଏକାକୀ ମହିଳାଙ୍କୁ ଆକ୍ସନଏଡ ତରଫରୁ ୫ ହାଜର ଟଙ୍କା ଲେଖାଏଁ ପ୍ରାଦାନ କରାଯିବାସହିତ ସେମାନଙ୍କୁ ସେମାନଙ୍କର ଇଛା ଓ ସୁବିଧା ଅନୁସାରେ ଛେଳିଚାଷ, ପନିପରିବା ଚାଷ,ମାଣ୍ଡିଆ ଚାଷ ଏବଂ ସିଆଳି ଖଲି ତିଆରି କରିବା ଭଳି ବିଭିନ୍ନ ଆତ୍ମନିର୍ଭରଶୀଳ କାମ କରି ସ୍ୱାଲମ୍ବୀ ହୋଇପାରିଛନ୍ତି । ଦାରିଙ୍ଗବାଡି ସମେତ କନ୍ଧମାଳ ଜିଲ୍ଲାରେ ଆକ୍ସନଏଡ ତରଫରୁ ଫୁଲବାଣୀ, ତୁମୁଡିବନ୍ଧ ଓ ଘୁ.ଉଦୟଗିରି ଅଂଚଳରେ ଏହିପରି ୩୧ ଜଣ ମହିଳାଙ୍କୁ ସାମାନ୍ୟ ଅର୍ଥିକ ସହାୟତା ଯୋଗାଇ ଦେବାସହିତ ସେମାନଙ୍କୁ ତାଙ୍କର ସୁବିଧା ଅନୁସାରେ କାମକରି ସେମାନଙ୍କୁ ମଧ୍ୟ ଆତ୍ମନିର୍ଭରଶୀଳ କରିବା ପାଇଁ ଉଦ୍ୟମ କରାଯାଇଛି । ସେମାନେ ମଧ୍ୟ ସେମାନଙ୍କର ପ୍ରଚେଷ୍ଟାରେ ବିଭିନ୍ନ କାର୍ଯ୍ୟ ମାଧ୍ୟମରେ ସେମାନଙ୍କ ପରିବାରର ଆର୍ଥିକ ଅଭିବୃଦ୍ଧି କରିବାରେ ଲାଗିଛନ୍ତି ବୋଲି ଦାରିଙ୍ଗବାଡି ଅଂଚଳରେ କାର୍ଯ୍ୟରତ ଆକ୍ସନଏଡର ଧନେଶ୍ୱର ସାହୁ କହିଛନ୍ତି ।

## ବିଶିଷ୍ଟ କର୍ମଚାରୀ ନେତା ଅକ୍ଷୟ ମହାକୁଡ଼ଙ୍କ ପଂଚମ ବାର୍ଷିକ ଶ୍ରାଦ୍ଧୋତ୍ସବ ପାଳିତ

ଭୁବନେଶ୍ୱର, (ପିଏନ)- ଓଡ଼ିଶା ସଚିବାଳୟ ଅମଲାସଂଘ, ଓଡ଼ିଶା ସଚିବାଳୟ ସେବାସଂଘର ପୂର୍ବତନ ସାଧାରଣ ସମ୍ପାଦକ, ସଚିବାଳୟ କର୍ମଚାରୀ ମହାସଂଘର ମହାସଚିବ, ଓଡ଼ିଶା ଶିକ୍ଷକ କର୍ମଚାରୀ ମିଳିତମଂଚର ସଂଯୋଜକ ଏବଂ ଡିଏଭି ପବ୍ଲିକ୍ ସ୍କୁଲ୍ ଅଭିଭାବକ ଆନ୍ଦୋଳନର କର୍ଣ୍ଣଧାର, ନିର୍ଭୀକ ଲଢୁଆ କର୍ମଚାରୀ ନେତା ସ୍ୱର୍ଗତ ଅକ୍ଷୟ କୁମାର ମହାକୁଡଙ୍କ ପଂଚମ ବାର୍ଷିକୀ ଶ୍ରାଦ୍ଧୋତ୍ସବ ଭୁବନେଶ୍ୱର ଓସା ହାଉସ୍‌ରେ ଚିତରଂଜନ ହୋତାଙ୍କ ଅଧ୍ୟକ୍ଷତାରେ ସାମାଜିକ ଦୂରତା ଅବଲମ୍ବନ କରାଯାଇ ଆଜି ମଧ୍ୟାହ୍ନରେ ପାଳିତ ହୋଇଯାଇଅଛି । ଏହି ଅବସରରେ ଓଡ଼ିଶା ସଚିବାଳୟ ସେବାସଂଘ ସାଧାରଣ ସମ୍ପାଦକ ବିବେକାନନ୍ଦ ସାମଲ୍, କର୍ମଚାରୀ ସଙ୍ଗଠକ ସୁବାସ ଷଡ଼ଙ୍ଗୀ, ଗିରିଜା ଶଙ୍କର ଦାସ, ମନୋରଞ୍ଜନ ଦାସ, ପ୍ରଶାନ୍ତ ନାୟକ, ବିଚିତ୍ରାନନ୍ଦ ଦାସ, ଶ୍ରୀକାନ୍ତ ରାଉତ, ପ୍ରଦୀପ୍ତ ସାମନ୍ତରାୟ, ମନୋରଞ୍ଜନ ମଲ୍ଲିକ, ସନ୍ତୋଷ ଦାଶ, ଅଭୟ ମହାନ୍ତି, ରାମ ମହାନ୍ତି, ଲକ୍ଷ୍ମୀଧର ବେହେରା ପ୍ରମୁଖ ସ୍ୱର୍ଗତ ମହାକୁଡଙ୍କ ତୈଳଚିତ୍ରରେ ପୁଷ୍ପମାଲ୍ୟ ପ୍ରଦାନ ସହ ଦୀପଦାନ କରିଥିଲେ । ଦୁଇ ମିନିଟ୍ ନିରବ ପ୍ରାର୍ଥନା ମାଧ୍ୟମରେ ସ୍ୱର୍ଗତ ନେତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହିତ ତାଙ୍କ ସଂଗ୍ରାମ, ତ୍ୟାଗ ନୂତନ କର୍ମଚାରୀମାନଙ୍କୁ ଦିଗ୍‌ଦର୍ଶନ ଦେବ ବୋଲି ମତବ୍ୟକ୍ତ କରିଥିଲେ ।

# ଆର୍ଯ୍ୟସମାଜ ଆନ୍ଦୋଳନର ମୁଖ୍ୟ ପୃଷ୍ଠପୋଷକ ସ୍ୱାମୀ ଅଗ୍ନିବେଶଙ୍କ ରାଜ୍ୟସ୍ତରୀୟ ଶ୍ରଦ୍ଧାଞ୍ଜଳି ସଭା

ଭୁବନେଶ୍ୱର, (ପିଏନ)- ବିଶିଷ୍ଟ ସାମାଜିକ କାର୍ଯ୍ୟକର୍ତ୍ତା, ଆର୍ଯ୍ୟସମାଜ ଆନ୍ଦୋଳନର ମୁଖ୍ୟ ପୃଷ୍ଠପୋଷକ, ସଂସ୍କାରବାଦୀ ସନ୍ନ୍ୟାସୀ ସ୍ୱାମୀ ଅଗ୍ନିବେଶଙ୍କ ଉଦ୍ଦେଶ୍ୟରେ ଆର୍ଯ୍ୟସମାଜ, ଓଡ଼ିଶା ପକ୍ଷରୁ ଏକ ଶ୍ରଦ୍ଧାଞ୍ଜଳି ସଭା ଜୁମ୍ ଭିଡ଼ିଓ ଯୋଗେ ସଭାପତି ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ପଣ୍ଡିତ ବୀରେନ୍ଦ୍ର କୁମାର ପଣ୍ଡା ବେଦମନ୍ତ୍ର ପାଠ କରିବା ପରେ ଶ୍ରଦ୍ଧାଞ୍ଜଳି ଜଣାଇ ଦିବ୍ୟଜୀବନ ସଂଘର ସନ୍ନ୍ୟାସୀ ସ୍ୱାମୀ ଜଗନ୍ନାଥାନନ୍ଦ ମହାରାଜ କହିଲେ ଯେ, ମହର୍ଷି ଦୟାନନ୍ଦଙ୍କର ସଚ୍ଚା ଶିଷ୍ୟ ଥିଲେ ସ୍ୱାମୀ ଅଗ୍ନିବେଶ, ତାଙ୍କର ସଂଗ୍ରାମ ଥିଲା ସାଲିସ ବିହୀନ । ସେ ପ୍ରକୃତରେ ଥିଲେ ସାମାଜିକ କ୍ରାନ୍ତିର ଜଣେ ବାର୍ତ୍ତାବହ । ବିଶିଷ୍ଟ ଶିକ୍ଷାବିତ୍ ଡଃ ପ୍ରଫେସର ହରେକୃଷ୍ଣ ଶତପଥି କହିଲେ ଯେ, ସ୍ୱାମିଜୀ ଅଗ୍ନିବେଶ ନାମକୁ ସାର୍ଥକ କରିଥିଲେ । ତାଙ୍କର ବକ୍ତବ୍ୟରେ ଅଗ୍ନିସ୍ଫୁଲିଙ୍ଗ ସୃଷ୍ଟି କରୁଥିଲା । ଶିକ୍ଷାବିତ୍ ଡଃ ବଦ୍ରୀନାଥ ପଟ୍ଟନାୟକ ଶ୍ରଦ୍ଧାଞ୍ଜଳି ଜଣାଇ କହିଲେ ଯେ, ସେ ଥିଲେ ଗୋତିଶ୍ରମିକମାନଙ୍କର ତ୍ରାଣକର୍ତ୍ତା । ସମାଜବାଦୀ ପାର୍ଟିର ସଭାପତି ରବି ବେହେରା କହିଲେ ଯେ, ଆମେ ଗର୍ବିତ ଯେ, ସେ ଓଡ଼ିଶାରେ ଜନ୍ମ ହୋଇଥିଲେ । ବରିଷ୍ଠ କଂଗ୍ରେସ ନେତା ଅଧ୍ୟାପକ କୈଳାସ ଆଚାର୍ଯ୍ୟ କହିଲେ ଯେ, ସ୍ୱାମିଜୀ ମରିନାହାଁନ୍ତି, ସ୍ୱାମିଜୀଙ୍କୁ ଗୋଟିଏ ନିର୍ଦ୍ଦିଷ୍ଟ ଦଳର ଗୁଣ୍ଡାମାନେ ମାରିଦେଲେ । ଘାତକମାନେ ସରକାରୀ ପୃଷ୍ଠପୋଷକତାରେ ଏବେବି ବୁଲୁଛନ୍ତି । ଡ଼ି.ଏ.ଭି.ର ବରିଷ୍ଠ କାର୍ଯ୍ୟକର୍ତ୍ତା ଡଃ ହିମାଂଶୁ ମହାନ୍ତି କହିଲେ ଯେ, ଓଡ଼ିଶାର ପ୍ରତ୍ୟେକଟି ସମସ୍ୟା ସହିତ ନିଜକୁ ସାମିଲ୍ କରିଥିଲେ । ସେ ପୋସ୍କୋ ହେଉ ବା ମହାନଦୀ ବଂଚାଓ ହେଉ । ମା'ଘରର ପ୍ରତିଷ୍ଠାତ୍ରୀ ସଭାନେତ୍ରୀ ରତୁପର୍ଣ୍ଣା ମହାନ୍ତି ଶ୍ରଦ୍ଧାଞ୍ଜଳି ଜଣାଇ କହିଲେ ଯେ, ସମାଜର ପଛୁଆବର୍ଗ, ବିଶେଷ ଭାବେ ଶୋଷିତଶ୍ରେଣୀ, ମହିଳାମାନଙ୍କୁ ସମାଜର ଆଗଧାଡ଼ିକୁ ଆଣିବାକୁ ତାଙ୍କର ସଂଗ୍ରାମ ଥିଲା ସାଲିସ ବିହୀନ ।ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ କୁଳପତି ଡଃ ବିମଳେନ୍ଦୁ ମହାନ୍ତି, ମହାବୋଧି ସମିତିର ଟ୍ରଷ୍ଟି ଡଃ ସୌରେନ୍ଦ୍ର ମହାପାତ୍ର, ମହର୍ଷି ଦୟାନନ୍ଦ ମିଶନ ଅଧ୍ୟକ୍ଷ ଡଃ ବିକାଶ ପଣ୍ଡା, ଇଂ ଗୋପିନାଥ ପଟ୍ଟନାୟକ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । କାର୍ଯ୍ୟକ୍ରମକୁ ଡଃ ବଦ୍ରୀନାଥ ପଟ୍ଟନାୟକ ପରିଚାଳନା କରିଥିଲେ । ଶେଷରେ ଯୁବ ଆର୍ଯ୍ୟସମାଜ, ଓଡ଼ିଶାର ଅଧ୍ୟକ୍ଷ ପ୍ରବୀର ଆର୍ଯ୍ୟ ଧନ୍ୟବାଦ ଦେଇଥିଲେ ।

## ବିକ୍ରି ପାଇଁ ଦୋକାନ ରେ ରଖିଥିବା ପେଟ୍ରୋଲରୁ ନିଆଁ ଲାଗି ଦୋକାନ ଧୂଳିସାତ

ମାଲକାନଗିରି, (ପିଏନ)- ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ଅନ୍ତର୍ଗତ ପୋଟ୍ରେଲ ଛକ ଠାରେ ଥିବା ରାଜୁ ପାଙ୍ଗୀଙ୍କ ଦୋକାନରେ ନିଆଁ ଲାଗି ଦୋକାନଟି ସମ୍ପୂର୍ଣ ପୋଡି ଧୂଳିସାତ ହୋଇଯାଇଛି । ଦୋକାନ ରେ ଥିବା ପ୍ରାୟ ୭୦ ହଜାର ଟଙ୍କାର ଦୋକାନ ସାମଗ୍ରୀ ସହିତ ବହୁ ଆସବା ପତ୍ରପୋଡି ପାଉଁଶ ହୋଇଯାଇଛି ।ସ୍ଥାନୀୟ ଲୋକମାନେ ନିଆଁକୁ ଆୟତ କରିବାକୁ ଉଦ୍ୟମ କରିଥିଲେ ହେଲେ ନ ପାରିବାରୁ ଏ ସମ୍ପର୍କରେ କୋରୁକୋଣ୍ଡା ଅଗ୍ନିଶମ ବିଭାଗ କୁ ଖବର ଦେଇଥିଲେ !ଅଗ୍ନିଶମ କର୍ମଚାରୀମାନେ ଘଟଣା ସ୍ଥଳରେ ପହଂଚି ଦୀର୍ଘ ସମୟ ଧରି ସଂଘର୍ଷ କରିବାପରେ ନିଆଁକୁ ଆୟତଉ କରିବାରେ ସଫଳ ହୋଇଥିଲେ ।ମିଳିଥିବା ସୂଚନା ଅନୁଯାୟୀ ଦୋକାନରେ ବିକ୍ରୀ କରିବା ନିମନ୍ତେ ଏକ ପ୍ଲାଷ୍ଟିକ ଜାରକିନ ରେ ପ୍ରାୟ ୬୦ ଲିଟର ପେଟ୍ରୋଲ ରଖିଥିଲେ ତେବେ କୋଣସି କାରଣରୁ ଜାରକିନ ରେ ନିଆଁ ଲାଗିଯାଇଥିଲା । ଫଳରେ ପେଟ୍ରୋଲର ନିଆଁ ଉଗ୍ରରୂପ ନେବା ସହ ସମଗ୍ର ଦୋକାନ କୁ ପୋଡି ଜାଳି ଦେଲା ।ଏହି ଅଗ୍ନିକାଣ୍ଡରେ ଲୋକଙ୍କ କିଛି କ୍ଷତି ହୋଇନାହିଁ । ଜିଲ୍ଲାର ବିଭିନ୍ନ ଅଂଚଳରେ ଅନେକ ପେଟ୍ରୋଲ ଟାଙ୍କି ରହିଛି । ହେଲେବି ଜିଲ୍ଲାର ବିଭିନ୍ନ ଅଂଚଳରେ କିଛି ଅସାଧୁ ବ୍ୟବସାୟୀ ନିଜ ନିଜର ଦୋକାନ ସମ୍ମୁଖରେ ବେଆଇନ ଭାବେ ପେଟ୍ରୋଲ ଓ ଡିଜେଲ ଖୋଲା ଖୋଲି ବିକ୍ରି କରୁଛନ୍ତି । ପୋଲିସ କିମ୍ବା ଜିଲ୍ଲା ଯୋଗାଣ ବିଭାଗର ଅଧିକାରୀ ମାନେ ନିରବ ଦ୍ରଷ୍ଟା ସାଜିଛନ୍ତି । ବେଆଇନ ଭାବେ ପେଟ୍ରୋଲ ଓ ଡିଜେର୍ଲ ବିକୁଥିବା ବ୍ୟବସାୟୀ ମାନଙ୍କ ବିରୁଦ୍ଧରେ କୌଣସି ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବା ଯୋଗୁଁ ଏଭଳି ଅଗ୍ନିକାଣ୍ଡ ଘଟୁଥିବା ଅଂଚଳ ବାସୀ ଅଭିଯୋଗ କରିଛନ୍ତି ।ତେବେ ଯୋଗାଣ ବିଭାଗର ଅଧିକାରୀ ଓ ପୋଲିସ ପ୍ରଶାସନ ପକ୍ଷରୁ ତୁରନ୍ତ ଏ ଦିଗରେ ପଦକ୍ଷେପ ନେବାକୁ ଜିଲ୍ଲାବାସୀ ଦାବୀ କରିଛନ୍ତି !

# ବିଲୀନ ହବାକୁ ବସିଛି ଲିଆଖିଆ ଅଭୟାରଣ୍ୟ

କୋଣାର୍କ,(ପି.ଏନ): ପୁରୀ ଜିଲ୍ଲା ବନଖଣ୍ଡ ବନ୍ୟପ୍ରାଣୀ ର କୋଣାର୍କ ବନାଞ୍ଚଳ ଓ ରାମଚଣ୍ଡୀ ବନପାଳ ଙ୍କ ଅଧୀନରେ ଥିବା ବାଲିକପିଳେଶ୍ୱର ଇଡିସି ଦୀର୍ଘଦିନ ହେଲା ନୂତନ କମିଟି ଗଠନ ନହେବାରୁ ବିନା ମୁରବି ରେ ଚାଲିଛି,ଫଳରେ ଇଡିସି ଅନ୍ତରଭୁକ୍ତ ଜଙ୍ଗଲ ମଧ୍ୟରୁ ବେଧଡକ ଝାଉଁ ଏବଂ ଅନ୍ୟାନ ମୂଲ୍ୟବାନ କାଠ କଟାଯାଉଛି, ଯିଏ ଯେମିତି ପାରୁଛନ୍ତି ସେମାନେ ବିଭିନ୍ନ ଅନୁଷ୍ଠାନ ଆଳରେ ଗଛ କାଟି ଜଙ୍ଗଲ ପଦା କରିସାରିଲେଣି । ବାଲିକପିଳେଶ୍ୱର ଇଡିସି ରେ ପଦ ପଦବୀ ରେ ଥିବା କିଛି ପୂର୍ବତନ ସଭ୍ୟ ପଦ ଛାଡିବାକୁ ନାରାଜ, ସେମାନେ ଏହାକୁ ଏକ ରୋଜଗାର ର ମାଧ୍ୟମ ବୋଲି ଧରି ନେଇଛନ୍ତି, ସେମାଙ୍କର ମନମୁଖୀ କାର୍ଯ୍ୟ ଯୋଗୁ ବାଙ୍ଗର ମୌଜା ର ଲିଆଖିଆ, ବାଙ୍ଗର ଏବଂ କାହ୍ନପୁର ଅଲଗା ହେବା ନିମନ୍ତେ ଉଚ୍ଚ ନ୍ୟାୟଳୟ ର ଦ୍ୱାରସ୍ଥ ହୋଇ ଆଇନ ପ୍ରକିୟା ରେ ୨୦୧୭ମସିହାରୁ ଲଢେଇ ଜାରି ରଖିଛନ୍ତି, ସୂତନ ମୌଜା ର ଅଧିକାଂଶ ଗ୍ରାମ ର ବ୍ୟକ୍ତିମାନେ କୋଣାର୍କ ରେଞ୍ଜର ଏବଂ ପୁରୀ ଡିଫ ଓ ଙ୍କୁ ପୃଥକ ହେବା ପାଇଁ ଅଭିଯୋଗ କରିଛନ୍ତି, ନିକଟରେ ଗତ ତା ୮/୦୧/୨୦୨୫ ରିଖ ରେ ସବୁଠାରୁ ବଡ ମୌଜା ଖାଲକଟା ର ଅଧିବାସୀ ମାନେ ବାଲିକପିଳେଶ୍ୱର ଇଡିସି ରୁ ଅଲଗା ହେବା ନିମନ୍ତେ ଏକ ଅଭିଯୋଗ କୋଣାର୍କ ରେଞ୍ଜର ଏବଂ ପୁରୀ ବନଖଣ୍ଡ ଅଧିକାରୀ ଙ୍କୁ ଦେଇଛନ୍ତି । ସେମାନେ ତାଙ୍କ ଅଭିଯୋଗ ରେ ଅନେକ ସଂଗୀନ ଅଭିଯୋଗ ଆଣିଛନ୍ତି, ଯଥା - ବାଲିକପିଳେଶ୍ୱର ଇଡିସି ସଠିକ ନୀତି ନିୟମ ଅନୁସାରେ ଗଢ଼ା ଯାଇନାହିଁ, ଜଙ୍ଗଲ ସହିତ ଅନେକ ଗ୍ରାମ ଗୁଡିକ ସମ୍ପର୍କ ନଥିବା ସ୍ୱତେ ସେମାନଙ୍କୁ ଏଥିରେ ସାମିଲ କରାଯାଇଛି, ଯୌଥ ଜଙ୍ଗଲ ଆଇନ ୨୦୧୧ ଅନୁଯାୟୀ ଏହା ସମ୍ପୂର୍ଣ ବେଆଇନ ଅଟେ, ବାଲିକପିଳେଶ୍ୱର ଇଡିସି ରେ କେତେ ଜଣ ସଦସ୍ୟ ଅଛନ୍ତି ଆଜି ଯାଏଁ କାହାକୁ ବି ଜଣା ନାହିଁ, ମହିଳା ସଦସ୍ୟ ମାନେ କିଏ କିଏ ଆଜି ଯାଏଁ କାହାକୁ ବି ଜଣା ନାହିଁ, କେଉଁ ଗ୍ରାମ ର କେତେ ଜଣ ମେମ୍ବର ଅଛନ୍ତି ଓ ସେମାନଙ୍କର କାର୍ଯ୍ୟ କଣ କେହି ବି ଜାଣି ନାହାନ୍ତି, ଏଠି ବିନା ନିର୍ବାଚନ ରେ କାର୍ଯ୍ୟ କାରି ମେମ୍ବର ଏବଂ ସଭାପତି ଗଠନ କରାଯାଏ, ବାଲିକପିଳେଶ୍ୱର ଇଡିସି ର ଆୟ ବେୟ କାହାକୁ ବି ଜଣା ନାହିଁ ବୋଲି ସାଧାରଣ ରେ ଆଲୋଚନା ଚାଲିଛି !ଏଣୁ ବିଭାଗୀୟ ଅଧିକାରୀ ମାନେ ଏହାକୁ ଗୁରୁତର ସହ ନେଇ ସାଧାରଣ ଜନ ସାଧାରଣ ଙ୍କୁ ନ୍ୟାୟ ଦେବେ ବୋଲି ବୁଦ୍ଧିଜୀବୀ ମାନେ ଆସ୍ଥା ପ୍ରକଟ କରିଛନ୍ତି ।




# ପ୍ରଚାରରେ ସୀମିତ ବସ୍ତିର ବିକାଶ, ବାସ୍ତବ ଚିତ୍ର କିନ୍ତୁ ଭିନ୍ନ



ରାଉରକେଲା (ପିଏନ୍): ବସ୍ତିରେ ପାଇପ୍ ଜଳ ଯୋଗାଣ ପାଇଁ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦୀର୍ଘଦିନ ହେଲା ପାଇପ୍ ବିଛାଯାଇଛି । ମାତ୍ର କେଉଁଠି ପାଣି ଆସୁଛି ତ ଆଉ କେଉଁଠି ପାଣି ଆଦୌ ଆସୁନାହିଁ । ଯେଉଁଠାରେ ପାଣି ଆସୁଛି ସେଠାରେ କେବେ ୨୦/୨୫ ମିନିଟ୍ ପାଇଁ ଆସୁଛି ତ ଆଉ କେବେ ୫/୧୦ ମିନିଟ୍ ପାଇଁ ଆସୁଛି । ପାଇପ୍ ଜଳ ଯୋଗାଣରେ ଏଭଳି ଅବ୍ୟବସ୍ଥା ରାଉରକେଲା ମହାନଗର ନିଗମ ଅ˚ର୍ଗତ ୧୧ ନମ୍ବର ୱାର୍ଡର ମଧୁସୂଦନପାଲ୍ଲୀ, ବିବେକାନନ୍ଦ ବସ୍ତି ଓ ଫିଲ୍ଟର ହାଉସ୍ ବସ୍ତିରେ ଲାଗି ରହିଛି ବୋଲି କଂଗ୍ରେସର ପ୍ରାକ୍ତନ ବିଧାୟକ ପ୍ରାର୍ଥୀ ବିରେନ ସେନାପତି ଅଭିଯୋଗ କରିଛନ୍ତି । ଶ୍ରୀ ସେନାପତି ଉକ୍ତ ଅଞ୍ଚଳ ପରିକ୍ରମା ସମୟରେ ବସ୍ତିବାସିନ୍ଦାମାନଙ୍କୁ ସାକ୍ଷାତ କରି ବସ୍ତିର ଅଭାବ ଅସୁବିଧା ସମ୍ପର୍କରେ ପଚାରି ବୁଝିଥିଲେ । ତେବେ ଜଳ ଯୋଗାଣରେ ଅବ୍ୟବସ୍ଥା ନେଇ ସମ୍ପୃକ୍ତ ବସ୍ତିର ବାସିନ୍ଦାମାନେ ତୀବ୍ର ଅସ˚ୋଷ ପ୍ରକାଶ କରିଥିବା ବେଳେ ମହାନଗର ନିଗମ ତରଫରୁ ନାଳିଗୁଡିକ ନିୟମିତ ବ୍ୟବଧାନରେ ସଫା ହେଉନଥିବାରୁ ବସ୍ତିରେ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଛି ବୋଲି କହିଥିଲେ । ବିବେକାନନ୍ଦ ବସ୍ତିରେ ମହାନଗର ନିଗମ ତରଫରୁ କରାଯାଇଥିବା ଗୋଷ୍ଠୀ ଶୌଚାଳୟ ସଠିକ୍ ଭାବରେ ରକ୍ଷଣାବେକ୍ଷଣ ଓ ସଫେଇ ହେଉନଥିବାରୁ ଉକ୍ତ ଅଞ୍ଚଳରେ ପ୍ରବଳ ଦୁର୍ଗନ୍ଧ ସୃଷ୍ଟି ସହ ପରିବେଶକୁ ପ୍ରଦୂଷିତ କରୁଛି । ଏହି ଶୌଚାଳୟ ନିକଟରେ ଅବସ୍ଥିତ ଅଙ୍ଗନବାଡି କେନ୍ଦ୍ରର ଶିଶୁମାନେ ଏହି ଦୁର୍ଗନ୍ଧ ଦ୍ୱାରା ବିଶେଷ ପ୍ରଭାବିତ ହେଉଛନ୍ତି । ଅଙ୍ଗନବାଡି କେନ୍ଦ୍ର ଗୃହର ମଧ ଆବଶ୍ୟକୀୟ ମରାମତି ହେଉନଥିବାରୁ ଏହାର ଚଟାଣ ସବୁ ଭାଙ୍ଗିରୁଜି ଯାଇଥିବା ଦେଖିବାକୁ ମିଳୁଛି । ଶୌଚାଳୟ ନିକଟରେ ନିର୍ମିତ ସୁବିଧା କେନ୍ଦ୍ର ଏହି ଦୁର୍ଗନ୍ଧ ଯୋଗୁ ବ୍ୟବହାର ହୋଇପାରୁ ନାହିଁ । ବିବେକାନନ୍ଦ ବସ୍ତିରେ ନିର୍ମିତ ନାଳି ମଧ ଠିକ୍ ଭାବେ ସଫା କରାଯାଉନଥିବା ବେଳେ ନାଳି ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇନାହିଁ । ସେହିପରି ଫିଲ୍ଟର ହାଉସ୍ ବସ୍ତିରେ ମଧ କଂକ୍ରିଟ୍ ନାଳି ନିର୍ମାଣର ଆବଶ୍ୟକତା ଥିବାବେଳେ ମଧୁସୂଦନପାଲ୍ଲୀର ମୁଖ୍ୟରାସ୍ତାର ଗୋଟିଏ ପାର୍ଶ୍ୱରେ କଂକ୍ରିଟ୍ ନାଳି ନିର୍ମାଣ କରାଯାଇ ଅପରପାର୍ଶ୍ୱରେ ନାଳି ନିର୍ମାଣ ନ କରି ଛାଡି ଦିଆଯାଇଛି । ମଧୁସୂଦନପାଲ୍ଲୀର ଗଙ୍ଗାରାମ ବସ୍ତିରେ ଏକ ଗୋଷ୍ଠୀ ଶୌଚାଳୟ ନଥିବା ଏବଂ ବସ୍ତିର ଗରିବ ଶ୍ରେଣୀର ବାସିନ୍ଦାମାନେ ସ୍ୱଚ୍ଛ ଭାରତ ଅଭିଯାନ ଅ˚ର୍ଗତ କାର୍ଯ୍ୟକ୍ରମରେ ବ୍ୟକ୍ତି ପାଇଖାନା ପାଇବାକୁ ସମର୍ଥ ହୋଇନଥିବାରୁ ଖୋଲା ପଡିଆରେ ଶୌଚ କରିବାକୁ ବାଧ ହେଉଛନ୍ତି । ଅନୁରୂପ ଭାବେ ଉପରୋକ୍ତ ବସ୍ତି ଅଞ୍ଚଳରେ ଅନେକ ବୃଦ୍ଧବୃଦ୍ଧା ଏ ପର୍ଯ୍ୟନ୍ତ ବାର୍ଦ୍ଧକ୍ୟ ଭତ୍ତା ପାଇନଥିବା ବେଳେ ଯେଉଁମାନେ ଭତ୍ତା ପାଉଥିଲେ ସେମାନଙ୍କ ମଧ୍ୟରୁ କେତେକଙ୍କର ଭତ୍ତା ବନ୍ଦ ହୋଇଯାଇଥିବା ପ୍ରକାଶ କରିଥିଲେ । ଅନୁରୂପ ଭାବେ ରାସନ କାର୍ଡ ମଧ ଅନେକ ଯୋଗ୍ୟ ବିବେଚିତ ଗରିବ ଲୋକ ପାଇନଥିବା ବେଳେ ଯେଉଁମାନେ ରାସନ କାର୍ଡ ପାଇଛନ୍ତି ସେମାନଙ୍କର କାର୍ଡ ମଧ ବିଭିନ୍ନ ସମୟରେ ଅଚଳ ହେବା ସହିତ କାର୍ଡରୁ ସଦସ୍ୟଙ୍କ ସଂଖ୍ୟା କଟି ଯାଇଥିବା ଅଭିଯୋଗ କରିଥିଲେ । ତେବେ ଉପରୋକ୍ତ ସମସ୍ୟାଗୁଡିକ ସମ୍ପର୍କରେ ଶ୍ରୀ ସେନାପତି ବସ୍ତିବାସୀଙ୍କ ଠାରୁ ଅବଗତ ହୋଇ ଏସବୁକୁ ବିଭାଗୀୟ ଅଧିକାରୀ ନିକଟରେ ଉପସ୍ଥାପନ କରିବେ ବୋଲି କହିଥିଲେ । ମହାନଗର ନିଗମ କର୍ତ୍ତୃପକ୍ଷ, ରାଜ୍ୟ ସରକାର ତଥା ସ୍ଥାନୀୟ ଶାସକ ଦଳର ନିର୍ବାଚିତ ଜନପ୍ରତିନିଧି ବସ୍ତି ବିକାଶକୁ ନେଇ ବଡ ବଡ ପ୍ରଚାର କରୁଥିଲେ ହେଁ ବାସ୍ତବ ଚିତ୍ର ଉପରୋକ୍ତ ବସ୍ତିଗୁଡିକୁ ଦେଖିଲେ ସ୍ପଷ୍ଟ ବୁଝାପଡୁଛି ବୋଲି ଶ୍ରୀ ସେନାପତି କହିଛନ୍ତି । ଏହି ପରିକ୍ରମା କାର୍ଯ୍ୟକ୍ରମରେ ପିସିସି ସଭ୍ୟ ସବୀର ହୁସେନ, ସାମାଜିକ ଗଣମାଧମର ସୁଧୀର ନାଥ, ସମ୍ପୃକ୍ତ ଅଞ୍ଚଳର ବରିଷ୍ଠ କଂଗ୍ରେସ ନେତା ମୋତିଲାଲ ସାହୁ, ଏସ୍.ଏନ୍. କ୍ରିଷ୍ଣା, ଯୁବନେତା ଅନୀଲ ଦାସ, ସେକ୍ ସମିର, ରଷି ସାହୁ ପ୍ରମୁଖ ସାମିଲ୍ ହୋଇ ସମସ୍ତ ବସ୍ତି ଅଞ୍ଚଳ ବୁଲି ଦେଖିଥିଲେ ବୋଲି ଦଳ ତରଫରୁ ଏକ ପ୍ରେସ୍ ବିବୃତିରେ କୁହାଯାଇଛି ।

# ସୌମ୍ୟ ସ୍ୱରୂପ ନାୟକଙ୍କ ପ୍ରଥମ ହିନ୍ଦୀ କାବ୍ୟ ସଂକଳନ ବାଇସ୍କୋପର ଲୋକାର୍ପଣ ଉତ୍ସବ ଅନୁଷ୍ଠିତ

ଖୋର୍ଦ୍ଧା (ପିଏନ୍): ତରୁଣ କବି ସୌମ୍ୟ ସ୍ୱରୂପ ନାୟକଙ୍କ ପ୍ରଥମ ହିନ୍ଦୀ କାବ୍ୟ ସଂକଳନ ବାଇସ୍କୋପ ପୁସ୍ତକର ଲୋକାର୍ପଣ ହୋଇଛି। ପକ୍ଷୀଘର ପ୍ରକାଶନି ତରଫରୁ ପ୍ରକାଶିତ ଏହି ବାଇସ୍କୋପର ଲୋକାର୍ପଣ ଉତ୍ସବ ଏକ ବର୍ଣ୍ଣାଢ୍ୟ ସାହିତ୍ୟ ପରିବେଶରେ ଆୟୋଜିତ ହୋଇଥିଲା। ଏଥିପାଇଁ ମଂଚରେ ସୌମ୍ୟ ସ୍ୱରୂପଙ୍କ ସହିତ ଅତିଥି ଭାବରେ କେନ୍ଦ୍ର ସାହିତ୍ୟ ଏକାଡ଼େମୀ ପୁରସ୍କାର ପ୍ରାପ୍ତ ଅନୁବାଦକ ତଥା ବିଶିଷ୍ଟ କବି ଅମରେଶ ପଟ୍ଟନାୟକ ଓ ସଂଗ୍ରାମ ଜେନା ପକ୍ଷୀଘର ପ୍ରକାଶକ ବନୋଜ ତ୍ରିପାଠୀ ଓଡ଼ିଆ ସିନେ ସମୀକ୍ଷକ ସୂର୍ଯ୍ୟୋଦେୟ ଉପସ୍ଥିତ ଥିଲେ। ସୌମ୍ୟସ୍ୱରୂପ ନିଜ ଲେକକୀୟ ଅଭିଭାଷଣରେ କହିଥିଲେ ଯେ, ଏହି କାବ୍ୟ ସଂକଳନ ମାଧମରେ ତାଙ୍କ ଭିତରେ ଥିବା ବାଇସ୍କୋପରେ ସେ ନିଜ ଜୀବନର ଓ ସମାଜର ବିଭିନ୍ନ ଦିଗକୁ ଦେଖିବାକୁ ଚେଷ୍ଟା କରିଛନ୍ତି। ପକ୍ଷୀଘର ପ୍ରକାଶକ ବନୋଜ ତ୍ରିପାଠୀ ଏହି କବିତା ପ୍ରକାଶନର ଯାତ୍ରା ସହିତ ନିଜ ଅଭିବ୍ୟକ୍ତିରେ କହିଥିଲେ ଯେ, ଏତେ କମ୍ ବୟସରେ ଜାତୀୟସ୍ତର ପାଇଁ ସୌମ୍ୟ ସ୍ୱରୂପ ନାୟକଙ୍କ କୃତି ପ୍ରଶଂସନୀୟ। ସିନେ ସମୀକ୍ଷକ ସୂର୍ଯ୍ୟଦେୟ ବାଇସ୍କୋପର କେତୋଟି କବିତା ସମୀକ୍ଷା କରି କହିଥିଲେ ଯେ, କବିତାର ପ୍ରତ୍ୟେକଟି ଧାଡ଼ି ଭିତରେ କେବଳ ପ୍ରେମ ଆଉ ଆଦର୍ଶ ନାହିଁ। କିଛି ଅନ୍ତସ୍ୱର ବି ରହିଛି। ବିଶେଷ ଅତିଥି ଅମରେଶ ପଟ୍ଟନାୟକ ତାଙ୍କ ଅଭିଭାଷଣରେ କହିଥିଲେ ଆଜିକାଲି ଦୁନିଆରେ କବି ଓ ଲେଖକମାନଙ୍କ ପାଇଁ ଦାୟିତ୍ୱ ସୃଷ୍ଟି ହେଉଛି ଗୋଟେ ବଡ଼ ସଂଘର୍ଷ। ଏହି ସଂଘର୍ଷକୁ ଜାରି ରଖି ଜୀବନକୁ ଆଗେଇ ନେବା ପାଇଁ ସେ ସୌମ୍ୟ ସ୍ୱରୂପଙ୍କୁ ଆହ୍ୱାନ ଦେଇଥିଲେ। ଏହି ଲୋକର୍ପଣ ଉତ୍ସବରେ ସୌମ୍ୟ ସ୍ୱରୂପ ନାକକଙ୍କ ଦୁଇଟି ବିଶେଷ ହୀନ୍ଦି କବିତା କାଲା ଓ ତୁମ୍ ହି ଜନ୍ମମତ୍ ହୋ। ମୋହନ ମଝିଠିଆ ତାଙ୍କର ଗୁରୁ ଗମ୍ଭୀର ସ୍ୱରରେ ଆବୃତି କରି ଶୁଣାଇଥିଲେ। ଏମାନଙ୍କ ବ୍ୟତୀତ ଓଡ଼ିଶାର ବିଶିଷ୍ଟ କବି, ଲେଖକ, ସମାଲୋଚକ, ଅମୀୟ ମହାପାତ୍ର, ସୁରେଶ ନାୟକ, ପ୍ରଶସ୍ନ ସ୍ୱାଇଁ, ଦୀପ୍ତି ଦାଶ, ଅଜୟ ମହାପାତ୍ର, ମୋହିତ ଚକ୍ରବର୍ତୀ, ଜ୍ଞାନ ହୋତା, ଜ୍ଞାନୀ ଦେବାଶିଷ, ଶରତ ନାୟକ ପ୍ରମୁଖ କବିମାନେ ଉପସ୍ଥିତ ରହି ତାଙ୍କ ଅଭିଭାଷଣରେ ମୌମ୍ୟ ସ୍ୱରୂପ ନାୟକଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଶେଷରେ ସୌମ୍ୟ ସ୍ୱରୂପ ନାକୟଙ୍କ ବାପା ଓଡ଼ିଆ ସିନେମା ଜଗତର ଗୀତିକାର ତଥା ସଂଳାପ ଲୋଖକ ଡ଼. ନିର୍ମଳ ନାୟକ ନିମନ୍ତ୍ରିତ ଅତିଥିଙ୍କ ସହିତ ଉପସ୍ଥିତ ଥିବା ମିଡ଼ିଆ ବନ୍ଧୁମାନଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ ଓ ଏହି କାବ୍ୟ ସଂକଳନ କିଛି ପୁସ୍ତକାଳୟ ସହିତ ଅନ୍‌ଲାଇନ୍ ସପିଂ ସାଇଟ୍ ଆମାଜନରେ ଉପଲବ୍ଧ ବୋଲି ସୂଚନା ଦେଇଥିଲେ। ଏହାକୁ ପଢି ମତାମତ ଦେବା ପାଇଁ ଅନୁରୋଧ କରିଥିଲେ।

# ସାନଖେମୁଣ୍ଡିରେ ଜାତୀୟ ପ୍ରେସ ଦିବସ ଧୁମଧାମରେ ପାଳିତ

ସାନଖେମୁଣ୍ଡି (ପିଏନ୍)-ନଭେମ୍ବର ୧୬ ଜାତୀୟ ଗଣମାଧମ ଦିବସ ପାଳନ ଅବସରରେ ଗଞ୍ଜାମ ଜିଲ୍ଲା ସାନଖେମୁଣ୍ଡି ଠାରେ ପ୍ରେସ କ୍ଲବ୍ ପକ୍ଷରୁ ଏକ ଆଲୋଚନା ଚକ୍ରର ଆୟୋଜନ ସହ ଆମନ୍ତ୍ରିତ ଅଞ୍ଚଳ ଜନପ୍ରତିନିଧି, ପ୍ରଶାସନିକ ଅଧିକାରୀ ଏବଂ ବରିଷ୍ଠ ବୁଦ୍ଧିଜୀବୀଙ୍କ ମିଳିତ ସମାବେଶର ଆୟୋଜନ ହୋଇଥିଲା। ବରିଷ୍ଠ ସାମ୍ବାଦିକ ସନ୍ତୋଷ କୁମାର ଦାଶଙ୍କ ଆବାହକତ୍ୱରେ ଆୟୋଜିତ ଆଜିର ପ୍ରେସ ଦିବସର ଅନୁଚିନ୍ତା ଏବଂ ସାମ୍ବାଦିକଙ୍କ ସମସ୍ୟା ଓ ସାମାଜିକ ସୁରକ୍ଷାକୁ ନେଇ କରାଯାଇଥିବା ଆଲୋଚନା ଚକ୍ରରେ ମୁଖ୍ୟ ଅତିଥି ଭାବେ ବର୍ଷୀୟାନ ସାମ୍ବାଦିକ, କ୍ଷୁଦ୍ର ଓ ମଧ୍ୟମ ବର୍ଗ ସମ୍ବାଦପତ୍ର ସଂଘ ସଭାପତି ତଥା ସାପ୍ତାହିକ ଓଡ଼ିଆ ସମ୍ବାଦପତ୍ର 'ନବୀନ' ର ସମ୍ପାଦକ ରବି ରଥ ପ୍ରଦୀପ ପ୍ରଜ୍ୱଳନ ଏବଂ ପୁଷ୍ପମାଲ୍ୟ ଅର୍ପଣ କରି ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ 'ପରିବର୍ତ୍ତନ' ଖବର କାଗଜ ସମ୍ପାଦକ ରମାକାନ୍ତ ପରିଜା ଏବଂ ଜଗତସିଂହପୁର ଜିଲ୍ଲାର ବିଶିଷ୍ଟ ସମାଜସେବୀ ଅଜୟ କୁମାର ଦାସ ଯୋଗଦେଇ ସାଂପ୍ରତିକ ସମୟର ଗଣତାନ୍ତ୍ରିକ ଚତୁର୍ଥ ସ୍ତମ୍ଭ ଗଣମାଧମର ବିକଳ ଚିତ୍ରରେ ପ୍ରତିନିଧିଙ୍କ ଭୂମିକାକୁ ନେଇ ନିଜ ନିଜ ଓଜସ୍ୱିନୀ ଅଭିବ୍ୟକ୍ତି ରଖିଥିଲେ। ସରକାର ଏବଂ ଜନସାଧାରଣଙ୍କ ମଧ୍ୟରେ ଥିବା ଦୂରତାକୁ ଲାଘବ କରିବାକୁ ଥିବା ଗଣମାଧମଗୁଡ଼ିକ ସମ୍ପ୍ରତି ସରକାରୀ ଭାଟ ସାଜୁଥିବା କାରଣରୁ ସମ୍ବାଦପତ୍ର କ୍ଷେତ୍ରକୁ ଶିଳ୍ପରେ ପରିଣତ କରି କର୍ପୋରେଟଙ୍କୁ ସ୍ୱାଗତ କରିବା ଆଗାମୀ ଦିନର ଗଣତାନ୍ତ୍ରିକ ସାମାଜିକ ବ୍ୟବସ୍ଥାରେ ବିକଟ ଚିତ୍ର ପ୍ରଦାନ କରିବା ନେଇ ନିଜ ନିଜର ମତବ୍ୟକ୍ତ କରିଥିଲେ। ପ୍ରଶାସନିକ ଓ ରାଜନୈତିକ ଦଳର ବ୍ୟକ୍ତିବିଶେଷଙ୍କ ମାଲିକାନାରେ ଥିବା ପ୍ରମୁଖ ସମ୍ବାଦପତ୍ର ନିଜର ସ୍ୱାର୍ଥ ହାସଲ ପାଇଁ ଗଣମାଧମକୁ ଉପଯୋଗ କରୁଥିବାରୁ ଚତୁର୍ଥ ସ୍ତମ୍ଭ କଳୁଷିତ ହେବା ସହ ସାମ୍ବାଦିକଙ୍କ ସମସ୍ୟା ଓ ସାମାଜିକ ସୁରକ୍ଷାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଅତଏବ ଏହି ସମସ୍ୟାର ସମାଧାନ ନେଇ ସଂଘୀୟ ବ୍ୟବସ୍ଥାର ବିକଳ୍ପ ରାସ୍ତା ଆପଣାଇବାକୁ ବର୍ଷୀୟାନ ସାମ୍ବାଦିକ ରବି ରଥ ଉପସ୍ଥିତ ଗଣମାଧମ ପ୍ରତିନିଧିଙ୍କୁ ଆହ୍ୱାନ ଦେଇଥିଲେ। ସମାଜର ସର୍ବନିମ୍ନ ବର୍ଗଙ୍କଠାରେ ଥିବା ସମସ୍ୟାର ସମାଧାନ ଦିଗରେ ସାମ୍ବାଦିକଙ୍କ ଭୂମିକା ରହୁଥିବାରୁ କର୍ମଜୀବୀ ସାମ୍ବାଦିକ ହିସାବରେ ଏହି ବର୍ଗଙ୍କ ହିତରେ ସର୍ବଦା କାମ କରିବାକୁ ପରାମର୍ଶ ପ୍ରଦାନ କରିଥିଲେ। ଅନ୍ୟ କ୍ରମରେ ପ୍ରେସ କ୍ଲବ ଦ୍ୱାରା ଆହୂତ ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟକ୍ରମ ତଥା ସ୍ଥାନୀୟ ପ୍ରଶାସନିକ ଅଧିକାରୀଙ୍କ ସହ ଅଞ୍ଚଳ ବୁଦ୍ଧିଜୀବୀ ଜନପ୍ରତିନିଧିଙ୍କ ମିଳିତ ସମାବେଶରେ ମୁଖ୍ୟ ଅତିଥି ଭାବେ ସାନଖେମୁଣ୍ଡି ବ୍ଲକ ଅଧକ୍ଷ ସିମାଞ୍ଚଳ ପାତ୍ର ପୌରୋହିତ୍ୟ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଗାୟତ୍ରୀ ଦତ୍ତ ନାୟକ, ତହସିଲଦାର ଡଃ ଶ୍ରୀନିବାସ ବେହେରା, ମୁଖ୍ୟ ବକ୍ତା ଭାବେ ପାଟପୁର ଥାନା ଭରପ୍ରାପ୍ତ ଅଧିକାରୀ ସବ୍ୟସାଚୀ ମଲ୍ଲ ମଞ୍ଚାସୀନ ରହି ଉପସ୍ଥିତ ବୁଦ୍ଧିଜୀବୀ ଜନ ପ୍ରତିନିଧି ଏବଂ ଗଣମାଧମ ପ୍ରତିନିଧିଙ୍କ ସମନ୍ୱୟକୁ ଗୁରୁତ୍ୱାରୋପ କରିଥିଲେ। ପ୍ରଶାସନ ସହ ଜନପ୍ରତିନିଧିଙ୍କ ମୌଳିକ ସମସ୍ୟାର ସମାଧାନ କ୍ଷେତ୍ରରେ ଗଣମାଧମର ସମୟ ଉପଯୋଗୀ ଖବର ପ୍ରସାରଣ ଗୁରୁତ୍ୱ ରଖିଥିବାରୁ ପ୍ରକୃଷ୍ଟ ତଥ୍ୟ ଭିତ୍ତିକ ଖବର ପ୍ରସାରଣର ମହତ୍ତ୍ୱକୁ ଅବତାରଣା କରିଥିଲେ। ନିମନ୍ତ୍ରିତ ଅତିଥି ଭାବେ ଜିଲ୍ଲା ଲୋକକଳା କଳାକାର ସଂଘ ସଭାପତି ତଥା ବରିଷ୍ଠ ଲୋକକଳା କଳାକାର ସନ୍ତୋଷ କୁମାର ପାଢ଼ୀ ନିଜ ବକ୍ତବ୍ୟରେ ପ୍ରେସ କ୍ଲବ ସଦସ୍ୟଙ୍କ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମର ମହତ ଉଦ୍ଦେଶ୍ୟକୁ ନେଇ ସାଧୁବାଦ ପ୍ରଦାନ କରିଥିଲେ। ଉପାଧକ୍ଷ ପ୍ରତିନିଧି ସଞ୍ଜୟ କୁମାର ନାହାକ, ଜିଲ୍ଲା ପରିଷଦ ସଭ୍ୟ ବିଜୟ ପ୍ରଧାନ, ଅମିନ ପ୍ରଧାନ, ଶଙ୍କର୍ଷଣ ସ୍ୱାଇଁ, ରାଜୀବ ପାତ୍ର ପ୍ରମୁଖଙ୍କ ସହ ବହୁ ସରପଞ୍ଚ , ସମିତି ସଭ୍ୟଙ୍କ ସହ ଶତାଧିକ ଅଞ୍ଚଳ ବୁଦ୍ଧିଜୀବୀ ଉପସ୍ଥିତ ରହି ଆୟୋଜିତ ଆଜିର କାର୍ଯ୍ୟକ୍ରମକୁ ସଫଳ କରାଇଥିଲେ। ପ୍ରେସ କ୍ଲବ ସାନଖେମୁଣ୍ଡି ପକ୍ଷରୁ ବରିଷ୍ଠ ସାମ୍ବାଦିକ ସନ୍ତୋଷ କୁମାର ଦାଶଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସାମ୍ବାଦିକ ପଦ୍ମଲୋଚନ ପାଣିଗ୍ରାହୀ, ବିଜୟ କୁମାର ପ୍ରଧାନ, ପ୍ରଫୁଲ୍ଲ ସାବତ, ଅଶୋକ କୁମାର ସାହୁ, ଆରତ କୁମାର ହୋତା, ଶିବ ଶଙ୍କର ସ୍ୱାଇଁ, ରଘୁନାଥ ନାୟକ ପ୍ରମୁଖ ଅଂଶଗ୍ରହଣ ସହ ପରିଚାଳନା କରିଥିଲେ।

# ନୌବାଣିଜ୍ୟର ସ୍ୱତନ୍ତ୍ର ସ୍ୱାକ୍ଷର ବହନ କରେ କେନ୍ଦ୍ରାପଡା



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ବାଲିଯାତ୍ରା ମହୋତ୍ସବର ଚତୁର୍ଥ ସାଂସ୍କୃତିକ ସନ୍ଧ୍ୟାରେ ମହୋତ୍ସବ କମିଟିର ସଭାପତି ଆଇନଜୀବୀ ପ୍ରଦୀପ କୁମାର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ରାପଡା ଉପଜିଲ୍ଲାପାଳ ନିରଞ୍ଜନ ବେହେରା ଯୋଗଦେଇ କହିଥିଲେ ଯେ ନୌବାଣିଜ୍ୟର ସ୍ୱତନ୍ତ୍ର ସ୍ୱାକ୍ଷର ବହନ କରେ କେନ୍ଦ୍ରାପଡା। ନୌବାଣିଜ୍ୟର ପରମ୍ପରା ହୁକିଟୋଲା ଲାଇଟ ହାଉସ ଜାଗ୍ରତ ସ୍ୱାକ୍ଷର ଭାବରେ ବର୍ଷ ବର୍ଷ ଧରି ରହିଆସିଛି। କେନ୍ଦ୍ରାପଡା ବାଲିଯାତ୍ରା ଭବିଷ୍ୟତର ପ୍ରତିଭାଧରମାନଙ୍କୁ ଉନ୍ମୋଚନ କରିବାରେ ସହାୟକ ହେବ। କମିଟି ସଂପାଦକ ତଥା ସରକାରୀ ଓକିଲ ସଂଜୟ କୁମାର ଜେନା ଜିଲ୍ଲା ପ୍ରଶାସନର ଅକୁଣ୍ଠିତ ସାହାଯ୍ୟ ଓ ସହଯୋଗ ପାଇଁ କୃତଜ୍ଞତା ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମହାକାଳପଡା ଅତିରିକ୍ତ ତହସିଲଦାର ପ୍ରଭଞ୍ଜନ ମିଶ୍ର ଯୋଗଦେଇ ବାଲିଯାତ୍ରାର ସଫଳତା କାମନା କରିଥିଲେ। ଏହି କାର୍ଯ୍ୟକ୍ରମକୁ ପତ୍ରିକା ସଂପାଦକ ଶୁଭ୍ରାଂଶୁ କୁମାର ଦାସ, କୋଷାଧକ୍ଷ ମନୋରଞ୍ଜନ ତ୍ରିପାଠୀ, ଉପସଭାପତି ଧିରେନ୍ଦ୍ର କୁମାର ଦାସ, ସହ ସଂପାଦକ କିଶୋର ଚନ୍ଦ୍ର ପ୍ରଧାନ, ଶ୍ରୀଧର ମହାନ୍ତି, ସତ୍ୟବ୍ରତ ସିଂ, କବି କରୁଣାକର ଦାସ, ଅକ୍ଷୟପ୍ରିୟ ଦାସ, ଗଗନ ବିହାରୀ ଜେନା, ଟୁଟୁ ଗେରୁ, ଗବେଷକ ନିରଞ୍ଜନ ମେକାପ, ରମଣୀରଞ୍ଜନ ରାଉତରୟ, ବିକ୍ରମ କେଶରୀ ରାଉତରାୟ, ରାଜୁ କୁବେର, ଶ୍ରୀଧର ଭୋଳ, ପ୍ରଦୀପ ବିହାରୀ, ସେକ ମତ୍ତୁ, ସେକ ଅଜିମୁଦ୍ଦିନ, ପଂଚାନନ ଦାସ, ମହେନ୍ଦ୍ର ଆଚାର୍ଯ୍ୟ ପ୍ରମୁଖ ପରିଚାଳନା କରିଥିଲେ। ଗୋକୁଳଚନ୍ଦ୍ର ସଙ୍ଗୀତ ସଦନ ପକ୍ଷରୁ ନୃତ୍ୟ, ମା ଚିଲିକାରାଣୀ ପାଇକ ଆଖଡା, ଖୋର୍ଦ୍ଧା ସମେତ ମେଲୋଡି ପ୍ରଭୃତି କାର୍ଯ୍ୟକ୍ରମରେ ପ୍ରକମ୍ପିତ୍ ହୋଇ ଉଠିଥିଲା ବାଲିଯାତ୍ରା ପଡିଆ। ମହୋତ୍ସବରେ ଜନସାମଗମକୁ ଲକ୍ଷ୍ୟ ରଖି ଶାନ୍ତି, ଶୃଙ୍ଖଳା ରକ୍ଷା ନିମନ୍ତେ ପ୍ରଶାସନ ପକ୍ଷରୁ ପୋଲିସ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା।

# ଜିଲ୍ଲା କଂଗ୍ରେସ ତରଫରୁ ମୌଲାନା ଆଜାଦଙ୍କ ଜୟନ୍ତୀ ପାଳିତ



ରାଉରକେଲା (ପିଏନ୍): ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, କଂଗ୍ରେସର ପୂର୍ବତନ ସଭାପତି ଦେଶର ପ୍ରଥମ ଶିକ୍ଷାମନ୍ତ୍ରୀ ଭାରତରତ୍ନ ମୌଲାନା ଆବୁଲ କାଲାମ ଆଜାଦଙ୍କ ଜନ୍ମ ଜୟନ୍ତୀ ଗତ ୧୧ ତାରିଖରେ ରାଉରକେଲା ଜିଲ୍ଲା କଂଗ୍ରେସ ତରଫରୁ ପାଳିତ ହୋଇଯାଇଛି । ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟ ସ୍ଥାନୀୟ କଂଗ୍ରେସ ଭବନ ଠାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କଂଗ୍ରେସ ନେତୃବୃନ୍ଦ ଓ କର୍ମକର୍ତ୍ତାମାନେ ଉପସ୍ଥିତ ରହି ମୌଲାନାଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ । ଏହି ଅବସରରେ ଜିଲ୍ଲା କଂଗ୍ରେସ ସଭାପତି ଦେବବ୍ରତ ବିହାରୀଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରାକ୍ତନ ବିଧାୟକ ପ୍ରାର୍ଥୀ ତଥା ପିସିସି ସଭ୍ୟ ବିରେନ ସେନାପତି ବକ୍ତବ୍ୟ ରଖି ମୌଲାନା ଆଜାଦଙ୍କ ବହୁମୁଖୀ ପ୍ରତିଭା ଉପରେ ଆଲୋକପାତ କରିଥିଲେ । ସ୍ୱାଧୀନତା ସଂଗ୍ରାମରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ମୌଲାନା ଆଜାଦ ସ୍ୱାଧୀନ ଭାରତର ନାଗରିକମାନେ ସେମାନଙ୍କର ଦାୟିତ୍ୱ ଓ କର୍ତ୍ତବ୍ୟ ସୂଚାରୁରୂପେ ସମ୍ପାଦନ କରିବା ପାଇଁ ସେମାନଙ୍କ ମୌଳିକ ଶିକ୍ଷାର ଜରୁରୀ ଆବଶ୍ୟକତାକୁ ଉପଲବ୍ଧି କରିଥିଲେ । ତେଣୁ ସେଥିପାଇଁ ମୌଳିକ ପ୍ରାଥମିକ ଶିକ୍ଷାକୁ ଦେଶବାସୀଙ୍କୁ ନିଶୁଳ୍କରେ ଯୋଗାଇ ଦେବା ପାଇଁ ଦେଶର ପ୍ରଥମ ଶିକ୍ଷାମନ୍ତ୍ରୀ ଭାବେ ମୌଲାନା ଆଜାଦ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିଥିଲେ ବୋଲି ଶ୍ରୀ ସେନାପତି ପ୍ରକାଶ କରି ଶିକ୍ଷାରୁ ବଞ୍ଚିତ ଥିବା ଦେଶର ନାଗରିକଙ୍କୁ ଶିକ୍ଷିତ କରାଇବାକୁ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଗଲେ ତାହା ମୌଲାନାଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଳି ହେବ ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପିସିସି ସଭ୍ୟ ସବୀର ହୁସେନ ଓ ପ୍ରଭାତୀ ମିଶ୍ର, ତୁଳସୀ ନାଗ, ଯୁବ କଂଗ୍ରେସ ସଭାପତି ଜ୍ଞାନେନ୍ଦ୍ର ଦାସ, ଓବିସି ରାଷ୍ଟ୍ରୀୟ ସଂଯୋଜକ କୈଳାସ ସାହୁ, ବ୍ଲକ୍ କଂଗ୍ରେସ ସଭାପତି ପ୍ରଦ୍ୟୁମ୍ନ ଷଡଙ୍ଗୀ, ଜିଲ୍ଲା କଂଗ୍ରେସର ଭାସ୍କର ଖିଲ୍ଲାର, ବନମାଳୀ ବିଶୋୟୀ, ଦିଲ୍ଲୀପ ଜେନା, ରୁକସାନା ବେଗମ, ସମ୍ପାଦିକା ପ୍ରତିମା ପାଣିଗ୍ରାହୀ, ବସ˚ ମହାଲିକ, ଶିବ ଚରଣ, ସାମାଜିକ ଗଣମାଧମର ସୁଧୀର ନାଥ, ରେହେମାନ ଖାନ, ସଂଖ୍ୟାଲଘୁ ଅଧକ୍ଷ ଇଜାଜ ଅଖତର ପ୍ରମୁଖ ଏହି ଅବସରରେ ମୌଲାନାଙ୍କୁ ଶ୍ରଦ୍ଧାଳି ଅର୍ପଣ କରିଥିବା ବେଳେ ମହିଳା କଂଗ୍ରେସ ସଭାନେତ୍ରୀ ନିରୂପମା ବଳିୟାରସିଂହ ଧନ୍ୟବାଦ ଅର୍ପଣ କରିଥିଲେ ।

# ରାହାଡପୁର ଖାଦାନରେ ପ୍ରଶାସନର ମାପଚୁପ, ପାହାଡରେ ବୁଲିଲା ଡ୍ରୋନ କ୍ୟାମେରା

ଧର୍ମଶାଳା (ପିଏନ୍): ଧର୍ମଶାଳା ତହସିଲ ଅନ୍ତର୍ଗତ ରାହାଡପୁର କଳାପଥର ଖାଦାନକୁ ପ୍ରଶାସନ ପକ୍ଷରୁ ମାପଚୁପ କରାଯିବା ସହ ଡ୍ରୋନ କ୍ୟାମେରା ସହୟତାରେ ଖାଦାନର ଫଟୋ ଉତୋଳନ କରାଯାଇଛି । ସୂଚନା ଅନୁଯାୟୀ ରାହାଡପୁର କଳାପଥର ଖାଦାନର ୨୫ ଏକର ପରିମିତ ଜାଗାରୁ କଳାପଥର ଉତୋଳନ ନିମନ୍ତେ ଇଜରାଦାର ପ୍ରହଲ୍ଲାଦ ଲେଙ୍କାଙ୍କୁ ୨୦୧୭ ମସିହାରୁ ୨୦୨୨ ପର୍ଯ୍ୟନ୍ତ ୫ ବର୍ଷ ପାଇଁ ଲିଜ ଦିଆଯାଇଥିଲା । ଏହି ଖାଦାନରୁ ବାର୍ଷିକ ୪୭ହଜାର ଘନ ମିଟର କଳାପଥର ଉତୋଳନ ପାଇଁ ତହସିଲ ପକ୍ଷରୁ ସମ୍ପୃକ୍ତ ଇଜରାଦାରଙ୍କ ସହିତ ଚୁକ୍ତି କରାଯାଇଥିଲା । ତେବେ ସମ୍ପୃକ୍ତ ଇଜରାଦାର ଚୁକ୍ତି ଖିଲାପ କରି ଅଧିକ ମାତ୍ରାରେ କଳାପଥର ଖନନ କରିଥିବା ନେଇ ଅଭିଯୋଗ ହୋଇଥିଲା । ଖାଦାନର ଲିଜ ଅବଧି ୫ ବର୍ଷ ପୁରିଯିବା ଫଳରେ ଇଜରାଦାର ଗତକାଲିଠାରୁ ଉକ୍ତ ଲିଜ ସ୍ଥାନରୁ ହଟିଯାଇଛି । ଏହି ପାହାଡରୁ ଲିଜ ପରିଧି ଅଂଚଳରୁ କେତେ ପରିମାଣର କଳାପଥର ଉତୋଳନ ହୋଇଛି ତାହାକୁ ମପଚୁପ କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ମାଇଁ ୱାର୍ଲ୍ଡ ସଂସ୍ଥାକୁ ଦାୟିତ୍ୱ ଦିଆଯାଇଥିଲା । ମାଇ ୱାର୍ଲ୍ଡ ସଂସ୍ଥାର ମୁଖ୍ୟ ପ୍ରଦୀପ ମହାନ୍ତିଙ୍କ ନେତୃତ୍ୱରେ ଏକ ଟିମ ସେଠାରେ ପହଂଚି ମାପଚୁପ କରିବା ସହ ଡ୍ରୋନ କ୍ୟାମେରା ମାଧ୍ୟମରେ ଖାଦାନ ଅଂଚଳର ଚିତ୍ର ଉତୋଳନ କରିଥିଲେ । ଏହି ମାପଚୁପରେ ଯାଜପୁର ଏଡିଏମ ଅକ୍ଷୟ କୁମାର ମଲିକ, ଧର୍ମଶାଳା ତହସିଲଦାର ସ୍ୱାଗତ ଦାସ, ଭୁତତ୍ତ୍ୱବିତ ସନ୍ତୋଷୀ ସେଠୀ ଓ ପରିବେଶ ବିଭାଗ ଅଧିକାରୀମାନେ ଉପସ୍ଥିତ ରହିଥିଲେ । ମାପଚୁପ ଦାୟିତ୍ୱରେ ଥିବା ମାଇଁ ୱାର୍ଲ୍ଡ ସଂସ୍ଥା ପକ୍ଷରୁ ରିପୋର୍ଟ ଆସିବା ପରେ ସେଠାରେ କେତେପରିମାଣର କଳାପଥର ଉତୋଳନ ହୋଇଛି ଜଣାପଡିବ ଏବଂ ଅଧିକ ପରିମାଣରେ କଳାପଥର ଉତୋଳନ ହୋଇଥିଲେ ସମ୍ପୃକ୍ତ ଇଜରାଦାରଙ୍କ ଉପରେ ଜୋରିମାନା କରାଯାଇ ଟଙ୍କା ଆଦୟ କରାଯିବ ବୋଲି ତହସିଲଦାର ଶ୍ରୀ ଦାସ ସୂଚନା ଦେଇଛନ୍ତି ।


## DISPLAY CLASSIFIED

FOR ADVERTISEMENT CONTACT

Phone No. (0674) 2555116/9853400829

Fax: (0674) 2550504

E-mail : paryabekhyak@gmail.com

editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)

10c.m.x 4cm: Rs. 350/- (One day)

5c.m.x 4cm: Rs. 5,000/- (One Month)

5c.m.x 4cm: Rs. 200/- (One day)

VED BHAWAN

Creating Peace, Progress & Prosperity

For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.

DO YOU NEED PUNDITS / ASTROLOGERS / VASTU EXPERTS ?

Contact :

Near Mukteswar Temple, Sarbodaya Nagar, Puri.

N-3, B-14/15, MPS Campus, Nayapalli, Bhubaneswar

Ph. 0674-2550786, Fax : 0674-2550504

Email.: yagyaanusthan@sify.com

ADMISSION ON

MPS PLAY HOME

Where awareness nurtured, innocence blossoms.

For

PRE-NURSERY, NURSERY, L.K.G. & U.K.G.

N-3B-14/15, Ekamra Kanan Road, Nayapalli, BBSR

Tel : (0674) 2556225, 2558884, Fax : 2550504

Email : maharishipublicschool@yahoo.com

Web : www.maharishipublicschool.com

Pragyan Communication

ADMISSION ON

MAHARISHI PUBLIC SCHOOL

your gateway to complete education

For

PRE-NURSERY, NURSERY, L.K.G., U.K.G., Std-1 to Std-VIII

Baghra Road, Baripada

Tel-06792-255227

Email : maharishipublicschool@yahoo.com

Web : www.maharishipublicschool.com

Mahaditya Publication




# ରାସ୍ତାରେ ହେଲା ପ୍ରସବ; ଶିଶୁପୁତ୍ରର ମୃତ୍ୟୁ ପ୍ରସୂତୀଙ୍କୁ ମିଳିଲାନି ଚିକିତ୍ସା



ଯୋଡ଼ା (ପିଏନ)-କେନ୍ଦୁଝର ଜିଲ୍ଲା ଯୋଡା ପୌରପାଳିକା ୯ ୱାର୍ଡ ଗୋପ ହଟିଂ ସ୍ଥିତ ମଙ୍ଗଳାମନ୍ଦିର ନିକଟ ରାସ୍ତାରେ ଜନ୍ମ ହୋଇଛି ଏକ ଶିଶୁପୁତ୍ର । ଭୂମିଷ୍ଠ ହେବା ପରେ ଶିଶୁପୁତ୍ରଟିର ମୃତ୍ୟୁ ହୋଇଯାଇଥିବା ଖବର ହସ୍ତଗତ ହୋଇଛି । ଏହି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ସର୍ବାଧିକ ଖଣି ରାଜସ୍ୱ ଦେଉଥିବା ଖଣି ଉପତ୍ୟକା ଯୋଡା ସହରରେ । ପ୍ରତ୍ୟେକ୍ଷ ସୂତ୍ରରୁ ପ୍ରକାଶ ଯେ ସୋମବାର ରାତ୍ର ପ୍ରାୟ ସାଢେ ୧୦ଟା ସମୟରେ ଜଳହରୀ ପ ାୟତ ଅଧୀନରେ ଆଇଟିସି କଲୋନୀ ନିବାସୀ କପିଳାସ ନାଏକ ତାଙ୍କ ପତ୍ନୀ ସୁକମତୀ ପୂ ୀ ଏବଂ ତାଙ୍କ ଶାଶୁ ଘାସ ନାଏକ ସୁକୁମତୀଙ୍କୁ ଦୁଇ କାନ୍ଧର ସାହାରାରେ ମଙ୍ଗଳାମନ୍ଦିର ରାସ୍ତା ଦେଇ ସରକାରୀ ଡାକ୍ତରଖାନାକୁ ନେଉଥିବା ବେଳେ ପ୍ରସବ ବେଦନା ସହିନପାରି ସୁକୁମତୀ ରାସ୍ତାରେ ଉପରେ ଶିଶୁପୁତ୍ରକୁ ଜନ୍ମ ଦେଇଥିଲେ । ହେଲେ ଶିଶୁପୁତ୍ରଟିର କିଛିକ୍ଷଣ ପରେ ମୃତ୍ୟୁ ଘଟିଥିଲା । ପ୍ରସବ ବେଦନାର ଚିତ୍କାର ଏବଂ ମୃତ ଶିଶୁପୁତ୍ରର ଦୁଃଖରେ ମ୍ରିୟମାଣ ମୃତ ଶିଶୁର ମା'ଙ୍କର କ୍ରନ୍ଦନ ବସ୍ତିବାସିନ୍ଦାଙ୍କ ନିଦ ହଜାଇ ଦେଇଥିଲା । ଏସମ୍ପର୍କରେ ବିଶ୍ୱିବନ୍ଧ ଭାବେ ସୁକୁମତୀଙ୍କ ସ୍ୱାମୀ କପିଳାସଙ୍କ ଠାରୁ ଜାଣିବାକୁ ମିଳିଥିଲା ଯେ ସୋମବାର ଅପରାହ୍ନ ୨ଟା ବେଳେ ସେ ଓ ତାଙ୍କ ପରିବାର ସୁକୁମତୀଙ୍କୁ ପ୍ରସବ ପାଇ ଯୋଡା ସ୍ଥିତ ସରକାରୀ ଡାକ୍ତରଖାନାରେ ଭ ର୍ତ୍ତି କରିଥିଲେ । ସେଠାରେ ତାଙ୍କର ଅବସ୍ଥା ଜଟିଳ ଥିବାରୁ ତାଙ୍କୁ ଡାକ୍ତରଖାନା ପକ୍ଷରୁ କେନ୍ଦୁଝର କିମ୍ବା ଚମ୍ପୁଆ ନେବା ପାଇଁ କୁହାଯାଇଥିଲେ ହେଁ ସମ୍ବଳ ଅଭାବରୁ ସେ ଟାଟା କମ୍ପାନୀ ଡାକ୍ତରଖାନାକୁ ନେଇଯାଇଥିଲେ । ସେଠାରେ ତାଙ୍କୁ ଚିକିତ୍ସା କରାଯିବା ପରିବର୍ତ୍ତେ କେବଳ କୋଭିଡ ଟେଷ୍ଟ କରାଇ କୌଣସି ରିପୋର୍ଟ ନଦେଇ ତାଙ୍କୁ ପୁନଃ ସରକାରୀ ଡାକ୍ତରଖାନାକୁ ପଠାଇ ଦିଆଯାଇଥିଲା । ସେଠାରୁ ସରକାରୀ ଡାକ୍ତରଖାନାକୁ ଆସିବା ପାଇଁ କୌଣସି ଗାଡି କିମ୍ବା ଆମ୍ବୁଲାନ୍ସର ସୁବିଧା ନମିଳିବାରୁ ଶେଷରେ ସୁକୁମତୀ ପୂ ୀଙ୍କ ସ୍ୱାମୀ ଓ ଶାଶୁ ଦୁଇ କାନ୍ଧରେ ଆଶ୍ରା କରି ପାଦରେ ଚାଲି ଚାଲି ମଙ୍ଗଳାମନ୍ଦିର ଦେଇ ରାସ୍ତା ଅତିକ୍ରମ କରୁଥିବା ବେଳେ ଗର୍ଭବତୀ ମହିଳା ସୁକୁମତୀଙ୍କ ରାସ୍ତାରେ ପ୍ରାୟ ରାତ୍ର ୧୧ଟା ବେଳେ ସନ୍ତାନ ପ୍ରସବ ହୋଇଯାଇଥିଲା । ଶିଶୁପୁତ୍ରଟିର ଜନ୍ମ ହେବାର କିଛି ସମୟ ପରେ ମୃତ୍ୟୁ ହୋଇଯାଇଥିଲା । କ୍ରନ୍ଦନ ଏବଂ ଚିତ୍କାର ଶବ୍ଦ ଶୁଣି ସ୍ଥାନୀୟ ଲୋକେ ଆସି ଦେଖିବା ପରେ ସମସ୍ତେ ସ୍ତବ୍ଧ ହୋଇଯାଇଥିଲେ । କାରଣ ଶିଶୁପୁତ୍ର ଜନ୍ମ ହେବା ପରେ ଶିଶୁପୁତ୍ରଟିର ନାଭି ମା' ସହିତ ସଂଯୋଗ ହୋଇ ରହିଥିଲା । ମାଙ୍କର ଜୀବନ ପ୍ରତି ବିପଦ ଥିବାରୁ ତୁରନ୍ତ ସ୍ଥାନୀୟ ଲୋକ ୧୦୮ ଆମ୍ବୁଲାନ୍ସକୁ ଖବର ଦେବା ସହିତ ଟାଟାକମ୍ପାନୀ ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଫୋନ ଯୋଗେ ଜଣାଇଥିଲେ । ତେବେ ବଡବିଲରୁ ୧୦୮ ଆମ୍ବୁଲାନ୍ସଟି ପହ ି ସୁକୁମତୀଙ୍କୁ ମୃତ ଶିଶୁପୁତ୍ର ସହ ସ୍ଥାନୀୟ ସରକାରୀ ଡାକ୍ତରଖାନାରେ ଭ ର୍ତ୍ତି କରିଥିଲେ । ଏହି ଘଟଣା ପ୍ରଘଟ ହେବା ପରେ ଜନସାଧାରଣଙ୍କ ମନରେ ଘରୋଇ ଡାକ୍ତରଖାନା ପ୍ରତି ପ୍ରବଳ ଆକ୍ରୋଶ ଦେଖାଯାଇଥିଲା । ଯୋଡା ବିକାଶ ପରିଷଦ ପକ୍ଷରୁ ସଭାପତି ନିରଞ୍ଜନ ବହିଦାର କ୍ଷୋଭର ସହ ନିଜର ପ୍ରତିକ୍ରିୟାରେ କହିଛନ୍ତି ଯେ ଟାଟା ଖଣି ଖାଇ ପାଣି ଖାଇଲା ହେଲେ ପ୍ରଭାବିତ ଲୋକଙ୍କର ସେବାକୁ ନିଜର ଦାୟିତ୍ୱ ବଦଳରେ ଦୟା ବୋଲି ଭାବିଲା । ଏସମ୍ପର୍କରେ ଟାଟା କମ୍ପାନୀ ଡାକ୍ତରଖାନା ମୁଖ୍ୟ ଚିକିତ୍ସାଧିକାରୀ ଏମ.କେ.ତ୍ରିପାଠୀ ତାଙ୍କ ପ୍ରତିକ୍ରିୟାରେ କହିଥିଲେ ଯେ ମହିଳା ଜଣକ ଚିକିତ୍ସା ନିମନ୍ତେ ଏଠାକୁ ଆସିଥିବା ସେ ଜାଣିଛନ୍ତି । ଏବଂ ତାଙ୍କର କୋଭିଡ ଟେଷ୍ଟ ମଧ୍ୟ କରାହେବା ପରେ କରୋନା ପଜିଟିଭ ରିପୋର୍ଟ ଜଣାପଡିଛି । ରୋଗୀ ଏଠାରୁ ଚାଲିଯିବା ସମ୍ପର୍କରେ ସେ ତଦନ୍ତ କରିବେ । ତଦନ୍ତ ପରେ କାର୍ଯ୍ୟାନୁଷ୍ଠନ ଗ୍ରହଣ କରାଯିବ ବୋଲି ସେ କହିଥିଲେ । ତେବେ ଏଠାରେ ପ୍ରଶ୍ନ ଉଠୁଛି ଯେ ଟାଟାଷ୍ଟିଲ ଡାକ୍ତରଖାନା ପରିସର ମଧ୍ୟରେ କୋଭିଡ ଡାକ୍ତରଖାନା ଥିବା ସତ୍ତ୍ୱେ କିପରି ମହିଳାଙ୍କୁ ଚିକିତ୍ସା କରାନଯାଇ କିପରି ଦାୟିତ୍ୱହୀନ ଭାବେ ପଠାଇ ଦିଆଗଲା ଓ ଆମ୍ବୁଲାନ୍ସଟିଏ ମଧ୍ୟ ତାଙ୍କୁ ଦିଆଗଲା ନାହିଁ ଏହା ଜନସାଧାରଣଙ୍କ ପ୍ରଶ୍ନ । ତେଣେ ସରକାରୀ ଡାକ୍ତରଖାନାରୁ ପ୍ରସବ ଚିକିତ୍ସା ହେବା ପରେ ମହିଳା ଓ ତାଙ୍କ ପରିବାର ଜଳହରୀ ସ୍ଥିତ ଆଇଟିସି ଗ୍ରାମକୁ ଚାଲି ଯାଇଛନ୍ତି । ଯାହାକୁ ସଂକ୍ରମଣର ଆଶଙ୍କାକୁ ବଢାଇ ଦେଇଛି । ଏନେଇ ଟାଟା କମ୍ପାନୀ କର୍ପୋରେଟ କମ୍ୟୁନିକେଶନର ଅଧିକାରୀ ଆଶିଷ ଆଚାର୍ଯ୍ୟ ପ୍ରେସ ବିବୃ ି ଦେଇ ସୂଚନା ଦେଇଛନ୍ତି ଯେ ସୁକୁମତୀ ପୂ ୀଙ୍କୁ ଅକ୍ଟୋବର ୫ ତାରିଖ ରାତି ପ୍ରାୟ ୮.୪୦ ମିନିଟରେ ଟାଟାଷ୍ଟିଲ ହସ୍ପିଟାଲକୁ ଅଣାଯାଇଥିଲା । ହସ୍ପିଟାଲରେ ୨ଜଣ ସ୍ତ୍ରୀ ଓ ପ୍ରସୂତୀ ବିଭାଗର ବିଶେଷଜ୍ଞ ଅଛନ୍ତି । ଜଣେ ଡାକ୍ତର ସଙ୍ଗରୋଧରେ ଥିବାରୁ ସେ ରୋଗୀଙ୍କୁ ଦେଖି ପାରିବେ ନାହିଁ । ଦ୍ୱିତୀୟ ଡାକ୍ତର କୋଭିଡରୁ ଏବେ ସୁସ୍ଥ ହୋଇଛନ୍ତି ଓ ସେହି ସମୟରେ ସେ ଅସୁସ୍ଥତା ଅନୁଭବ କରିବାରୁ ଡାକ୍ତରଖାନାକୁ ଆସିପାରିନଥିଲେ । ଏପରିସ୍ଥିତିରେ ରୋଗୀଙ୍କୁ ଏଠାରେ ଭ ର୍ତ୍ତି କରିବା ସମ୍ଭବପର ନଥିବାରୁ ନିକଟସ୍ଥ ହସ୍ପିଟାଲକୁ ନେବା ପାଇଁ ପରାମର୍ଶ ଦିଆଯାଇଥିଲା ।

## ଖଟିଖିଆଙ୍କୁ ମାଗଣା ଖାଦ୍ୟ, ୬ ମାସ ପାଇଁ ପ୍ରତି ପରିବାରକୁ ଆର୍ଥିକ ସହାୟତା ଦାବିରେ ସିପିଆଇଏମ୍‌ର ବିକ୍ଷୋଭ

ଭଦ୍ରକ, (ପିଏନ)- ସିପିଆଇଏମ୍ ପଲିଟି ବ୍ୟୁରୋ ଡାକରାରେ ସାରା ଦେଶରେ ଗତ ୧୭ ତାରିଖ ଠାରୁ ମୋଦି ସରକାର ବିରୋଧୀ ଆନ୍ଦୋଳନ ଜାରି ରହିଛି । ଏହି ପରିପ୍ରେକ୍ଷୀରେ ବିଭିନ୍ନ ଦାବି ନେଇ ସିପିଆଇଏମ ଭଦ୍ରକ ଜିଲ୍ଲା କମିଟି ପକ୍ଷରୁ ସ୍ଥାନୀୟ ବନ୍ତ ଛକଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ସମଗ୍ର ବିଶ୍ୱ କରୋନା ମହାମାରୀ କବଳରେ ରହିଛି । ଭାରତ ବର୍ଷ ମଧ୍ୟ ଏଥିରୁ ବାଦ୍ ପଡିନାହିଁ । ଦେଶବାସୀଙ୍କ ଜୀବନ ଓ ଜୀବିକା ସଂକଟମୟ ସ୍ଥିତି ମଧ୍ୟରେ ଗତି କରୁଛି । ଏଭଳି ସମୟରେ କେନ୍ଦ୍ରର ମୋଦି ସରକାର ସଂସଦରେ ଏ ବିଷୟ ଆଲୋଚନା ନ କରି କୃଷିଜାତ ଦ୍ରବ୍ୟ ଡାଲି, ଧାନ, ଆଳୁ, ପିଆଜକୁ ୩ଟି ଅଧ୍ୟାଦେଶ ଜରିଆରେ କର୍ପୋରେଟ କମ୍ପାନୀ ହାତକୁ ଟେକି ଦେଇଛି । ସମସ୍ତ ରାଷ୍ଟ୍ରାୟ ଶିଳ୍ପ ଯଥା ରେଳବାଇ, ବିମାନ ସେବା, ବ୍ୟାଙ୍କ, ଡାକ, ବୀମା, ଖଣିକୁ ଶାଗମାଛ ଦରରେ ଆଦାନୀ, ଅମ୍ବାନୀ ତଥା ବିଦେଶୀ କର୍ପୋରେଟ କମ୍ପାନୀକୁ ଟେକି ଦିଆଯାଉଛି ବୋଲି ବିକ୍ଷୋଭ ଅବସରରେ ଆରୋପ କରାଯାଇଛି । ଦେଶରେ ପେଟ୍ରୋଲ, ଡିଜେଲର ଦରବୃଦ୍ଧିକୁ ନିୟନ୍ତ୍ରଣ କରିବା, ଅତ୍ୟାବଶ୍ୟକ ସାମଗ୍ରୀର ମୂଲ୍ୟରେ ସ୍ଥିରତା ଆଣିବା, କରୋନା ମହାମରୀ ଜନିତ ଗରିବ ଖଟିଖିଆ ରିକ୍ସା ଚାଳକ, ନିର୍ମାଣ ଶ୍ରମିକ, ପରିବହନ ଶ୍ରମିକ, ବନ୍ଦର ଶ୍ରମିକ, ଟ୍ରଲି ଚାଳକ ଭଳି ପରିବାରକୁ ମାଗଣା ଖାଦ୍ୟ ଯୋଗାଣ ଓ ପ୍ରତି ପରିବାରକୁ ୬ ମାସ ପାଇଁ ମାସିକ ୭୫୦୦ ଟଙ୍କା ଆର୍ଥିକ ସହାୟତା ଯୋଗାଇବାକୁ ବିକ୍ଷୋଭ ସଭାରେ ଦାବି କରାଯାଇଛି । ପାର୍ଟିର ଜିଲ୍ଲା କମିଟି ସମ୍ପାଦକ ଦିବ୍ୟସିଂହ ନାୟକଙ୍କ ନେତୃତ୍ୱରେ ଅନୁଷ୍ଠିତ ସଭାରେ ସେକ୍ କାସିମ, ସେକ୍ ମନଓ୍ୱର, ସେକ୍ ସିକ୍‌ରୁ, ଗେଜ ମୁଣ୍ଡା, ମ ୁ ମୁଣ୍ଡା, ସେକ୍ ହାଦିକ, ସନାତନ ଦାସ, ସନ୍ତୋଷ ରାଉତ, ସେକ୍ କମର, ସେକ୍ ଅବଦୁଲ ରହେମାନ, ଜଗନ୍ନାଥ ରାଓ, ରାଜୁ ରାଓ, ମେହେମୁଦ୍ ପ୍ରମୁଖ ବିକ୍ଷୋଭ ସଭାରେ ସାମିଲ ହୋଇଥିଲେ ।

## କାରଖାନା ବନ୍ଦ ପାଇଁ ଚକ୍ରାନ୍ତ, ବଢ଼ୁଛି ଅସନ୍ତୋଷ

କେନ୍ଦୁଝର, (ପିଏନ): କେନ୍ଦୁଝର ଜିଲ୍ଲାରେ ଖଣିଜ ସଂପଦର ସଦୁପଯୋଗ କରିବା ପାଇଁ ଶିଳ୍ପ ପ୍ରତିଷ୍ଠା ଜରୁରୀ ହୋଇପଡିଛି । ବହୁ କମ୍ପାନୀ ଶିଳ୍ପ ନକରି ଖଣିଜ ପଥର ଚାଲାଣ କରି ଲାଭବାନ ହେଉଥିବାବେଳେ କେତେକ କମ୍ପାନୀ ଖଣିଜ ପଥର ସଦୁପଯୋଗ କରିବା ସହ ଜିଲ୍ଲାର ବିକାଶ ଓ ସ୍ଥାନୀୟ ଅ ଳର ବେକାର ଯୁବକ ଯୁବତୀଙ୍କ ନିଯୁକ୍ତିକୁ ଆଖି ଆଗରେ ରଖି ଶିଳ୍ପ ପ୍ରତିଷ୍ଠା କରିଛନ୍ତି । ତେବେ କେତେକ ମୃଷ୍ଟିମେୟ ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ନିଜର ଫାଇଦା ପାଇଁ ସ୍ଥାନୀୟ ସରଳ ଗରୀବ ଲୋକଙ୍କୁ ମତାଇ ଉକ୍ତ ଶିଳ୍ପ ବନ୍ଦ ପାଇଁ ଚକ୍ରାନ୍ତ ଚଳାଇ ଆସୁଥିବାରୁ ଅସନ୍ତୋଷ ବଢିବାରେ ଲାଗିଛି । ଏଭଳି ଘଟଣା ବାଂଶପାଳ ବ୍ଲକ ଅଁରା ଗ୍ରାମରେ ପ୍ରତିଷ୍ଠିତ ହୋଇଥିବା ଶ୍ରୀ ମେଟାଲିକ୍ସ କାରଖାନାକୁ ବନ୍ଦ କରିବା ପାଇଁ ଷଡଯନ୍ତ୍ର କରାଯାଉଥିବା ନେଇ ସ୍ଥାନୀୟ ଲୋକ କେନ୍ଦୁଝର ଜିଲ୍ଲାପାଳଙ୍କଠାରେ ମଙ୍ଗଳବାର ଦିନ ଅଭିଯୋଗ କରିଛନ୍ତି । ଏହି କାରଖାନା ଆଦିବାସୀ ଅଧ୍ୟୁଷିତ ଅ ଳରେ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ପାଇଁ ୨୦୧୦ ମସିହାରେ ପ୍ରତିଷ୍ଠା ହୋଇ କାର୍ଯ୍ୟକ୍ଷମ ହୋଇଥିଲା । ଏହାଦ୍ୱାରା କାମ ଆଶାରେ ଜମି ଦେଇଥିବା ଶତାଧିକ ପରିବାର ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ଉପର ରାଇଗୋଡା ପ ାୟତ ସମେତ ମଳଦା,ଫୁଲଝର,କୁମୁଣ୍ଡି,ଶୁଆକାଟୀ,ବାଂଶପାଳ ଆଦି ପ ାୟତର ବହୁ ବେକାର ଯୁବକ ଉପକୃତ ହୋଇ ଆସୁଥିଲେ । ତେବେ କେତେକ କୁଚକ୍ରୀ ଗୋଷ୍ଠୀଙ୍କ ଚକ୍ରାନ୍ତରେ ୨୦୧୪ ମସିହାରେ କାରଖାନା ବନ୍ଦ ହୋଇଯାଇଥିଲା । ଉକ୍ତ ସମୟରେ ସ୍ଥାନୀୟ ଲୋକେ କାମଧନ୍ଦା ହରାଇ ଆର୍ଥିକ ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଥିଲେ । କାରଖାନା ପାଇଁ ଜମି ଦେଇଥିବା ଲୋକମାନେ ବାଧ୍ୟ ହୋଇ ଭିଟାମାଟି ଛାଡି କାମଧନ୍ଦା ପାଇଁ ବାହାରକୁ ପଳାଇବାକୁ ବାଧ୍ୟ ହୋଇଥିଲେ । ପରେ ଜମିହରା ଲୋକଙ୍କ ଅନୁରୋଧ ଓ ଅନୁକୂଳ ପରିବେଶ ସୃଷ୍ଟି ହେବା ପରେ ୨୦୧୭ ରେ ପୁନଃ ସ୍ଥାନୀୟ ଲୋକଙ୍କ ସହଯୋଗରେ କାରଖାନା ଚାଲୁ ହୋଇଥିଲା । ଏବେ କେତେକ ନ୍ୟସ୍ତ ସ୍ୱାର୍ଥବାଦୀ ଲୋକ ନିଜର ଫାଇଦା ପାଇଁ ଗରୀବ ଓ ନିରୀହ ଆଦିବାସୀଙ୍କୁ ପ୍ରଲୋଭିତ କରି କାରଖାନାରେ ବିଶୃଙ୍ଖଳା ସୃଷ୍ଟି କରି ବନ୍ଦ କରିବା ପାଇଁ ଉଦ୍ୟମ ଚଳାଇଛନ୍ତି । ଅନେକ ସମୟରେ ମିଥ୍ୟା ଓ ଭି ିହୀନ ଅଭିଯୋଗ କରି କାରଖାନା କ ୃପକ୍ଷଙ୍କୁ ବିବାଦ ଘେରକୁ ଟାଣି ନେବାକୁ ଚେଷ୍ଟା କରିବା ସହ ଉ େଜନା ପରିସ୍ଥିତି ସୃଷ୍ଟି କରୁଛନ୍ତି । ସେମାନେ ଗରୀବ ଲୋକଙ୍କୁ ପ୍ରଲୋଭିତ କରି କିମ୍ବା ଧମକଚମକ ଦେଇ କାରଖାନାରେ କାମ କରିବାକୁ ବାରଣ କରୁଛନ୍ତି । ସେମାନଙ୍କୁ ହାତବାରିସି କରି ହିଂସାତ୍ମକ ଆନ୍ଦୋଳନ କରିବା ସହ ଅରାଜକତା ସୃଷ୍ଟି କରି ଶ୍ରୀ ମେଟାଲିକ୍ସ ପ୍ଲା କୁ ବନ୍ଦ କରିବାକୁ ଉଦ୍ୟମ ଚଳାଇଛନ୍ତି । କାରଖାନା ବନ୍ଦ ହେଲେ ଶହ ଶହ ଜମିହରା ଗ୍ରାମବାସୀ ଏବଂ କାରଖାନା ଉପରେ ନିର୍ଭରଶୀଳ ସ୍ଥାନୀୟ ଅ ଳର ଅଧିବାସୀ ଜୀବନଜୀବିକା ହରାଇବେ ଓ କରୋନା ମହାମାରୀ ସମୟରେ କାମଧନ୍ଦା ହରାଇ ସେମାନଙ୍କର ଆର୍ଥିକ ସ୍ଥିତି ଦୋହଲିଯିବ । ଏଣୁ ଏଥିରେ ଜିଲ୍ଲା ପ୍ରଶାସନ ହସ୍ତକ୍ଷେପ କରି କୁଚକ୍ରୀ ଷଡଯନ୍ତ୍ରକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି କାରଖାନାକୁ ଶାନ୍ତିପୂର୍ଣ୍ଣ ଭାବରେ ପରିଚାଳନା କରିବାକୁ ଅଁରା ଗ୍ରାମବାସୀ ଓ ଶ୍ରୀ ରାଧାକୃଷ୍ଣ ଗ୍ରାମ କମିଟି ତରଫରୁ ଅନୁରୋଧ କରାଯାଇଛି । ଏହାର ଏକକିତା ନକଲ ମୁଖ୍ୟ ଶାସନ ସଚିବଙ୍କୁ ପ୍ରଦାନ କରିବା ସହ କେନ୍ଦୁଝର ଉପଜିଲ୍ଲାପାଳ,ସଦର ଏସ୍‌ଡିପିଓ, ବାଂଶପାଳ ତହସିଲଦାର, ନୟାକୋଟ ଥାନା ଅଧିକାରୀଙ୍କୁ ପ୍ରଦାନ କରିଛନ୍ତି ।

## ଭୁବନ ବିଜେପି ତରଫରୁ ସେବା ସପ୍ତାହ ଉଦଯାପିତ

ଭୁବନ, (ପିଏନ)- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୭୦ ତମ ଜନ୍ମଜୟନ୍ତୀ ଅବସରରେ ଭୁବନ ବିଜେପି ତରଫରୁ ଅନୁଷ୍ଠିତ ସେବା ସପ୍ତାହ କାର୍ଯ୍ୟକ୍ରମ ଉଦଯାପିତ ହୋଇଯାଇଛି । ବୃକ୍ଷରୋପଣ,ଦିବ୍ୟାଙ୍ଗଙ୍କୁ ଉପକରଣ ବଣ୍ଟନ,ଡାକ୍ତରଖାନାରେ ରୋଗୀଙ୍କୁ ଫଳ ବଣ୍ଟନ,ରକ୍ତଦାନ ଶିବିର ଏବଂ ଅନ୍ତିମ ଦିବସରେ ଗତକାଲି ପ୍ରସିଦ୍ଧ ଶୈବପୀଠ ବାବା ବୁଦ୍ଧେଶ୍ୱରଙ୍କ ମନ୍ଦିର ପରିସରରେ ସ୍ୱଚ୍ଛଭାରତ କାର୍ଯ୍ୟକ୍ରମ କରାଯାଇ ସେବା ସପ୍ତାହ ଉଦଯାପିତ ହୋଇଥିଲା । ଭୁବନ ନଗରମଣ୍ଡଳ ସଭାପତି ଭବାନୀ ଶଙ୍କର ବେହେରା ଙ୍କ ନେତୃତ୍ୱରେ ଆୟୋଜିତ ସମସ୍ତ କାର୍ଯ୍ୟକ୍ରମରେ କାମାକ୍ଷାନଗର ବିଧାୟକ ପ୍ରାର୍ଥୀ ତଥା ବରିଷ୍ଠ ବିଜେପି ନେତା ଶତ୍ରୁଘ୍ନ ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ମଣ୍ଡଳ ସାଧାରଣ ସଂପାଦକ ସୁରେନ୍ଦ୍ର କୁମାର ପୃଷ୍ଟି, ଯୁବମୋର୍ଚ୍ଚା ସଭାପତି ନିର୍ମଳ ଗୁରୁ, ପୂର୍ବତନ କାଉନସିଲର ମାୟାଧର ଗୁରୁ,ପବିତ୍ର ସାହୁ,ଗଣେଶ୍ୱର ନାୟକ,ସୁଶାନ୍ତ ନାୟକ,ସନ୍ତୋଷ ରାଉଳ,ନିରଂଜନ ଗୁରୁ, ମଳୟ ତ୍ରିପାଠୀ,ଜଗବନ୍ଧୁ ଗୁରୁ,ଅଜିତ ସାହୁ,ସଂଜୟ ଗୁରୁ,ନାରୀନେତ୍ରୀ ସରୋଜିନୀ ରଣା,ଅମ୍ବିକା ବେଜ,ସୁକାନ୍ତି ବେହେରା ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ । ଅନୁରୂପ ଭାବେ ଭୁବନ ବ୍ଲକର ମହୁଲପାଳ ମଣ୍ଡଳ ସଭାପତି ଚୈତନ୍ୟ ବେହେରା,ମୃଦଙ୍ଗା ସରପଂଚ ଅଶୋକ ଦତ,ମହୁଲପାଳ ସରପଂଚ ମମତା ସାହୁ,ଗଗନ ବିହାରୀ ସାହୁ ଏବଂ ବାରଆଁ ମଣ୍ଡଳ ତରଫରୁ ସଭାପତି ସଂଜୟ ଦାସ ଙ୍କ ନେତୃତ୍ୱରେ ରସାନନ୍ଦ ମହାପାତ୍ର, ଜିଲ୍ଲା ସାଧାରଣ ସଂପାଦକ ପ୍ରେମାନନ୍ଦ ଜେନା ଙ୍କ ସହଯୋଗରେ ସେବା ସପ୍ତାହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।



ୱାର୍ଲଡ ଓଡିଶା ସୋସାଇଟିର ଅଧ୍ୟକ୍ଷ କିଶୋର ଦ୍ୱିବେଦୀ ଏବଂ ଭାରତ ଅଧ୍ୟାୟର ସଭାପତି ଡ଼ଃ ବିପୀନ ମିଶ୍ର, ଭୁବନେଶ୍ୱର ଠାରେ ୱାଓସୋ ଦ୍ୱାରା ଆୟୋଜିତ ପ୍ରବାସୀ ଓଡ଼ିଆ ଦିବସ ଅବସରରେ ବିଶିଷ୍ଟ ଅତିଥି ବୃନ୍ଦ ରାଜ୍ୟ ସରକାରଙ୍କର ମନ୍ତ୍ରୀ ସୁରେଶ ପୂଜାରୀ, ଗୋକୁଳାନନ୍ଦ ମଲ୍ଲିକ ଓ କୃଷ୍ଣ ଚନ୍ଦ୍ର ମହାପାତ୍ରଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଜଣାଉଛନ୍ତି ।

## ହରିଶଙ୍କର ମନ୍ଦିର ପରିସରର ସ୍ୱଛତା ଓ ସୁରକ୍ଷା ଉପରେ କ୍ଷେତ୍ର ପରିଦର୍ଶନ କଲେ ଉପ ଜିଲ୍ଲାପାଳ



ଖପ୍ରାଖୋଲ,(ପି.ଏନ): ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ବ୍ଲକ ର ପ୍ରମୁଖ ପର୍ଯ୍ୟଟନ ସ୍ଥଳୀ ତଥା ପୁନ୍ୟକ୍ଷେତ୍ର ହରିଶଙ୍କର ମନ୍ଦିର ପରିସର ର ସ୍ୱଚ୍ଛତା ଓ ସୁରକ୍ଷା ଉପରେ ଦେବୋତ୍ତର କର୍ଯ୍ୟ ନିର୍ବାହୀ ଅଧିକାରୀ ତଥା ପାଟଣାଗଡ଼ ଉପ ଜିଲ୍ଲାପାଳ ସୁନିଲ କୁମାର ମେହେର କ୍ଷେତ୍ର ପରିଦର୍ଶନ କରିଛନ୍ତି । ଗସ୍ତ ଅବସରରେ ଜିଲ୍ଲା ସଂସ୍କୃତି ଓ ପର୍ଯ୍ୟଟନ ଅଧିକାରୀ ରଶ୍ମୀ ରଞ୍ଜନ ମିଶ୍ର ମନ୍ଦିର ପରିସର, ଝରଣା କୁଳ, ବଣ ଭୋଜି ସ୍ଥଳ, ଦୋକାନ ପାଖ ଅଞ୍ଚଳ ବୁଲି ଦେଖିଥିଲେ । ଅନେକ ସମୟ ରେ ମନ୍ଦିର ପରିସର ଓ ଝରଣା କୁଳ ମଇଳା ହୋଇ ପଡୁଥିବାରୁ ଗଣ ମାଧ୍ୟମ ରେ ଖବର ପ୍ରସାରିତ ହୋଇ ଆସିଥିଲା, ସେହି ପରି କିଛି ଦିନ ତଳେ ସ୍ଥାନୀୟ ଜନସାଧାରଣ ଜିଲାପାଳ ଙ୍କ ଠାରେ ଜଣାଇଥିଲେ । ସେହି ପରି ସୁରକ୍ଷା ବ୍ୟବସ୍ଥା ଠିକ୍ ନଥିବାରୁ ମଦ୍ୟପ ମାନଙ୍କ ଉତ୍ପାତ ଦେଖାଯାଉଥିଲା । ଏବେ ରାଜ୍ୟସରକାର ହରିଶଙ୍କର ରେ ସ୍ୱଚ୍ଛତା ଓ ସୁରକ୍ଷା କୁ ଗୁରୁତ୍ୱ ଦେଇ ସ୍ୱତନ୍ତ୍ର ଅର୍ଥ ବରାଦ କରିଥିବା ଜଣାଯାଇଛି । ଏହି ଅବସରରେ ବିଡ଼ିଓ ବିବେକାନନ୍ଦ ଷଡ଼ଙ୍ଗୀ, ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ର, ଫାଣ୍ଡି ଅଧିକାରୀ ସେବନ କେରକେଟା, ମନ୍ଦିର ପୂଜକ ନରସିଂହ ପୁଝାରୀ ପ୍ରମୁଖ ଉପସ୍ଥିତ ଥିଲେ । ପାନୀୟ ଜଳ ସମସ୍ୟା ନେଇ ମଧ୍ୟ ସ୍ଥାନୀୟ ଲୋକେ ଅଭିଯୋଗ କରିଥିଲେ । ଏବେ ଦେଖିବାକୁ ବାକି ରହିଲା କେତେଦିନ ମଧ୍ୟରେ ସମସ୍ୟାର ସମାଧାନ ହେବ ।

## ରେଳବାଇ ଇଞ୍ଜିନିୟରିଂ କର୍ମଚାରୀ ପୁରସ୍କୃତ

ସମ୍ବଲପୁର,(ପିଏନ)- ସମ୍ବଲପୁର ରେଳ ମଣ୍ଡଳର ଇଞ୍ଜିନିୟରିଂ ବିଭାଗର ସମ୍ବଲପୁର ଠାରେ କାର୍ଯ୍ୟରତ ଟେକ୍‌ନିସିଆନ ଜୟ ପ୍ରକାଶ ଭକ୍ତଙ୍କ କାର୍ଯ୍ୟଦକ୍ଷତା ଓ କାର୍ଯ୍ୟ ପ୍ରତି ଉଲ୍ଲେଖନୀୟ ଯୋଗଦାନ ପାଇଁ ସୁରସ୍କୃତ କରାଯାଇଅଛି । ତାଙ୍କର କର୍ତବ୍ୟ ନିଷ୍ଠା ଓ ସମର୍ପଣ ମାନ୍ୟତା ସ୍ୱରୂପ ମଣ୍ଡଳ ରେଳ ପ୍ରବନ୍ଧକ ପ୍ରଦୀପ କୁମାର ପ୍ରମାର ପତ୍ର ସହ ନଗଦ ରାଶି ଦେଇ ସମ୍ମାନିତ କରିଥିଲେ । ଏହି ଅବସରରେ ବରିଷ୍ଠ ମଣ୍ଡଳ ଇଞ୍ଜିନିୟର (ସମନ୍ୱୟ) ଜୟନ୍ତ କୁମାର ଖମାରୀ, ମଣ୍ଡଳ ଇଞ୍ଜିନିୟର (ମଧ୍ୟ) ସରୋଜ କାନ୍ତ ଦାସ ଉପସ୍ଥିତ ଥିଲେ ।

## ଭୁବନ ସିଏଚସିରେ ୬୧ ଜଣଙ୍କର ଆଂଟିଜେନ ଟେଷ୍ଟ ହେଲା

ଭୁବନ, (ପିଏନ)- ଭୁବନ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଗତ ଅଗଷ୍ଟ ୧୧ ତାରିଖ ମଙ୍ଗଳବାର ଠାରୁ ଆଂଟିଜେନ ଟେଷ୍ଟିଂ ଆରମ୍ଭ ହୋଇଥିବା ବେଳେ ଆଜି ସମୁଦାୟ ୬୧ ଜଣ ବ୍ୟକ୍ତି ଟେଷ୍ଟିଂ କରିଥିଲେ । ତେବେ ଆଜି ସୁଦ୍ଧା ୨୩୬୯ ଜଣ ବ୍ୟକ୍ତି ଆଂଟିଜେନ ଟେଷ୍ଟ କରିଥିବା ଜଣାପଡିଛି । ଭୁବନ ଏନଏସିରେ ଦିନକୁ ଦିନ ଥଣ୍ଡା,କାଶ,ଜ୍ୱର ସହିତ କରୋନା ସଂକ୍ରମିତ (ପଜିଟିଭ) ଙ୍କ ସଂଖ୍ୟା ବୃଦ୍ଧି ପାଇ ପାଖାପାଖି ୫ ଶହରେ ପହଁଚିଥିବାରୁ ଲୋକମାନେ ନିଜର ସୁରକ୍ଷା ଓ ସ୍ୱାସ୍ଥ୍ୟରକ୍ଷା ପାଇଁ ଅଧିକ ରୁ ଅଧିକ ସଂଖ୍ୟାରେ ଆଂଟିଜେନ ଟେଷ୍ଟ କରିବାକୁ ଡାକ୍ତରଖାନାରେ ଗହଳି କରୁଥିବା ଦେଖିବାକୁ ମିଳୁଛି ।

## ଉପଖଣ୍ଡ ଚିକିତ୍ସାଳୟରେ ବ୍ଲଡ ଷ୍ଟୋରେଜ ୟୁନିଟ୍‌କୁ କାର୍ଯ୍ୟକ୍ଷମ ଦାବୀ

ନୂଆପଡା, (ପିଏନ)- ନୂଆପଡା ଜିଲ୍ଲା ଖଡିଆଳ ସ୍ଥିତ ଉପଖଣ୍ଡ ସ୍ୱାସ୍ଥ୍ୟ କେନ୍ଦ୍ରରେ ଗତ ୩ ବର୍ଷ ତଳେ ବ୍ଲଡ ଷ୍ଟୋରେଜ ୟୁନିଟ ଖୋଲାଯାଇଥିଲା । ହେଲେ ଆବଶ୍ୟକ ରକ୍ତ ସଂଗ୍ରହ ହୋଇ ପାରୁନଥିବା ଯୋଗୁଁ ଏହି ୟୁନିଟ ବନ୍ଦ କରି ଦିଆଯାଇଥିବା ଜଣାପଡିଛି । ଫଳରେ ଏହି ୟୁନିଟକୁ ତୁରନ୍ତ କାର୍ଯ୍ୟକ୍ଷମ କରିବାକୁ ସାଧାରଣରେ ଦାବୀ ହେଉଛି । ନୂଆପଡା ଜିଲ୍ଲାର ପ୍ରମୁଖ ଏବଂ ମୁଖ୍ୟସ୍ଥଳୀ ଭାବରେ ଖଡିଆଳ ଜଣାଶୁଣା । ଏଠାରେ ରକ୍ତ ଅଭାବରୁ ଅନେକ ରୋଗୀ ଉପଯୁକ୍ତ ଚିକିତ୍ସା ସେବା ପାଇ ପାରୁନଥିବା ବେଳେ ବ୍ଲଡ ଷ୍ଟୋରେଜ ୟୁନିଟର ନିତାନ୍ତ ଆବଶ୍ୟକତା ରହିଛି । ରାଜ୍ୟ ସରକାର ତଥା ଜିଲ୍ଲା ପ୍ରଶାସନ ତରଫରୁ ପ୍ରତିମାସରେ ରକ୍ତଦାନ ଶିବିର ଆୟୋଜନ କରି ଆବଶ୍ୟକ ରକ୍ତ ମହଜୁଦ ରଖିବାକୁ ଇତିପୂର୍ବେ ଖଡିଆଳ ଉପଖଣ୍ଡ ଚିକିତ୍ସାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ତଦନୁରୁପ ଖଡିଆଳ ଉପଖଣ୍ଡ ଚିକିତ୍ସାଧିକାରୀ ରକ୍ତଦାନ ଶିବିର ଆୟୋଜନ ପାଇଁ ବୈଠକ ମଧ୍ୟ କରିଥିଲେ । କିନ୍ତୁ କୌଣସି କାରଣ ନଥାଇ ତାହାକୁ ବିନା କାରଣରେ ବନ୍ଦ କରି ଦିଆଯାଇଛି । ଖଡିଆଳ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପ୍ରସୂତୀ ଅସ୍ତ୍ରୋପ୍ରଚାର କେନ୍ଦ୍ର ରୁପେ ଜିଲ୍ଲା ପ୍ରଶାସନ ସ୍ୱୀକୃତି ଦେଇଥିବା ବେଳେ ଆନୁସାଙ୍ଗିକ ବ୍ୟବସ୍ଥା ନହେବା କାରଣରୁ ଅନେକ ଗର୍ଭବତୀ ମହିଳା ମାନେ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରସବ କରିବାକୁ ବିଫଳ ହେଉଛନ୍ତି । ଖଡିଆଳ ସ୍ୱାସ୍ଥ୍ୟକେନ୍ଦ୍ରରେ ଦୈନିକ ଦୈନିକ ୧୦ ରୁ ଉର୍ଦ୍ଧ ମାଁ ପ୍ରସବ କରୁଛନ୍ତି । କିନ୍ତୁ ଅନେକ ମାଁଙ୍କୁ ରକ୍ତ ମିଳୁନଥିବା ଯୋଗୁଁ ଶିଶୁ ଜନ୍ମ ଦେଲା ପରେ ମଧ୍ୟ ନୂଆପଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପ୍ରସୂତୀଙ୍କୁ ନେବାକୁ ବାଧ୍ୟ ହେଉଛନ୍ତି । ବ୍ଲଡ ଷ୍ଟୋରେଜ ୟୁନିଟ କାର୍ଯ୍ୟକ୍ଷମ ହେଲେ ଅନେକ ପ୍ରସୂତୀ ମାଁ ସମେତ ଅନ୍ୟାନ୍ୟ ରୋଗୀ ମାନେ ଉପକୃତ ହୋଇପାରନ୍ତେ ବୋଲି ଖଡିଆଳ ବୁଦ୍ଧିଜିବୀ ପ୍ରକାଶ କରିଛନ୍ତି । ଜିଲ୍ଲା ପ୍ରଶାସନ ତୁରନ୍ତ ଦୃଷ୍ଟି ଦେଇ ବ୍ଲଡ ଷ୍ଟୋରେଜ ୟୁନିଟକୁ କାର୍ଯ୍ୟକ୍ଷମ କରିବାକୁ ସାଧାରଣରେ ଦାବୀ ହେଉଛି ।

## ୩୦ ବର୍ଷର ଫଳପୁରର ଜଙ୍ଗଲ ଜମି ଏବେ ବ୍ୟକ୍ତିଗତଙ୍କ ନାଁରେ : ଆନ୍ଦୋଳନ ପାଇଁ ୫ ପଂଚାୟତବାସୀ ଏକଜୁଟ

ଭଦ୍ରକ, (ପିଏନ)- ଭଦ୍ରକ ଜିଲା ଧାମନଗର ତହସିଲ ଅଧିନରେ ଥିବା ବିଭିନ୍ନ ଗୋଚର, ଅନାବାଦୀ ଓ ଜଙ୍ଗଲ ଜମିକୁ କେତେକ ଜମି ଦଲାରୀ ଚଂଚକତା କରି ନିଜ ନାମରେ କରି ନେଇଥିବା ଅଭିଯୋଗ ହୋଇଛି । ଏପରିକି ଉକ୍ତ ଜମିରେ ସଂପୃକ୍ତ ଦଲାରୀମାନେ ପକ୍କାଘର ସହିତ ଜବରଦଖଲ କରିବାରେ ସକ୍ଷମ ହୋଇଛନ୍ତି । ଏନେଇ ବିଭିନ୍ନ ମହଲରୁ ବାରମ୍ବାର ଅଭିଯୋଗ ସତ୍ୱେ ବି ସେମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ହେଉନଥିବା ଅଭିଯୋଗ ହୋଇଛି । ଏହାକୁ ନେଇ ଅଂଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ପ୍ରକାଶ ଥାଉକି ଧାମନଗର ତହସିଲ ଅନ୍ତର୍ଗତ ଭଙ୍ଗସାହି ପଂଚାୟତ ଫଳପୁର ମୌଜାର ତଫସିଲ ଗ୍ରାମ୍ୟ ଜଙ୍ଗଲ ବୃତିକୁ ଚଂଚକତା କରି ଧୁଷୁରୀ ଅଂଚଳର ଜନୈକ ବ୍ୟକ୍ତି ନିଜ ନାମରେ ପଟ୍ଟା କରିନେଇଥିବା ଜଣାଯାଇଛି । ଅଭିଯୋଗରୁ ଜଣାଯାଇଛି ଯେ, ଜମିଦାରୀ ସମୟରେ ସୁଶିଳାବାଳା ଦାସୀ ନାମରେ ଉକ୍ତ ତଫସିଲ ରେକର୍ଡ ଦରଜ ଥିଲା । ସାବକରେ ଏହାର ଖାତା ନଂ- ୧୩୫ ଅବଂ ପ୍ଲଟ ନଂ-୧୫୬୦ ଓ ୧୫୬୧, ରକବା ୨ଏକର ୧୧ ଡିସିମିଲ ଥିଲା । ତତ୍‌ପରେ ଉକ୍ତ ତଫସିଲ ହାଲ ବନ୍ଦୋବସ୍ତରେ ରାଧାକାନ୍ତ ବୋଷ ପିତା-ରାମକୃଷ୍ଣ ବୋଷ, ବାସସ୍ଥାନ-କୋଠାରରେ ରେକର୍ଡ ଦରଜ ଥାଇ ପୁନର୍ବାର ରାଧାକାନ୍ତ ବୋଷଙ୍କ ଦୁଇ କନ୍ୟା ରାଜେଶ୍ୱରୀ ଦେ ଓ ତନୁଶ୍ରୀ ମିତ୍ରଙ୍କ ନାମରେ ରେକର୍ଡ ହୋଇଥିଲେ ହେଁ ପ୍ରକୃତପକ୍ଷେ ସେମାନେ କେହିଁ ଏହି ଜଙ୍ଗଲ ଜମିରେ ଦଖଲଦାରୀ ନଥିଲେ । ପରବର୍ତୀ ସମୟରେ ଧୁଷୁରୀ ଅଂଚଳର ଜନୈକ ବ୍ୟକ୍ତି ସେମାନଙ୍କ ଠାରୁ ଚଂଚକତା କରି ଉକ୍ତ ଜଙ୍ଗଲ ଜମିକୁ ନିଜ ନାମରେ କରି ପଟ୍ଟା ପାଇବାରେ ସକ୍ଷମ ହୋଇଛନ୍ତି । ଏହି ଚଂଚକତା ଘଟଣା ଜଣାପଡିବା ପରେ ଆଖପାଖ ଅଂଚଳର ଭଙ୍ଗସାହି ସମେତ ନଦୀଗାଁ, ଦଳାଙ୍ଗ, ଅର୍ଜୁନପୁର ଓ ବୟାଙ୍ଗଡିହ ଆଦି ପଂଚାୟତର ଶହଶହ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ଉକ୍ତ ଗ୍ରାମ୍ୟ ଜଙ୍ଗଲରେ ପାରିପାର୍ଶ୍ୱରେ ଅରଳେଶ୍ୱର ମହାଦେବ ମନ୍ଦିର, ଶନିଦେବଙ୍କ ମନ୍ଦିର, କଣ୍ଡିଆଶୁଣି ଏବଂ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଅସ୍ଥାନ ରହିଛି । ମଧ୍ୟଭାଗରେ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ରାସ୍ତା ଏବଂ ଜଙ୍ଗଲର ଚତୁଃପାର୍ଶ୍ୱରେ କଣ୍ଡିଆ ଓ ଗେଙ୍ଗୁଟି ନଦୀ ଥିବାରୁ ପରିବେଷକୁ ସୁନ୍ଦର କରିଛି । ଏନେଇ ଉକ୍ତ ୫ଟି ପଂଚାୟତର ଶତାଧିକ ଜନସାଧାରଣ ଏହି ଗ୍ରାମ୍ୟ ଜଙ୍ଗଲ ପରିସରରେ ଥିବା କଣ୍ଡିଆଶୁଣୀ ପୀଠରେ ଏକତ୍ରିତ ହୋଇ ପରବର୍ତୀ କାର୍ଯ୍ୟପନ୍ଥା ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ୩୦ ବର୍ଷ ଧରି ସରକାରଙ୍କ ଏହି ସ୍ଥାନ ଗ୍ରାମ୍ୟ ଜଙ୍ଗଲର ମାନ୍ୟତା ପାଇଥିଲା ବେଳେ କିପରି ଭାବେ ଏହି ଜମିକୁ ସଂପୃକ୍ତ ବ୍ୟକ୍ତିଙ୍କ ନାମରେ ରେକର୍ଡଭୂକ୍ତ କରାଗଲା । ଏହି ର୍‍ୟାକେଟ ପଛରେ କେଉଁ ସରକାରୀ ଅଧିକାରୀଙ୍କ ହାତ ଅଛି ତାହାକୁ ତୁରନ୍ତ ବାହାର କରିବା ସହିତ ଜଙ୍ଗଲ ଜମିକୁ ସୁରକ୍ଷା ଦେବା ପାଇଁ ଏକ ପ୍ରତିନିଧି ଦଳ ଆଗାମୀ ଦିନରେ ଭଦ୍ରକ ଜିଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିବାକୁ ସ୍ଥିର କରାଯାଇଛି । ଏଥିସହ ଧାମନଗର ତହସିଲଦାରଙ୍କ ସମେତ ମୁଖ୍ୟମନ୍ତ୍ରୀ, ଆରଡିସି, ରାଜସ୍ୱ ଓ ଜଙ୍ଗଲ ବିଭାଗର ମନ୍ତ୍ରୀ, ସାଂସଦ, ସ୍ଥାନୀୟ ବିଧାୟକ ଓ ପଂଚାୟତ ସମିତି ଅଧ୍ୟକ୍ଷଙ୍କୁ ଏକ ଲିଖିତ ଅଭିଯୋଗ ପତ୍ର ପ୍ରଦାନ କରାଯିବା ପାଇଁ ନିଷ୍ପତି ହୋଇଛି । ଏହି ବୈଠକରେ ସମାଜସେବୀ ମଧୁସୂଦନ ମହାନ୍ତିଙ୍କ ସଭାପତିତ୍ୱରେ ନାରାୟଣ ଚନ୍ଦ୍ର ନାୟ, ସଂଜୟ କୁମାର ମହାପାତ୍ର, ଉମେଶ ଚନ୍ଦ୍ର ମହାନ୍ତି, ସମିତିସଭ୍ୟ ବିରଜା ପ୍ରସନ୍ନ ରାଉତ, ବିଶ୍ୱଜିତ ପତି, ସଂଜିବ କୁମାର ସାହୁ, ଦୁଃଶାସନ ପଣ୍ଡା, ପ୍ରମୋଦ କୁମାର ମହାନ୍ତି, ମନୋଜ କୁମାର ମହାନ୍ତି, ଗୋଲେଖ ଚନ୍ଦ୍ର ମହାନ୍ତି, ହରେକୃଷ୍ଣ ମହାଳିକ, ଆନନ୍ଦଚନ୍ଦ୍ର ମହାପାତ୍ର, ବାବାଜୀ ଚରଣ ନାୟକ, ପ୍ରଦୀପ ମହାପାତ୍ର, ସନ୍ଦିପ ମହାନ୍ତି, ଜନ୍ମଜୟ ପତି, ବୁଲୁ ପଣ୍ଡା, ଉପେନ୍ଦ୍ର ମହାପାତ୍ର, ରାମଚନ୍ଦ୍ର ସାହୁ, ପ୍ରଦୀପ ନାୟକ, ଦିପ୍ତି ମହାପାତ୍ର, କ୍ଷେତ୍ରବାସୀ ବାରିକ, ହରେକୃଷ୍ଣ ପ୍ରଧାନ, ପ୍ରତାପ ଜେନାଙ୍କ ସମେତ ଶତାଧିକ ଜନସାଧାରଣ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ଉପରୋକ୍ତ କାର୍ଯ୍ୟକୁ ପରିଚାଳନା ପାଇଁ ଏକ କମିଟି ଗଠନ କରାଯାଇଛି ।

